ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25. No.298 Bhubaneswar Saturday January 14, 2023 ୨୫ତମ ବର୍ଷ ସଂଖ୍ୟା-୨୯୮ ଭୁବନେଶ୍ୱର, ଶନିବାର, ଜାନୁଆରୀ ୧୪,୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ହକି ବିଶ୍ୱକପ୍: ବିଜୟରୁ ଭାରତର ଅଭିଯାନ ଆରମ୍ଭ

**ରାଉରକେଲା (ପିଏନ):** ଏଫଆଇଏଚ୍ ଓଡିଶା ହକି ପୁରୁଷ ବିଶ୍ୱକପ୍ ୨୦୨୩ରେ ଆଜି ପ୍ରଥମ ଦିନରେ ଚ଼ାରିଟି ମ୍ୟାଚ୍ ଖେଳା ଯାଇଥିବା ବେଳେ ଶେଷ ମ୍ୟାଚ୍‌ଟି ଭାରତ ଓ ସ୍ପେନ ମଧ୍ୟରେ ହୋଇଥିଲା। ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳା ଯାଇଥିବା ବେଳେ ଏଥିରେ ଭାରତ ବିଜୟୀ ହୋଇଛି। ଭାରତୀୟ ଦଳ ୨-୦ ଗୋଲରେ ସ୍ପେନ୍‌କୁ ପରାସ୍ତ କରିଛି। ଏହା ସହିତ ଦଳ ବିଜୟରୁ ତା'ର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଛି।



ପ୍ରଥମ କ୍ୱାର୍ଟର ଆରମ୍ଭରୁ ଭାରତ ଧୀମା ଖେଳିଥିଲା। କିନ୍ତୁ ସମୟ ବିତିବା ସହିତ ଦଳ ଖେଳର ବେଗ ବଢାଇଥିଲା। ଏହି କ୍ୱାର୍ଟରର ଅଧା ସମୟ ବିତିବା ପର୍ଯ୍ୟନ୍ତ ଭାରତ କିମ୍ବା ସ୍ପେନ୍ କାହାକୁ ପେନାଲ୍‌ଟି କର୍ଣ୍ଣର ମିଳି ନଥିଲା। ପରେ ଭାରତକୁ ପେନାଲ୍‌ଟି କର୍ଣ୍ଣର ମିଳିଥିଲା। ପ୍ରଥମ ପେନାଲ୍‌ଟି କର୍ଣ୍ଣରକୁ ଭାରତ ଗୋଲ୍‌ରେ ପରିଣତ କରିବାରେ ବିଫଳ ହୋଇଥିଲା। କିନ୍ତୁ ତା' ପରେ ମିଳିଥିବା ପେନାଲ୍‌ଟି କର୍ଣ୍ଣରକୁ ଦଳ ଗୋଲରେ ପରିଣତ କରିଥିଲା। ଆଉ ଏହି ଗୋଲ୍‌ଟି କରିଥିଲେ ଦଳର ଉପ-ଅଧିନାୟକ ତଥା ଓଡିଶାର ଅମିତ ରୋହିଦାସ। ପ୍ରଥମ କ୍ୱାର୍ଟର ଶେଷ ସୁଦ୍ଧା ଭାରତ ୧-୦ ଗୋଲରେ ଆଗୁଆ ରହିଥିଲା।

ଦ୍ୱିତୀୟ କ୍ୱାର୍ଟରରେ ଭାରତୀୟ ଟିମ୍ ?ରେ ସାମାନ୍ୟ ପରିବର୍ତ୍ତନ ହୋଇଥିଲା। ଶ୍ରୀଜେଶଙ୍କ ସ୍ଥାନରେ କୃଷ୍ଣ ପାଠକ ଗୋଲ୍‌କିପର ଦାୟିତ୍ୱ ନେଇଥିଲେ। ଏହି କ୍ୱାର୍ଟରରେ ମଧ୍ୟ ଭାରତ ତା'ର ଆକ୍ରମଣ ଜାରି ରଖିଥିଲା। ସ୍ପେନ୍ କାଉଣ୍ଟର ଆଟାକ୍ କରିଥିଲା। କିନ୍ତୁ ଭାରତକୁ ଚେକ୍ ଦେବାରେ ବିଫଳ ହୋଇଥିଲା। ଏହି କ୍ୱାର୍ଟରରେ ସ୍ପେନ୍ ତା'ର ପ୍ରଥମ ପେନ୍‌ଲାଟି କର୍ଣ୍ଣର ପାଇଥିଲା। ତେବେ ଏହାକୁ ଗୋଲ୍‌ରେ ପରିଣତ କରିପାରି ନଥିଲା। ଭାରତୀୟ ଗୋଲ୍ କିପର କୃଷ୍ଣ ପାଠକ ଗୋଲ ହେବାକୁ ଦେଇ ନଥିଲେ। ଅନ୍ୟପକ୍ଷରେ ଭାରତ ଆଉ ଗୋଟିଏ ଗୋଲ୍ ଦେବାରେ ସଫଳ ହୋଇଥିଲା। ଏହି ଗୋଲ୍‌ଟି ହାର୍ଦ୍ଦିକ ସିଂହ ଦେଇଥିଲେ।ଭାରତ ୨-୦ ଗୋଲରେ ଆଗୁଆ ରହି ତୃତୀୟ କ୍ୱାର୍ଟରରେ ପହଞ୍ଚିଥିଲା। ଏହି କ୍ୱାର୍ଟରରେ କେହି କାହା ଉପରେ ଗୋଲ୍ ଦେଇ ପାରି ନଥିଲେ। ଭାରତ କିଛି ସୁଯୋଗ ପାଇଥିଲେ ବି ସେଗୁଡିକୁ ଗୋଲ୍‌ରେ ପରିଣତ କରିପାରି ନଥିଲା। ତୃତୀୟ କ୍ୱାର୍ଟର ମଧ୍ୟ ୨-୦ରେ ଶେଷ ହୋଇଥିଲା।

ଚ଼ତୁର୍ଥ କ୍ୱାର୍ଟରରେ ସ୍ପେନ୍ ଖେଳକୁ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରୟାସ କରିଥିଲା। ଏହି କ୍ୱାର୍ଟରେ ଅଭିଷେକଙ୍କୁ ହଳଦିଆ କାର୍ଡ ମିଳିଥିଲା। ଫଳରେ ୧୦ ମିନିଟ୍ ପାଇଁ ୧୦ ଜଣ ଖେଳାଳିରେ ଦଳ ଖେଳିଥିଲା। ଏହି କ୍ୱାର୍ଟରରେ କିଛି ସମୟ ପାଇଁ ଭାରତକୁ ଚ଼ାପରେ ରଖି ସ୍ପେନ୍ ଏକ ପେନାଲ୍‌ଟି କର୍ଣ୍ଣର ପାଇଥିଲା। ତେବେ ଏହାକୁ ଗୋଲରେ ପରିଣତ କରି ପାରି ନଥିଲା। ପୁଣି ଗୋଲକିପରି କୃଷ୍ଣ ପାଠକ ଏଥିରେ ବାଧକ ସାଜିଥିଲେ। ଆଉ ଶେଷରେ ଭାରତ ବିଜୟୀ ହୋଇଥିଲା। ଅମିତ ରୋହିଦାସଙ୍କ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

ସୂଚ଼ନାଯୋଗ୍ୟ, ଆଜି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଖେଳା ଯାଇଥିବା ପ୍ରଥମ ଦୁଇଟି ମ୍ୟାଚ୍‌ରେ ଯଥାକ୍ରମେ ଆର୍ଜେଣ୍ଟିନା ଓ ଅଷ୍ଟ୍ରେଲିଆ ବିଜୟୀ ହୋଇଥିଲେ। ଆର୍ଜେଣ୍ଟିନା ୧-୦ ଗୋଲର ଦକ୍ଷିଣ ଆଫ୍ରିକାକୁ ଓ ଅଷ୍ଟ୍ରେଲିଆ ୮-୦ ଗୋଲରେ ଫ୍ରାନ୍ସକୁ ହରାଇଥିଲା। ସେହିପରି ରାଉରକେଲାରେ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଖେଳା ଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ଇଂଲଣ୍ଡ ୫-୦ ଗୋଲ୍‌ରେ ୱେଲ୍‌ସକୁ ପରାସ୍ତ କରିଥିଲା।



ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ



## ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ପ୍ରତିମୂର୍ତ୍ତି ଅନାବରଣ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,(ପିଏନ)-** ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପ୍ରମୁଖ ବିନ୍ଧାଣୀ ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଏଜି ଛକରେ ନିର୍ମିତ ଓଡ଼ିଶାର ବରପୁତ୍ର ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେବଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ କରିଛନ୍ତି।

## ବିଶ୍ୱର ସର୍ବବୃହତ୍ତ 'ଗଙ୍ଗା ବିଳାସ' କ୍ରୁଜ୍‌ର ଶୁଭାରମ୍ଭ କଲେ ମୋଦି

**ବାରାଣସୀ, (ପିଏନ)-** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଦିନ ଭର୍ଚୁଆଲ ମାଧ୍ୟମରେ ନିଜର ସଂସଦୀୟ କ୍ଷେତ୍ର ବାରାଣସୀରୁ ବିଶ୍ୱର ସବୁଠାରୁ ଦୀର୍ଘ ରିଭର କ୍ରୁଜ-ଏମଭି ଗଙ୍ଗା ବିଳାସକୁ ସବୁଜ ପତାକା ଦେଖାଇଛନ୍ତି । ଏହା ପରେ ଏହି କ୍ରୁଜ ଆସାମର ଡିବ୍ରୁଗଡ ପାଇଁ ଯାତ୍ରା ଆରମ୍ଭ କରିଛି । ଏହା ପରେ ପ୍ରଧାନମନ୍ତ୍ରୀ ଟେଂଟ ସିଟିର ମଧ୍ୟ ବଟନ ଚିପି ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ପାଖାପାଖି ଏକ ହଜାର କୋଟି ଟଙ୍କାରୁ ଅଧିକ ରାଶିର ଅନ୍ୟ ଅନ୍ତର୍ଦ୍ଦେଶୀୟ ଜଳମାର୍ଗ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି । ଏଥିରେ ହଳଦିଆରେ ମଲଟି ମଡେଲ ଟର୍ମିନାଲର ଉଦଘାଟନ ମଧ୍ୟ ସାମିଲ ରହିଛି। ଏହି ଅବସରରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଗଙ୍ଗା ଆମ ପାଇଁ କେବଳ ଜଳଧାରା ମାତ୍ର ନୁହେଁ। ଗଙ୍ଗା ଭାରତର ତପ-ତପସ୍ୟାର ସାକ୍ଷୀ ମଧ୍ୟ। ଭାରତର ସ୍ଥିତି ଓ ପରିସ୍ଥିତି





ଯେଭଳି ରହୁ ନା କାହିଁକି ମା ଗଙ୍ଗା ସବୁ ବେଳେ କୋଟି କୋଟି ଭାରତୀୟ ମାନଙ୍କୁ ପୋଷିତ କରିଛନ୍ତି , ଆମକୁ ପ୍ରେରିତ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆଜି ମୋର କାଶୀରୁ ଡିବ୍ରୁଗଡ ଯାଏ ବିଶ୍ୱର ସବୁଠାରୁ ବଡ ଜଳ ଯାତ୍ରା ଗଙ୍ଗା ବିଳାସ କ୍ରୁଜର ଶୁଭାରମ୍ଭ ହୋଇଛି । ଏହି କ୍ରୁଜରେ ଥିବା ବିଦେଶୀ ଟୁରିଷ୍ଟ ମାନଙ୍କୁ କହିବାକୁ ଚାହୁଁଛି ଯେ ଭାରତ ନିକଟରେ ସବୁ କିଛି ଅଛି । ଇଣ୍ଡିଆକୁ ଶବ୍ଦରେ ଡିଫାଇନ କରାଯାଇ ପାରିବ ନାହିଁ। ଭାରତକୁ ଅନୁଭବ କରା ଯାଇ ପାରିବ ବୋଲି ସେ କହିଛନ୍ତି ।

## ଆସୁଛି ପଶ୍ଚିମା-ଝଡ଼

**ଭୁବନେଶ୍ୱର, (ପିଏନ)-** ଆସୁଛି ପଶ୍ଚିମା-ଝଡ଼ । ଏହାର ପ୍ରଭାବରେ ଆସନ୍ତା ୧୭ ତାରିଖ ବେଳକୁ ରାଜ୍ୟରେ କିଛି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ସୁନ୍ଦରଗଡ଼, କେନ୍ଦୁଝର, ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ ଏବଂ ଢେଙ୍କାନାଳ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକା ବର୍ଷା ସମ୍ଭାବନା ରହିଛି । ଏନେଇ ପୂର୍ବାନୁମାନ କରିଛି ଆଂଚଳିକ ପାଣିପାଗ ବିଭାଗ । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି।

## ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ନବାଙ୍କ ବେଶ

**ପୁରୀ, (ପିଏନ)-** ଶ୍ରୀମନ୍ଦିରରେ ଶ୍ରୀଜୀଉ ମାନଙ୍କ ନବାଙ୍କ ବେଶ ସହ ଚାଉଳ ମେଲାଣ ଓ ଫୁଲ ମେଲାଣ ଉତ୍ସବ ଆଜି ଅନୁଷ୍ଠିତ ହୋଇଛି। ସଂଧ୍ୟା ଆଳତି ବେଶରେ ମାଳଚୂଳମାନ ଖୁଂଟିଆ ଓ ପୁଷ୍ପାଳକ ସେବକଙ୍କ ସହାୟତାରେ ଠାକୁର ମାନଙ୍କୁ ଲାଗି କରାଯାଇଥିଲା । ବଡ଼ସିଂହାର ବେଶରେ ସୋଲ ଓ ଜରି, କଇଁଥ ଅଠାରେ ପ୍ରସ୍ତୁତ ଶଙ୍ଖ, ଚକ୍ର, ହଳ, ମୁଷଳ, କୁଣ୍ଡଳ ଡଉଗୀ ଇତ୍ୟାଦି ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର ଓ ମା ସୁଭଦ୍ରାଙ୍କୁ ଲାଗି କରାଯାଇଥିଲା । ଏହି ବେଶରେ ଜଗନ୍ନାଥ ଓ ବଳଭଦ୍ର ଯଥାକ୍ରମେ ସୋଲ ନିର୍ମିତ ମକର କୁଣ୍ଡଳ ଓ ଶଙ୍ଖ, ଚକ୍ର, ହଳ, ମୁଷଳ ଇତ୍ୟାଦି ଧାରଣ କରିଥିଲେ । ଏହି ବେଶ ନବାଙ୍କ ବେଶ ରୂପେ ପରିଚିତ । ଏହି ବେଶର ପ୍ରବର୍ତ୍ତକ ହେଉଛନ୍ତି ଚୈତନ୍ୟ ଦେବ । ପୂର୍ବେ ଏହି ବେଶର ସାମଗ୍ରୀ ଦକ୍ଷିଣ ପାର୍ଶ୍ୱ ମଠ (ଶ୍ରୀରାମ ଦାସ ମଠ) ଯୋଗାଇ ଆସୁଥିଲେ । ଗତ କିଛି ବର୍ଷ ଧରି ସମ୍ପୃକ୍ତ ମଠ ବେଶ ସାମଗ୍ରୀ ଯୋଗାଉ ନଥିବା ଜଣାଯାଏ । ସମ୍ପ୍ରତି ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଏହି ବେଶର ସମସ୍ତ ଖର୍ଚ୍ଚ ନିର୍ବାହ କରାଯାଉଛି ।ନବାଙ୍କ ବେଶରେ ଠାକୁରମାନଙ୍କ ଶିରରୁ ରତ୍ନସିଂହାସନ ଚଟାଣ ଯାଏଁ ଗେଣ୍ଡୁଫୁଲର ମାଳରେ ସୁସଜ୍ଜିତ କରାଯାଇଥିଲା। ବଡ଼ସିଂହାର ବେଶରେ ଦେବତାମାନଙ୍କୁ ଅଳଙ୍କୃତ କରୁଥିବା ଚିତା, ଗୁଣା, କରପଲ୍ଲବ, ଅଧରମାଳା ଓ ଶ୍ରୀପୟର ମାଳା ମଧ୍ୟ ପ୍ରଧାନତଃ ଗେଣ୍ଡୁ ଫୁଲରେ ନିର୍ମିତ ହୋଇଥିଲା । ହୃଦ ପଦକରେ ଗେଣ୍ଡୁ ଫୁଲ ସହିତ ଗୋଲାପ ଫୁଲର ସମ୍ମିଶ୍ରଣ ଘଟିଥିଲା । ସାଧାରଣ ଦିନମାନଙ୍କରେ ଚାରି ପାଂଚଟି ମାଳ ଲାଗୁଥିଲେ ମଧ୍ୟ ନବାଙ୍କ ବେଶରେ ଦଶ ପନ୍ଦରଟି ମାଳ ଲାଗି ହୋଇଥିଲା । ଏହି ଦିନ ଲାଗୁଥିବା ଶିର ଭୂଷଣ ଓ ଟୋପରଗୁଡିକ ତୁଳସୀପତ୍ର ଦ୍ୱାରା ପ୍ରସ୍ତୁତ ହୋଇଥିଲା ଏବଂ ସେହି ଟୋପର ଉପରେ ଗେଣ୍ଡୁଫୁଲର ମାଳା ଗୁଡା ଯାଇଥିଲା । ମକର ସଂକ୍ରାନ୍ତି ପୂର୍ବଦିନ ଅନୁଷ୍ଠିତ ହେଉଥିବା ଏହି ବେଶରେ ବହୁଳ ଭାବରେ ଗେଣ୍ଡୁ ଫୁଲ ବ୍ୟବହାର ହେଉଥିବା କାରଣ ହେଉଛି ଏହି ସମୟରେ ଅଧିକ ଗେଣ୍ଡୁଫୁଲ ମିଳେ । ନବାଙ୍କ ବେଶ ସହିତ ନବାଙ୍କ ବେଢାର ମଧ୍ୟ ତାତ୍ପର୍ଯ୍ୟ ରହିଛି । ଏହି ଦିନ ବଡ଼ସିଂହାର ଭୋଗ ପରେ ମଦନମୋହନ ଦକ୍ଷିଣ ଘରୁ ବିଜେ କରି ରତ୍ନସିଂହାସନକୁ ଆସନ୍ତି । ସେଠାରୁ ଆଜ୍ଞାମାଳ ପାଇ ରତ୍ନସିଂହାସନକୁ ସାଢେ ଚାରିଥର ପ୍ରଦକ୍ଷିଣ କରି ବଟମୂଳେ ଥିବା ପାଲିଙ୍କିରେ ବିଜେ କରି ଦେଉଳ ଚାରିପାଖକୁ ସାଢେ ଚାରିଥର ପ୍ରଦକ୍ଷିଣ କରନ୍ତି ।

### ଭଏସ୍ ଅଫ୍ ଗ୍ଲୋବାଲ ସାଉଥ ସମ୍ମିଟ"ରେ କେନ୍ଦ୍ରମନ୍ତ୍ରୀଙ୍କ ଉଦବୋଧନ

## ୨୦୨୫ ସୁଦ୍ଧା ଦେଶର ୫୦% ଯୁବବର୍ଗଙ୍କୁ ଧନ୍ଦାମୂଳକ ଶିକ୍ଷାରେ ସଶକ୍ତ କରିବା ଆମର ଲକ୍ଷ୍ୟ- ଧର୍ମେନ୍ଦ୍ର ପ୍ରଧାନ

**ନୂଆଦିଲ୍ଲୀ/ ଭୁବନେଶ୍ୱର,(ପିଏନ)-** ୨୦୨୫ ସୁଦ୍ଧା ଭାରତର ୫୦ ପ୍ରତିଶତ ଯୁବବର୍ଗଙ୍କୁ ଧନ୍ଦାମୂଳକ ଶିକ୍ଷାରେ ସଶକ୍ତ କରାଯିବାର ଲକ୍ଷ୍ୟ ରଖାଯାଇଛି ଏବଂ ସ୍କୁଲ, ଦକ୍ଷତା ଓ ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ନ୍ୟାସନାଲ କ୍ରେଡିଟ୍ ଫ୍ରେମୱାର୍କ(ଏନସିଏଫ୍) ବିକଶିତ କରାଯାଇଛି ବୋଲି ଶୁକ୍ରବାର "ଭଏସ ଅଫ୍ ଗ୍ଲୋବାଲ ସାଉଥ ସମ୍ମିଟ"ରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଯେତେବେଳେ ଭାରତ ଜି୨୦ର ଅଧ୍ୟକ୍ଷତା କରୁଛି, ସେହି ସମୟରେ "ଭଏସ ଅଫ୍ ଗ୍ଲୋବାଲ ସାଉଥ ସମ୍ମିଟ" ନୂଆ ଆଇଡିଆ ଏବଂ ଗ୍ଲୋବାଲ ସାଉଥ ଦେଶ ଗୁଡିକର ବାର୍ତ୍ତାକୁ ଜି-୨୦ ମଂଚରେ ଉପସ୍ଥାପନା କରିପାରିବାର ଏକ ଭଲ ପ୍ଲାଟଫର୍ମ । ଜି-୨୦ ସମ୍ମିଳନୀର କଥାବସ୍ତୁ ରହିଛି 'ଗୋଟିଏ ପୃଥିବୀ, ଗୋଟିଏ ପରିବାର ଏବଂ ଗୋଟିଏ ଭବିଷ୍ୟତ', ଯାହା ଭାରତୀୟ ବିଚାର ଏବଂ ମୂଲ୍ୟବୋଧ "ବସୁଧୈବ କୁଟୁମ୍ବକମ" ଉପରେ ଆଧାରିତ । ଜି୨୦ ଶିକ୍ଷା କାର୍ଯ୍ୟକାରୀ ଗ୍ରୁପରେ ପୌଢ ଶିକ୍ଷା, ଗଣନା, ପ୍ରଯୁକ୍ତିବିଦ୍ୟା ଆଧାରିତ ଶିକ୍ଷା ଆହରଣ, ଭବିଷ୍ୟତର କାର୍ଯ୍ୟ ପରିପ୍ରେକ୍ଷୀରେ ଜୀବନବ୍ୟାପୀ ଶିକ୍ଷା ଆରହଣ, ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଉଦ୍ଭାବନ ଓ ଗବେଷଣା ଉପରେ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି। ମାନବ ସମ୍ବଳ ବିକାଶ, ଦକ୍ଷତା ବୃଦ୍ଧି, ଭବିଷ୍ୟତ ପାଇଁ ଦକ୍ଷ ମାନବ ସମ୍ବଳ, ଧନ୍ଦାମୂଳକ ଶିକ୍ଷାକୁ ଅଧିକ ସୁଦୃଢ଼ କରିବା ପାଇଁ ଅଂଶଗ୍ରହଣ କରୁଥିବା ଦେଶ ଗୁଡିକର ପ୍ରଚଳିତ ସର୍ବୋତମ ଯୋଜନା ଗୁଡିକ ଉପରେ ଆଲୋଚନା କରାଯିବ ।

ଗ୍ଲୋବାଲ ସାଉଥ ଦେଶରେ ଥିବା ଶିକ୍ଷା ବ୍ୟବସ୍ଥା ପରାଧୀନ ମାନସିକତା ଯୋଗୁଁ ଶତାବ୍ଦୀ ଶତାବ୍ଦୀ ଧରି କ୍ଷତି ସହୁଥିଲା। ସମୟ ଆସିଛି, ଏହାକୁ ପରିବର୍ତ୍ତନ କରି ଆମ ଜନସାଧାରଣଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ କାର୍ଯ୍ୟ କରିବା । ସର୍ବବ୍ୟାପୀ, ସର୍ବସ୍ପର୍ଶୀ, ଗୁଣାତ୍ମକ, ସୁଲଭ ଏବଂ ଉତ୍ତରଦାୟିତ୍ୱ ଭଳି ସ୍ତମ୍ଭ ଉପରେ ପର୍ଯ୍ୟବେସିତ ଜାତୀୟ ଶିକ୍ଷା ନୀତି ଭାରତୀୟ ଚରିତ୍ର ସହ ଜଡିତ ଏବଂ ୨୦୩୦ ସାମଗ୍ରିକ ବିକାଶ ସହ ସମ୍ପୃକ୍ତ। ଏହା ଆମ ଯୁବପିଢିଙ୍କୁ ବୈଶ୍ୱିକ ନାଗରିକ ଭାବରେ ବିକଶିତ କରିବ, ଯାହା ଦ୍ୱାରା ସେମାନେ ମାନବତାର କଲ୍ୟାଣ ପାଇଁ ବୈଶ୍ୱିକ ସମସ୍ୟାର ସମାଧାନର ସୂତ୍ର ବାହାର କରିପାରିବେ ।



ସ୍କୁଲ ଶିକ୍ଷା ସ୍ତରରେ ପ୍ରାରମ୍ଭିକ ଶୈଶବ ଯତ୍ନ ଓ ଶିକ୍ଷାକୁ ପ୍ରାଥମିକତା ଦିଆଯାଇଛି ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱାକ୍ଷର ଏବଂ ସଂଖ୍ୟାକୁ ସୁଦୃଢ଼ କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି । ଦିବ୍ୟାଙ୍ଗ ଶିଶୁଙ୍କୁ ସବୁପ୍ରକାର ସହଯୋଗ ପ୍ରଦାନ କରାଯିବା ସହ ଶିକ୍ଷକଙ୍କ କାପାସିଟି ବିଲଡିଂ ଏବଂ ଟ୍ରେନିଂ ଉପରେ ମଧ୍ୟ ପଦକ୍ଷେପ ନିଆଯାଇଛି। ସ୍କୁଲ ଯାଉଥିବା ବାଳିକାଙ୍କ ସ୍ୱାସ୍ଥ୍ୟ ଏବଂ ପୋଷଣକୁ ଉନ୍ନତ କରିବା ପାଇଁ ଆମ ସରକାର ଅନେକ ପଦକ୍ଷେପ ନେଉଛନ୍ତି । ପାଠ୍ୟକ୍ରମକୁ ପୁନଃ ଡିଜାଇନ କରାଯାଇ ଏହାକୁ ଛାତ୍ରଛାତ୍ରୀ କେନ୍ଦ୍ରୀତ କରିବା ସହ ମାତୃଭାଷାରେ ଶିକ୍ଷା ଆହରଣ ଓ ଶିକ୍ଷାଦାନକୁ ବିଶେଷ ମହତ୍ୱ ଦିଆଯାଇଛି । ବହୁମୁଖୀ ଶିକ୍ଷାକୁ ପ୍ରୋତ୍ସାହନ ଦିଆଯାଇ ଉଚ୍ଚ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ସଂସ୍କାର ଅଣାଯାଇଛି । ପରିବର୍ତ୍ତିତ ବିଶ୍ୱର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମଲଟି ଏଂଟ୍ରି – ଏକଜିଟ୍ ସହ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ବିକାଶ ଓ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଅଧିକ ସୁବିଧା ସୁନିଶ୍ଚିତ କରାଯାଇଛି । ସ୍କୁଲ, ଦକ୍ଷତା ବିକାଶ ଓ ଉଚ୍ଚ ଶିକ୍ଷାର ଏକୀକରଣ କରିବା ପାଇଁ ଟେକ୍ନୋଲୋଜି ଭିତିଭୂମି ଯଥା ନ୍ୟାସନାଲ ଲେବଲ ଷ୍ଟୁଡେଂଟ ରେଜିଷ୍ଟ୍ରି, ଏକାଡେମିକ୍ ବ୍ୟାଙ୍କ୍ ଅଫ୍ କ୍ରେଡିଟ୍ ଆଣ୍ଡ ସ୍କିଲ୍ ଇଣ୍ଡିଆ ଡିଜିଟାଲ ପୋର୍ଟାଲ ପ୍ରସ୍ତୁତ କରାଯାଉଛି।

ସ୍କିଲ୍ ଲ୍ୟାବ୍ ଏବଂ ଶିଳ୍ପ ଶିକ୍ଷାନୁଷ୍ଠାନ ମଧ୍ୟରେ ସଂଯୋଗୀକରଣ କରାଯାଇ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ଧନ୍ଦାମୂଳକ ଶିକ୍ଷା ସହ ଯୋଡାଯାଉଛି। ନିଯୁକ୍ତି କ୍ଷେତ୍ରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀଙ୍କୁ ଶିଳ୍ପ କ୍ଷେତ୍ରରେ ଇଂଟର୍ଣ୍ଣସିପ୍ ଏବଂ ଆପ୍ରେଂଟିସିପ୍ ପ୍ରଦାନ କରାଯାଇ ଛାତ୍ରଛାତ୍ରୀଙ୍କୁ ଅଭିଜ୍ଞତା ପ୍ରଦାନ କରିବା ଦିଗରେ ପ୍ରାଧାନ୍ୟ ଦିଆଯାଇଛି। ପିଏମ ଇବିଦ୍ୟା ପଦକ୍ଷେପସ୍ୱରୂପ ଦୀକ୍ଷା, ଇ-ପାଠଶାଳା, ସ୍ୱୟଂ ପ୍ରଭା ଟିଭି ଏବଂ ୨୬୦ରୁ ଅଧିକ ଟିଭି ଚ୍ୟାନେଲର ବ୍ୟବସ୍ଥା କରାଯାଇଛି। ଜାତୀୟ ଡିଜିଟାଲ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଉଛି, ଯାହା ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏକ ବଡ ପରିବର୍ତ୍ତନ ଆଣିବ।

ଶିକ୍ଷାର ଅନ୍ତର୍ଜାତୀୟକରଣ ହେଉଛି ଜାତୀୟ ଶିକ୍ଷା ନୀତିର ମୂଳ ଅଂଶ। ଜାତୀୟ ଶିକ୍ଷା ନୀତି ଭାରତକୁ ଗ୍ଲୋବାଲ ଷ୍ଟଡି ଡେଷ୍ଟିନେସନ ଭାବରେ ପ୍ରୋତ୍ସାହିତ କରୁଛି, ଯାହା ଦ୍ୱାରା ସୁଲଭ ମୂଲ୍ୟରେ ଗୁଣାତ୍ମକ ଶିକ୍ଷାର ଲାଭ ଛାତ୍ରଛାତ୍ରୀମାନେ ପାଇପାରିବେ। ଭାରତରେ ଥିବା ଶିକ୍ଷାନୁଷ୍ଠାନ ବିଦେଶର ଉଚ୍ଚ ଶିକ୍ଷାନୁଷ୍ଠାନ ସହ ମିଶି ଛାତ୍ରଛାତ୍ରୀଙ୍କୁ ଡୁଆଲ ଡିଗ୍ରୀ ପ୍ରଦାନ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଆଇଆଇଟି ଭଳି ପ୍ରମୁଖ ଶିକ୍ଷାନୁଷ୍ଠାନ ଗୁଡିକ ବିଦେଶରେ ନିଜ କ୍ୟାମ୍ପସ ଆରମ୍ଭ କରିବା ପାଇଁ ଯାଉଛନ୍ତି। ଏହାବ୍ୟତିତ ଭାରତରେ ବୈଦେଶିକ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଛି । ଗ୍ଲୋବାଲ ସାଉଥ ଦେଶର ସହଭାଗୀତାରେ ଭାରତ ଏକବିଂଶ ଶତାବ୍ଦୀରେ ନିଜ ଦେଶ ଗୁଡିକରେ ସାର୍ବଭୌମିକ ଶିକ୍ଷା ଏବଂ ମାନବ ସମ୍ବଳ ବିକାଶର ଲକ୍ଷ୍ୟକୁ ହାସଲ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି।

"ଭଏସ୍ ଅଫ୍ ଗ୍ଲୋବାଲ ସାଉଥ ସମ୍ମିଟ"ରେ ବାର୍ବାଡୋସ, କୋଷ୍ଟାରିକା, କମନ ୱେଲଥ୍ ଅଫ୍ ଦି ବାହାମାସ, କ୍ୟୁବା,ଗାମ୍ବିୟା, ହନ୍ଦୁରାସ, ଲାଓ ପିପୁଲ୍ସ ଡେମୋକ୍ରାଟିକ ରିପବ୍ଲିକ, ଫେଡେରେଟେଡ୍ ଷ୍ଟେଟ୍ ଅଫ୍ ମାଇକ୍ରୋନେସିଆ, ରିପବ୍ଲିକ ଅଫ୍ ନାଉରୁ, ସେଂଟ୍ ଲୁସିଆ, ସେଂଟ୍ ଭିନସେଂଟ ଏବଂ ଦ ଗ୍ରନାଡାଇନ୍ସ, ସୋଲୋମନ ଆଇଲ୍ୟାଣ୍ଡ୍, ତୁର୍କମେନିସ୍ତାନ, ଉରୁଗୁଏ, ୟେମେନ୍ ସମୂହ ଦେଶ ଅଂଶଗ୍ରହଣ କରିଥିଲେ।








# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ ମୋ ପାଇଁ ନର୍କ ସଦୃଶ। ଇତି ମଧରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମୀୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ। ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ। ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ ରଚିଯାଇଛନ୍ତି।

## ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍ଏମ୍ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇଙ୍କୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇଙ୍କୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇଙ୍କୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚା ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।

# ପର୍ଯ୍ୟବେକ୍ଷକ ମହାନଗର

## ହତ୍ୟା ଅପରାଧ ଓ ପୋଲିସ ନିଷ୍କ୍ରିୟତା

------ଗଙ୍ଗାଧର ସାମଲ------

ହତ୍ୟା ଅପରାଧା ପରି ଅତ୍ୟନ୍ତ ଜଘନ୍ୟ ମାମଲାରେ ଅନେକ ସମୟରେ ପୋଲିସର ନିଷ୍କ୍ରିୟତା ନେଇ ଅଭିଯୋଗ ଉଠିଥାଏ। ଏହା ତତ୍କାଳୀନ ସମୟରେ ପରିସ୍ଥିତିକୁ ସରଗରମ କରିଥାଏ ଏବଂ ଅନେକ କ୍ଷେତ୍ରରେ ଏହି ମାମଲାକୁ ନେଇ ଅନ୍ୟ ଏକ ଆଇନ ଶୃଙ୍ଖଳ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥାଏ। କଟକ-ଭୁବନେଶ୍ୱରର ପୁଲିସ କମିଶନର ଇନ୍‌ଫୋସିଟି ଥାନାର ଇନ୍‌ସପେକ୍ଟରଙ୍କୁ ବର୍ଷକ ଯାଏ କୌଣସି କ୍ଷେତ୍ରରେ ନିଯୁକ୍ତି ଦେବେ ନାହିଁ। ଏହି ଅଧିକାରୀଙ୍କୁ ସମ୍ବେଦନଶୀଳ ହେବା ପାଇଁ ମାସକ ପାଇଁ ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀକୁ ପଠେଇବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ପୁଲିସ ଡେପୁଟି କମିଶନର ସମସ୍ତ ଚାପକୁ ଏଡ଼ାଇ, ନିଜେ ବ୍ୟକ୍ତିଗତ ଭାବରେ, ଏହି ମାମଲାର ତଦନ୍ତକୁ ତଦାରଖ କରିବେ ଏବଂ ଚୂଡ଼ାନ୍ତ ରିପୋର୍ଟ ତିନି ମାସ ମଧ୍ୟରେ ପ୍ରଦାନ କରିବେ ଏହା ମାନ୍ୟବର ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ। କୋର୍ଟ ଆହୁରି ମଧ୍ୟ କହିଛନ୍ତି ପୁଲିସ ଦେଖାଇଥିବା ନିଷ୍କ୍ରୀୟତା ନିନ୍ଦନୀୟ। ଯଦି ଅଭିଯୋଗରେ ସାମାନ୍ୟତମ ସତ୍ୟତା ଥାଏ ପୁଲିସର ଏଭଳି କଳଙ୍କିତ କାର୍ଯ୍ୟ ଅତ୍ୟନ୍ତ ତିରସ୍କାର ଯୋଗ୍ୟ। ପୁଲିସର ମୁଖ୍ୟ ଉଦ୍ଦେଶ୍ୟ ହେଲା ସମାଜର ଅବାଞ୍ଛନୀୟ ତତ୍ତ୍ୱଙ୍କଠାରୁ ନାଗରିକଙ୍କୁ ସୁରକ୍ଷା ପ୍ରଦାନ କରିବା। ଏଫଆଇଆର ପଞ୍ଜୀକରଣରେ ବିଳମ୍ବକୁ ନେଇ ଏବେ ଯେଉଁ ବ୍ୟାପକତା ଦେଖାଯାଉଛି, ତାହା ବ୍ୟବସ୍ଥାର ଆଳସ୍ୟକୁ ଦର୍ଶାଉଛି, ଯାହା ଦୁର୍ଭାଗ୍ୟଜନକ। ମାନ୍ୟବର ହାଇକୋର୍ଟଙ୍କ ଏଭଳି ମନ୍ତବ୍ୟ କ'ଣ ପାଇଁ?

ଆନନ୍ଦ କୁମାର ନାମକ ଜଣେ ୨୮ ବର୍ଷୀୟ ଯୁବକଙ୍କ ମୃତଦେହ ୨୦୨୨ ଫେବୃଆରୀ ୨୮ ତାରିଖ ଦିନ ବିରେନ୍ଦ୍ର ଲାକ୍ରାଙ୍କ ଭୁବନେଶ୍ୱର ଘରୁ ମିଳିଥିଲା। କୁହାଯାଇଥିଲା ଯେ, ଏହି ମୃତ୍ୟୁ ଏକ ସ୍ୱାଭାବିକ ମୃତ୍ୟୁ ଥିଲା। କିନ୍ତୁ ମୃତ ଆନନ୍ଦଙ୍କ ପିତା ବନ୍ଧନ ଟପ୍ପୋ ଅଭିଯୋଗ ଆଣିଥିଲେ ଯେ ତାଙ୍କ ପୁତ୍ରଙ୍କୁ ହତ୍ୟା କରାଯାଇଛି। ଏଥିରେ ବିରେନ୍ଦ୍ର ଓ ସହଯୋଗୀଙ୍କ ହାତରେ ଥିବା ଅଭିଯୋଗ କରି ସେ ଇନ୍‌ଫୋସିଟି ଥାନାରେ ମାର୍ଚ୍ଚ ୧ ତାରିଖରେ ଏଫଆଇଆର ଦାଖଲ କଲେ, ଯାହାକୁ ସେହି ଥାନାରେ ପଞ୍ଜୀକୃତ କରାଗଲା ନାହିଁ। ଆନନ୍ଦଙ୍କ ବାପା ଏପ୍ରିଲ ୧ ତାରିଖରେ ଆଉ ଥରେ ସେହି ଥାନାରେ ଲିଖିତ ଅଭିଯୋଗ କଲେ। ପୁଲିନ ପୁନର୍ବାର ଅଭିଯୋଗ ଦାଖଲ କଲେନାହିଁ। ବନ୍ଧନ ଟପ୍ପୋ ପୁଲିସ ଡେପୁଟି କମିଶନର ଓ କମିଶନରଙ୍କୁ ଲିଖିତ ଅଭିଯୋଗ ଦେଲେ ତା'ପରେ। କାର୍ଯ୍ୟାନୁଷ୍ଠାନ ଶୂନ। ସେ ମାନବ ଅଧିକାର ଆୟୋଗଙ୍କୁ ମଧ୍ୟ ଅଭିଯୋଗ ଦେଲେ, କିଛି ହେଲାନାହିଁ। ଅଗତ୍ୟା ସେ ଅକ୍ଟୋବର ମାସରେ ହାଇକୋର୍ଟରେ ମାମଲା ଦାଖଲ କରି ନିର୍ଦ୍ଦେଶ ଚାହିଁଲେ। ଏହି ମାମଲା ଉପରେ ଇନ୍‌ଫୋସିଟି ଥାନା ଅଧିକାରିଣୀ ସମିତା ମିଶ୍ରଙ୍କୁ ବ୍ୟକ୍ତିଗତ ହାଜିରା ପାଇଁ ମାନ୍ୟବର ହାଇକୋର୍ଟ ନିର୍ଦ୍ଦେଶ ଦେଲେ। ନଭେମ୍ବର ୨୩ ତାରିଖରେ ଥାନା ଅଧିକାରିଣୀଙ୍କ ବ୍ୟକ୍ତିଗତ ହାଜିରା ପର୍ଯ୍ୟନ୍ତ ଭୁବନେଶ୍ୱର ପୁଲିସ ନାହିରେ ତେଲ ଦେଇ ଶୋଇଲା। ବ୍ୟକ୍ତିଗତ ହାଜିରାର ଦିନକ ପରେ ଅର୍ଥାତ୍ ନଭେମ୍ବର ୨୪ ତାରିଖରେ ଥାନା ବିରେନ୍ଦ୍ର ଲାକ୍ରାଙ୍କ ବିରୋଧରେ ହତ୍ୟା ଅଭିଯୋଗକୁ ଗ୍ରହଣ କରି ପଞ୍ଜୀକୃତ କଲା।

ପୁଲିସ କ'ଣ ଏଭଳି କରିବା ପାଇଁ କ୍ଷମତା ଓ ଅନୁମତି ପ୍ରାପ୍ତ? ବାରମ୍ବାର ସୁପ୍ରିମକୋର୍ଟ ଲଳିତା କୁମାରୀ-ବନାମ-ଉତ୍ତର ପ୍ରଦେଶ ସରକାର ଭଳି ଅନେକ ମାମଲାରେ ନିର୍ଦ୍ଦେଶ ଦେଇଛନ୍ତି ଯେ ଅପରାଧୀକ ପ୍ରକ୍ରିୟା ସଂହିତା, ୧୯୭୩ (କୋଡ଼ ଅଫ କ୍ରିମିନାଲ ପ୍ରସିଡିୟର)ର ଧାରା ୧୫୪ ଅନୁଯାୟୀ କୌଣସି ପୀଡ଼ିତ ବ୍ୟକ୍ତି ଥାନାରେ ଏଫଆଇଆର ଦାଖଲ କଲେ, ଏହାର ପଞ୍ଜିକରଣ ବାଧ୍ୟତାମୂଳକ ଅଟେ। କୌଣସି ପୁଲିସ ଅଧିକାରୀ ଏଭଳି ଅଭିଯୋଗ ଆୟୋଗ, ଜାତୀୟ ସଂଖ୍ୟାଲଘୁ ଆୟୋଗ ଏବଂ ଜାତୀୟ ମହିଳା ଆୟୋଗ ମଧ୍ୟ ବାରମ୍ବାର ଏଥିପାଇଁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ମଧ୍ୟ ୧୦ ମେ, ୨୦୧୩ ପରେ ୫ ଫେବୃଆରୀ, ୨୦୧୪ ଏବଂ ୧୨ ଅକ୍ଟୋବର, ୨୦୧୫ରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କୁ ନିର୍ଦ୍ଦେଶନାମା ଦେଇ ପରାମର୍ଶ ଦେଇଛନ୍ତି ଯେ, କୌଣସି ଭେଦଭାବ ପାତରଅନ୍ତର ବିନା ଯେ କୌଣସି ବ୍ୟକ୍ତି ଅଫଆଇଆର ଦେବାକୁ ଆସିଲେ, ତାଙ୍କଠାରୁ ଏଫଆଇଆର ଗ୍ରହଣ କରାଯାଇ ତ୍ୱରିତ ଭାବରେ ପଞ୍ଜୀକରଣ କରାଯିବ। ତେଣୁ ଜଣେ ଯୁବ ସନ୍ତାନଙ୍କ ମୃତ୍ୟୁର ଅଭିଯୋଗ ନେଇ ଥାନାକୁ ଯାଇଥିବା ପିତାଙ୍କର ଅଭିଯୋଗ ରଖାଗଲା ନାହିଁ କାହିଁକି ଓ ପଞ୍ଜୀକୃତ ହେଲାନାହିଁ କାହିଁକି?

ସମସ୍ୟାଟି ଏଇଟି ଅଛି। ଓଡ଼ିଶାରେ ସବୁ ବିଶ୍ୱସ୍ତରୀୟ, ପୁଲିସକୁ ନେଇ ସନ୍ଦେହର ଅବକାଶ ନାହିଁ। ଯଦି ଓଡ଼ିଶାର କୌଣସି ସଂସ୍ଥା ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ ଯୋଗ୍ୟ, ତେବେ ତାହା ହେଉଛି ଓଡ଼ିଶା ପୁଲିସ। ମହିଳା ନିର୍ଯାତନା, ଦୁଷ୍କର୍ମ, ହତ୍ୟା, ରାଜନୈତିକ ହିଂସା, ସାଇବର ଠକେଇ, ଯୌନ ଅପରାଧ ଆଦି କ୍ଷେତ୍ରରେ ଓଡ଼ିଶାର ରେକର୍ଡ଼ ତ ଜାତୀୟ ଅପରାଧ ପଞ୍ଜୀକରଣ ବ୍ୟୁରୋର ତଥ୍ୟରୁ ସ୍ପଷ୍ଟ। ଏହି ମାମଲାରେ ମଧ୍ୟ ଯାହାଙ୍କ ବିରୋଧରେ ହତ୍ୟାର ଅଭିଯୋଗ, ସେ ଜଣେ ପୁଲିସ ଡିଏସପି। ଅବଶ୍ୟ ପରୀକ୍ଷା ଦେଇ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇ ସେ ଡେପୁଟି ସୁପରିନଟେଣ୍ଡେଣ୍ଟ ହୋଇନାହାଁନ୍ତି। ଲାକ୍ରା ମହୋଦୟ ହକି ଖେଳୁଥିଲେ। ପ୍ରତିଷ୍ଠା ଥିଲେ। ସରକାର ତାଙ୍କ ଅବଦାନକୁ ଦୃଷ୍ଟିରେ ରଖି ତାଙ୍କୁ ସିଧାସଳଖ ଡିଏସପି ପଦରେ ନିଯୁକ୍ତି ଦେଲେ। ପରେ ପରେ ମହାଶୟ ହତ୍ୟା ମାମଲାରେ ଛନ୍ଦି ହୋଇଗଲେ। ଦୟା, ଅନୁକମ୍ପା ବା ସରକାରୀ କୃପାରୁ ଚାକିରି ପାଇଥାନ୍ତୁ ପଛେ, ଏବେ ତ ପୁଲିସ ବଡ଼ବାବୁ। ତାଙ୍କ ନାମରେ ଅଭିଯୋଗ ହେଲେ, ଅପରାଧ ପଞ୍ଜୀକୃତ ହେବ କି? ଏଭଳି ଗଣତନ୍ତ୍ର ତ ଦେଶରେ ଏ ପର୍ଯ୍ୟନ୍ତ ଆସିନାହିଁ। ଜଣେ ସାଧାରଣ ଲୋକର ମୃତ୍ୟୁ ହେଲା। ପ୍ରତିଦିନ କେତେ ଲୋକ ମରୁଛନ୍ତି। ବଡ଼ କଥାଟି କ'ଣ ହେଲା? ଜଣେ ସେଲିବ୍ରିଟି, କୀର୍ତ୍ତିମାନ, ପୁଲିସ ବଡ଼ବାବୁଙ୍କୁ ପୁଣି ଅଭିଯୁକ୍ତ କରାଯିବ? ଆସୁ ପଛେ ହତ୍ୟା ବା କାହାର ପ୍ରାଣ ନେବାର ଅଭିଯୋଗ!!! ତେଣୁ ବନ୍ଧନ ଟପ୍ପୋ ବାର ଦୁଆର ଶୁଙ୍ଘିପିଣ୍ଡା ହେଉଛନ୍ତି। ନିରୀହ, ଜନଜାତିର ବ୍ୟକ୍ତି ସେ ଏମିତି ତ ସରକାରଙ୍କର ଜନଜାତିଙ୍କ ପ୍ରତି ସମ୍ବେଦନା କୁନ୍ଦୁଲି, କଳିଙ୍ଗନଗର, ଗୁମୁଡୁମାହା ଆଦି ଘଟଣାରୁ ସୁସ୍ପଷ୍ଟ। ଟପ୍ପୋ ହୁଏତ ଜାଣି ବି ନଥିବେ ଯେ ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ତତ୍କାଳୀନ ପଞ୍ଜାବ ପୁଲିସ ମହାନିର୍ଦ୍ଦେଶକ ଅତ୍ୟନ୍ତ ପ୍ରଭାବଶାଳୀ କେ.ପି.ଏସ ଗିଲ ଦଣ୍ଡିତ ହୋଇଥିଲେ। କ୍ରିକେଟ ତାରକା, ରାଜନୀତିଜ୍ଞ ନବଜୋତ ସିଂ ସିଦ୍ଧୁ ହତ୍ୟା ଅପରାଧରେ ଦଣ୍ଡିତ ହୋଇ ଏବେ ଜେଲରେ ଅଛନ୍ତି। ଅଲିମ୍ପିକ ପଦକ ପ୍ରାପ୍ତ ପହିଲବାନ ସୁଶୀଲ କୁମାର ମଧ୍ୟ ହତ୍ୟା ଅଭିଯୋଗରେ ଜେଲରେ ଅଛନ୍ତି। ପ୍ରାୟ ସମସ୍ତ ମାମଲାରେ ପୁଲିସର ଭୂମିକା ସନ୍ଦେହଜନକ ହୋଇଥିଲେ ମଧ୍ୟ ଅଦାଲତମାନେ ନ୍ୟାୟ କରିଛନ୍ତି।

ଇନଫୋସିଟି ଥାନା ଅଧିକାରିଣୀଙ୍କୁ ଅପେକ୍ଷାକୃତ କମ ଦଣ୍ଡ ଦେଇଛନ୍ତି ମାନ୍ୟବର ହାଇକୋର୍ଟ। ଚାହିଁଥିଲେ ଜେଲ ଦଣ୍ଡାଦେଶ ଦେଇପାରିଥାନ୍ତେ। ବର୍ଷେ ଥାନାରେ ନିଯୁକ୍ତି ନ ପାଇ, ତାଲିମ ନେଲାପରେ, ତାଙ୍କ ପ୍ରକୃତି ବଦଳିଯିବ ବୋଲି ଭାବିବା ଖୁବ ଅଧିକ ପ୍ରତ୍ୟାଶା ହେବ। ବ୍ୟକ୍ତିଗତ ଭାବରେ ହାଇକୋର୍ଟ ସମ୍ମୁଖରେ ହଜାର ହେବା ପର୍ଯ୍ୟନ୍ତ ମାମଲା ଦାଏର କରି ନଥିଲେ ସେ। ଏତେ ଅଧିକ ଆସ୍ପର୍ଦ୍ଧା ଓ ସାହସ କିନ୍ତୁ ଟପ୍ପୋ ଅଭିଯୋଗ କରିଛନ୍ତି ଯେ, ଡିସିପି ଓ କମିଶନରଙ୍କୁ ସେ ଲିଖିତ ଅଭିଯୋଗ କରିଥିଲେ। ମାନବ ଅଧିକାର ଆୟୋଗ ପାଖକୁ ବି ଯାଇଥିଲେ। ସମସ୍ତେ ଶୋଇପଡ଼ିଥିଲେ କାହିଁକି? ଅଭିଯାଗର ଅର୍ଥ ନୁହେଁ ଲାକ୍ରା ଦୋଷୀ। କିନ୍ତୁ ତଦନ୍ତ ଓ ଅନୁସନ୍ଧାନ ତ ହେବା କଥା। ଜଣେ ସାଧାରଣ ଲୋକର ସାମର୍ଥ୍ୟ କେତେ? କାହା କାହା ପାଖକୁ ସେ ଯାଇପାରିବ ଏବଂ କଣ କରିପାରିବ ନ୍ୟାୟ ପାଇବା ପାଇଁ? ମାନ୍ୟବର କୋର୍ଟ ବ୍ୟବସ୍ଥାକୁ ତିରସ୍କାର କରିଛନ୍ତି। ଏଭଳି ଘଟଣା ଏହି ଗୋଟିଏ ନୁହେଁ, ବରଂ ଅନେକ ସ୍ଥାନରେ ଘଟୁଛି ବୋଲି ଅଦାଲତ ଅନୁଭବ କରିଛନ୍ତି। ପୁଲିସ ମହାନିର୍ଦ୍ଦେଶକ କରନ୍ତି କ'ଣ? ଦୀର୍ଘ ୨୨ ବର୍ଷ ଧରି ଗୃହ ବିଭାଗ ଦାୟିତ୍ୱରେ ଥିବା 'ଆଇନ ତା ବାଟରେ ଯିବ' କହୁଥିବା ମାନବ ସଭ୍ୟତାର ବିବର୍ତ୍ତନର ଇତିହାସରେ ଅନନ୍ୟ, ଅସାମାନ୍ୟ, ଅସାଧାରଣ, ନିର୍ବିକଳ୍ପ, ଐତିହାସିକ, ଜଗନ୍ନାଥଙ୍କ ଠାରୁ ବଡ଼, ପ୍ରତ୍ୟେକ କ୍ଷେତ୍ରରେ ପୁରୁଷୋତ୍ତମ, ଏକ ନମ୍ବର ମୁଖ୍ୟମନ୍ତ୍ରୀ କ'ଣ ହତ୍ୟା ଅଭିଯୋଗରେ ମଧ୍ୟ ଏଫଆଇଆର ନରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ପୁଲିସକୁ? ଏମିତି ତ ହୋଇନଥିବ କେବେ। ବିଳମ୍ବରେ ହେଲେ ମଧ୍ୟ ପୋଲିସ ବିଭାଗ ନିଜ ତ୍ରୁଟି ସଂଶୋଧନ କରୁ ଓ ଜନସାଧାରଣଙ୍କର କେବଳ ପୋଲିସ ନୁହେଁ ବିଶ୍ୱସ୍ତ ବନ୍ଧୁ ପାଲଟୁ।

*-ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ: ୯୪୩୭୨୨୬୬୪୭*

## ଜୀବନ ମୁକ୍ତି ଓ ନାମ ସଂକୀର୍ତ୍ତନ

ଭଗବାନଙ୍କ ନାମ କୀର୍ତ୍ତନ କରି କଳି ଯୁଗରେ ଜଣେ ମୁକ୍ତ ହୋଇପାରେ ଏବଂ ମୋକ୍ଷ ଲାଭ କରିପାରେ ବୋଲି ଶ୍ରୁତିରେ କୁହାଯାଇଛି। ଭୟହୀନ ଓ ବାଧାହୀନ ଭାବେ ସର୍ବଦା ଉଚ୍ଚ ସ୍ୱରରେ ଭଗବାନଙ୍କ ନାମ ଉଚ୍ଚାରଣ କରିବାକୁ ସଂକୀର୍ତ୍ତନ କହନ୍ତି। ଯଦି ଜଣେ ବ୍ୟକ୍ତି ସଂକୀର୍ତ୍ତନରେ ଅଂଶ ଗ୍ରହଣ କରନ୍ତି ଏବଂ ଭଗବାନଙ୍କ ନାମ କୀର୍ତ୍ତନ କରନ୍ତି ସେ ମୁକ୍ତି ଲାଭ କରିବେ। ଯଦି ଦଳେ ଲୋକ ଏକାଠି ହୋଇ ସଂକୀର୍ତ୍ତନ କରନ୍ତି ଏପରି ସଂକୀର୍ତ୍ତନ ସେହି ବ୍ୟକ୍ତି ମାନଙ୍କୁ ଓ ସମଗ୍ର ବିଶ୍ୱକୁ ମୁକ୍ତି ଦେବ।

କୀର୍ତ୍ତନ ଓ ସଂକୀର୍ତ୍ତନ ମଧ୍ୟରେ ଯଥେଷ୍ଟ ପାର୍ଥକ୍ୟ ରହିଛି। କୀର୍ତ୍ତନ ବ୍ୟକ୍ତିଗତ ସୁଖକୁ ବୁଝାଏ। ସଂକୀର୍ତ୍ତନ ଏହି ସୁଖକୁ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ କରିଥାଏ। ସଂକୀର୍ତ୍ତନ ଚାରି ପ୍ରକାର। ଏପରି ସଂକୀର୍ତ୍ତନରେ ଚାରୋଟି ପୃଥକ ମାର୍ଗ ରହିଛି। ପ୍ରଥମଟି ଗୁଣ ସଂକୀର୍ତ୍ତନ, ଦ୍ୱିତୀୟଟି ଲୀଳା ସଂକୀର୍ତ୍ତନ, ତୃତୀୟଟି ଭାବ ସଂକୀର୍ତ୍ତନ ଏବଂ ଚତୁର୍ଥଟି ନାମ ସଂକୀର୍ତ୍ତନ। ସାଇ ସର୍ବତ୍ର ନାମ ସଂକୀର୍ତ୍ତନ ପ୍ରବର୍ତ୍ତିତ କରୁଛନ୍ତି। ନାମ ସଂକୀର୍ତ୍ତନ ସମସ୍ତଙ୍କୁ, ସର୍ବଦା ଏବଂ ସର୍ବତ୍ର ଶୁଦ୍ଧତା ଓ ସୁଖ ଦେଇପାରେ। ଏହି ନାମ ସଂକୀର୍ତ୍ତନ ଠାରୁ ମହତ୍ତର ଆଉ କିଛି ନାହିଁ। ଈଶ୍ୱରଙ୍କ ଆଶୀର୍ବାଦ ହେତୁ ପ୍ରଚେତନ ୧୦୦ କୋଟି ଶ୍ଳୋକରେ ଆତ୍ମା ରାମାୟଣ ରଚନା କରିଥିଲେ। ତିନି ଲୋକରେ ଏହାକୁ ସମାନ ଭାବେ ବିତରଣ କରାଗଲା। ଏଇପରି ସମାନ ଭାବରେ ସେ ଯେତେବେଳେ ବିତରଣ କଲେ ପ୍ରତି ଲୋକ ଭାଗରେ ୩୩, ୩୩, ୩୩ଟି ଶ୍ଳୋକ ପଡ଼ିଲା। ଗୋଟିଏ ଶ୍ଳୋକ ଅବଶିଷ୍ଟ ରହିଲା। ଏହି ଶ୍ଳୋକରେ ଥିବା ଅକ୍ଷର ଗୁଡ଼ିକୁ ସେ ପୃଥକ କଲେ। ଅକ୍ଷର ସଂଖ୍ୟା ହେଲା ୩୨। ସେ ତିନିଲୋକକୁ ୧୦ଟି କରି ୩୦ଟି ଅକ୍ଷର ଦେଲେ। ଅବଶିଷ୍ଟ ରହିଲା ୨ଟି। ସେଇ ଦୁଇଟି ଅକ୍ଷର ହେଉଛି ପ୍ରେମ। ପ୍ରେମ ନାମକ ଏଇ ଦୁଇଟି ଅକ୍ଷର ବିତରଣ କରାଯାଇଛି ଏବଂ ସମାନ ରହିଛି। ସେହି ପ୍ରେମ ହିଁ ଭଗବାନ। ପ୍ରେମର ସେହି ବିଭାବ ହିଁ ଈଶ୍ୱରଙ୍କ ବିଭାବ। ସେହି ଦୁଇଟି ଅକ୍ଷର ରାମରେ ପରିଣତ ହୋଇଛନ୍ତି। ହରି ଓ ହରରେ ପରିଣତ ହୋଇଛନ୍ତି। ଏହିପରି ଭାବେ ରାମ, କୃଷ୍ଣ, ହରି, ହର, ସାଇ, ବାବା ସବୁ ଗୁଡ଼ିକ ଦୁଇଟି ଅକ୍ଷରରେ ବ୍ୟକ୍ତ ହୋଇଛନ୍ତି। ଆମେ ଯେଉଁ ସବୁ ଅକ୍ଷର ବ୍ୟବହାର କଲେ ମଧ୍ୟ ପ୍ରେମକୁ ଗୁରୁତ୍ୱପୂର୍ଣ୍ଣ ମନେ କରିବା ଉଚିତ। ପ୍ରେମ ହିଁ ଈଶ୍ୱର। ଏହି ପ୍ରେମ ସାହାଯ୍ୟରେ ଆମେ ହୃଦୟ ପ୍ରସାରିତ କରିବା ଉଚିତ। ଏଇ ପ୍ରେମ ସାହାଯ୍ୟରେ ଆମେ ଆମର ଭାବନାଗୁଡ଼ିକୁ ଉନ୍ନତ କରିବା ଉଚିତ। ଏଇ ପ୍ରେମ ସାହାଯ୍ୟରେ ଆମେ ସମସ୍ତ କର୍ମ ସଂପାଦନ କରିବା ଉଚିତ। ପ୍ରେମରେ ଶବ୍ଦ ଉଚ୍ଚାରଣ କରିବା ଉଚିତ।

ଏହିପରି ଭାବରେ ନାମ ପ୍ରେମପୂର୍ଣ୍ଣ ହୋଇଥିବାରୁ ଏହାକୁ ସଂକୀର୍ତ୍ତନ କୁହାଯାଉଛି। ନାମ ଶବ୍ଦଟିରେ ଦୁଇଟି ଅକ୍ଷର ଅଛି। ସଂଖ୍ୟା ବିଜ୍ଞାନ ଦୃଷ୍ଟିରୁ ଏହାର ବିଚାର କରାଯାଇପାରେ। ନ+ଅ+ମ = ନାମ ନ ଶୂନ୍ୟ ସହିତ, ଅ ଦୁଇ ସହିତ ଏବଂ ମ ପାଞ୍ଚ ସହିତ ସଂପର୍କିତ। ୦+୨+୫=୭ ଏଇ ସପ୍ତ ସ୍ୱର ହେଉଛି ନାମ। ଏଥିରେ ଶ୍ରୁତି, ଲୟ, ରାଗ, ତାଳ, ଭାବ, ପ୍ରେମ, ସଂଗୀତର ସମନ୍ୱୟ ଘଟିଛି। ଏସବୁକୁ ସପ୍ତ ସ୍ୱର ବୋଲି କୁହାଯାଏ। ସପ୍ତ ଲୋକ ମଧ୍ୟ କୁହାଯାଏ। ସପ୍ତର୍ଷି ମଧ୍ୟ କୁହାଯାଏ। ରବି ମଙ୍ଗଳାଦି ସାତଦିନ କୁହାଯାଏ। ସମାନ ଅର୍ଥରେ ସପ୍ତାହ ମଧ୍ୟ କୁହାଯାଏ। ତେଣୁ ଆଜି ଆମେ ଯେଉଁ ସଂକୀର୍ତ୍ତନ କରୁଛୁ ଶ୍ରୁତି, ଲୟ, ରାଗ, ତାଳ, ଭାବ ରସରେ ତାହା ରସାଣିତ ହେବା ଉଚିତ। ମାତ୍ର ତୁମେ ଯଦି ଏମିତି ଗାଉଛ ବୋଲି ଭାବିବ ତୁମେ ଗାଉ ନାହିଁ। ଏପରି ଗାନ ଈଶ୍ୱର ଗ୍ରହଣ କରିବେ ନାହିଁ। ସେହି ସ୍ୱର ତୁମ ହୃଦୟର ଗଭୀରତାରୁ ଆସିବା ଉଚିତ। ସେହି ଭାବନା ପରିପୂର୍ଣ୍ଣ ହେବା ଉଚିତ। ଏହା ପ୍ରେମରେ ଅବଗାହନ କରିଥିବା ଉଚିତ। ତୁମେ ନିଜକୁ ଅଭ୍ୟୁତଥିତ କରିବା ଉଚିତ। ତାହାକୁ କୁହାଯାଏ ତପସ୍ୟା। ଏପରି ସଂକୀର୍ତ୍ତନ କେବଳ ବ୍ୟକ୍ତିଙ୍କୁ ମୁକ୍ତି ଦେବନାହିଁ ଏହା ସମସ୍ତ ଜାତି ଓ ବିଶ୍ୱକୁ ମୁକ୍ତି ଦେବ।

ଆମେମାନେ ହୁଏତ କୌଣସି ଜପ, ଧ୍ୟାନ, ଯୋଗ କରିପାରିବ ନାହିଁ। ମାତ୍ର ରାସ୍ତାର ମଣିଷଠାରୁ ପରମହଂସଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତି ଏପରି ନାମ ସଂକୀର୍ତ୍ତନ କରି ପାରିବେ। ପ୍ରେମ ସହିତ ହୃଦୟରୁ ଗଭୀରତାର ସ୍ୱର ଉତ୍ତୋଳିତ କର ଏବଂ ନିର୍ଭୟ ଭାବରେ ଭଗବାନଙ୍କର ମହିମା କୀର୍ତ୍ତନ କର। ଆମେ ଅନ୍ୟ ମାନଙ୍କୁ ଭୟ କରିବା ଅନୁଚିତ। ଆମେ ଯଦି ଅନ୍ୟ ମାନଙ୍କୁ ଭୟ କରିବା ସେମାନେ ମୁକ୍ତି ଦେବେ ନାହିଁ। ବିପଦ ବେଳେ କେହି ଆମକୁ ସାହାଯ୍ୟ କରିବେ ନାହିଁ। କେବଳ ଭଗବାନ ଆମକୁ ସାହାଯ୍ୟ କରିବେ। ମଣିଷମାନେ ତୁମର ଧ୍ୱଂସ ସାଧନ କରି ପାରନ୍ତି ମାତ୍ର କଷ୍ଟିନ କାଳେ ସେମାନେ ତୁମକୁ ସାହାଯ୍ୟ କରିବେ ନାହିଁ।

ସ୍ୱାର୍ଥ-ସ୍ୱାର୍ଥ-ସ୍ୱାର୍ଥ ସର୍ବତ୍ର ପରିପୂର୍ଣ୍ଣ। ଏଇ ସ୍ୱାର୍ଥପରତା ଓ ଅହଂକାର ଏକାଠି ହେଲେ ଜଣେ ବିପୁଳ ତମୋଗୁଣର ଅଧିକାରୀ ହୁଏ। ତମୋ ଗୁଣ ଲୋଭର ଲକ୍ଷଣ। ଏପରି ମନ୍ଦ ଗୁଣ ସବୁରୁ ଦୂରରେ ରହିବା ପାଇଁ ଆମେ ନିଜ ମଧ୍ୟରେ ପ୍ରେମ ପ୍ରକଟିତ କରିବା ଉଚିତ। ଅନ୍ୟମାନେ କ'ଣ କହିବେ, ଅନ୍ୟମାନେ କିପରି ପନ୍ଥା ଅନୁସରଣ କରିବେ ସେ ସବୁ ବିଚାର ନକରି ଆମ ହୃଦୟ ପବିତ୍ର କରିବା। ନିଃସ୍ୱାର୍ଥପର ଭାବେ ଭଗବାନଙ୍କୁ ପ୍ରାର୍ଥନା କରିବା। ଆମର ବିଶ୍ୱାସ ହିଁ ଆମର। ଆମର ବିଶ୍ୱାସ ପାଇଁ କୌଣସି ଯୁକ୍ତି ନାହିଁ କିମ୍ବା ଦିନବାର ନାହିଁ। ବିଶ୍ୱାସ ଯୁକ୍ତିଶୀଳତାର ଉର୍ଦ୍ଧ୍ୱରେ। ଆମେ ଅନ୍ୟ ମାନଙ୍କର ଦାସ ହେବା ଅନୁଚିତ। ଅନ୍ୟମାନଙ୍କୁ ଅନୁସରଣ କରିବା ଅନୁଚିତ। ଆମେ ନିଜର ହୃଦୟ ଏବଂ ଆତ୍ମାକୁ ଅନୁସରଣ କରିବା। ନୟମାତ୍ମା ବଳହୀନେନ ଲଭ୍ୟଃ। ନିଜ ଉପରେ ଆମର ଶକ୍ତି ଓ ବିଶ୍ୱାସ ଆମକୁ ମୁକ୍ତି ଦେବ।

**ରାଜକିଶୋର ମିଶ୍ର**, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ, ଦୂରଭାଷ: ୭୦୦୮୧୮୧୮୨୦

## ବିଶୃଙ୍ଖଳାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ



ଭୁବନେଶ୍ୱର (ପିଏନ୍)-ବିଶୃଙ୍ଖଳା ଓ ବିଶୃଙ୍ଖଳାକାରୀଙ୍କୁ କୌଣସି ପରିସ୍ଥିତିରେ ଆଉ ବରଦାସ୍ତ କରାଯିବ ନାହିଁ। ସେମାନଙ୍କ ବିରୋଧରେ ଅତି କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଦଳ ବଡ଼ ବ୍ୟକ୍ତି ବଡ଼ ନୁହେଁ। ଆଜି ଯେଉଁମାନେ ନିଜକୁ ବହୁ ବଡ଼ ବଡ଼ ନେତା ବୋଲି କହୁଛନ୍ତି, ସେ ସମସ୍ତେ କଂଗ୍ରେସ ଦଳ ଯୋଗୁଁ ଆଜି ସମାଜରେ ଏହି ସ୍ଥିତିରେ ପଂହଚିଛନ୍ତି। କଂଗ୍ରେସ ଦଳ ଯୋଗୁଁ ବିଧାୟକ, ସାଂସଦ, ମନ୍ତ୍ରୀ ଇତ୍ୟାଦି ହୋଇଛନ୍ତି। ସମାଜରେ ସେମାନଙ୍କର ପରିଚୟ କଂଗ୍ରେସ ଦଳ ଦେଇଛି। କିନ୍ତୁ ଏବେ କିଛି ଲୋକ ନିଜକୁ ଦଳଠାରୁ ବହୁତ ବଡ଼ ବୋଲି ଗଣମାଧ୍ୟମରେ କହି ବୁଲୁଛନ୍ତି। ଦଳର ଏବଂ ଦଳୀୟ ନେତୃବର୍ଗଙ୍କୁ ଗଣମାଧ୍ୟମରେ ଏବଂ ବିଭିନ୍ନ ମାଧ୍ୟମରେ ନିନ୍ଦିତ କରୁଛନ୍ତି ଏବଂ କରିବାର ପ୍ରୟାସ ଜାରି ରଖିଛନ୍ତି। ତଦ୍ୱାରା କଂଗ୍ରେସ ଦଳ ସାମୁହିକ ଭାବରେ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହେଉଛି ଏବଂ ଜନମାନସରେ କଂଗ୍ରେସ ଦଳ ପ୍ରତି ଏକ ନୈରାଶ୍ୟ ମନୋଭାବ ଏହି ନେତୃବର୍ଗଙ୍କ ଦ୍ୱାରା ସୃଷ୍ଟି ହେଉଛି ବୋଲି ଓଡ଼ିଶା ପ୍ରଭାରୀ ଡ. ଏ ଚେଲା କୁମାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରେ ଆୟୋଜିତ ହାତ ସେ ହାତ ଯୋଡ଼ ଅଭିଯାନରେ ଯୋଗଦେଇ କହିଛନ୍ତି। ଚେଲ୍ଲା କୁମାର କହିଲେ ଯେ ଆଜି ଯେଉଁମାନେ ଦଳ ଠାରୁ ନିଜକୁ ଡେଙ୍ଗା ଭାବୁଛନ୍ତି ୪୦ ବର୍ଷ ପୂର୍ବରୁ ସେମାନଙ୍କର ସ୍ଥିତି ଓ ସାମାଜିକ ପରିଚୟ କ'ଣ ଥିଲା ତାହା ସେମାନେ ଆତ୍ମସମୀକ୍ଷା କରିବା ଦରକାର। ଏବେ ସମୟ ଆସିଛି କଂଗ୍ରେସ ଦଳକୁ ଓଡ଼ିଶାରେ ମଜବୁତ କରାଯିବ ଏବଂ ଓଡ଼ିଶାର ଜନସାଧାରଣଙ୍କୁ ଦୀର୍ଘ ୨୨ ବର୍ଷର ଅତ୍ୟାଚାର ଓ କୁଶାସନ ଏବଂ କେନ୍ଦ୍ରର ଏକ ୯ ବର୍ଷର ଜନବିରୋଧୀ ସରକାରଙ୍କୁ ବରଖାସ୍ତ କରିବାପାଇଁ ସମସ୍ତ ରଣକୌଶଳ ଓ ପ୍ରଚେଷ୍ଟା କରାଯିବ। ଯେଉଁମାନେ ଶୃଙ୍ଖଳା ଭଙ୍ଗ କରୁଛନ୍ତି ଏବଂ ଏହି କାର୍ଯ୍ୟ ବାରମ୍ବାର କରିଚାଲିଛନ୍ତି ସେମାନଙ୍କର ଆଉ ନିସ୍ତାର ନାହିଁ। ଓଡ଼ିଶାର ଲକ୍ଷ ଲକ୍ଷ କଂଗ୍ରେସ କର୍ମୀ ଜିଲ୍ଲା ଏବଂ ବ୍ଲକସ୍ତରର ନେତୃବର୍ଗ ଏପରିକି ରାଜ୍ୟସ୍ତରୀୟ ନେତୃବର୍ଗଙ୍କର ଆଶା, ଆକାଂକ୍ଷା, ବିଶ୍ୱାସ ଓ ଭରସାକୁ ଧୂଳିସାତ କରିବାକୁ ଦିଆଯିବ ନାହିଁ। ଆସନ୍ତା ଜାନଆରୀ ୨୬ ତାରିଖ ପାଖରୁ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ବୁଥ, ଗାଁ, ପଂଚାୟତ, ବ୍ଲକ ଓ ଜିଲ୍ଲାସ୍ତରରେ ହାତକୁ ହାତ ଯୋଡ଼ କାର୍ଯ୍ୟକ୍ରମ ଜାରି ରଖାଯିବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତ୍ୟେକ ଗାଁର କଂଗ୍ରେସ କର୍ମୀ, ଜନସାଧାରଣ, ବୁଦ୍ଧିଜୀବୀ, କୃଷକ, ଆଦିବାସୀ, ଅନୁସୂଚିତ ଜନଜାତି ଏବଂ ବିଶେଷ କରି ମହିଳାମାନଙ୍କ ସହିତ ସିଧାସଳଖ ଯୋଡ଼ି ହେବ କଂଗ୍ରେସ। କଂଗ୍ରେସ ପତାକା ପ୍ରତ୍ୟେକ ଗାଁରେ ଉତ୍ତୋଳନ କରାଯିବ। ଓଡ଼ିଶାର ୨୨ ବର୍ଷର ବିଜେଡ଼ି ସରକାର ଏବଂ ୯ ବର୍ଷର କେନ୍ଦ୍ରର ବିଜେପି ସରକାରର ସମସ୍ତ ବିଫଳତା, ଜନମାରଣ ନୀତି, ପ୍ରତାରଣାକୁ ଲୋକମାନଙ୍କ ପାଖରେ ରଖାଯିବ। ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ଏହି ସଭାରେ ନେତୃବର୍ଗଙ୍କୁ ସମ୍ବୋଧିତ କରି କହିଲେ ଯେ ଓଡ଼ିଶାରେ ଯୁବକ ଯୁବତୀ ନିମ୍ନ ଆୟକାରୀ ବର୍ଗ, ଆଦିବାସୀ, ଅନୁସୂଚିତ ଜାତି, କୃଷକ, ମଧ୍ୟଆୟକାରୀ ବର୍ଗ ଆଜି ସମସ୍ତେ ଅତ୍ୟନ୍ତ ଦୁଃଖଦ ପରିସ୍ଥିତ ଦେଇ ଗତି କରୁଛନ୍ତି। ଶୃଙ୍ଖଳା ବିନା ପ୍ରଗତି ସମ୍ଭବ ନୁହେଁ। ସଫଳତା କାହା ପାଖକୁ ଆସେନାହିଁ। ସଫଳତାକୁ ପାଇବାପାଇଁ ବହୁ କିଛି ତ୍ୟାଗ କରିବାକୁ ପଡ଼େ। ଯେଉଁମାନେ କଂଗ୍ରେସ ଡିଲ କରିଥିବା କଥା କହୁଛନ୍ତି ମୁଁ ଆଉଥରେ କହୁଛି କଂଗ୍ରେସ ଦଳର କୌଣସି ନେତୃବର୍ଗ କାହାରି ସହିତ ଡିଲ କରିନାହାନ୍ତି ବା କରନ୍ତି ନାହିଁ। କଂଗ୍ରେସର ଜିନ ସହିତ ସେମାନେ ପରିଚିତ ନୁହନ୍ତି ବୋଧେ। ଓଡ଼ିଶାରେ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଆମକୁ ଲୋକଙ୍କ ପାଇଁ ପ୍ରତ୍ୟେକ ସ୍ତରରେ ସ୍ୱରଉତ୍ତୋଳନ କରିବାର ଅଛି। ଆମେ ନିଜକୁ ଯେପର୍ଯ୍ୟନ୍ତ ଜନତା ଜନାର୍ଦ୍ଦନଙ୍କର ପ୍ରକୃତ ହିତୈଷୀ ଏବଂ ସେବକରୂପେ ପ୍ରତିପାଦନ କରିପାରୁନାହୁଁ ସେ ପର୍ଯ୍ୟନ୍ତ ଆମକୁ ଅଧିକରୁ ଅଧିକ ଶୃଙ୍ଖଳିତ ହୋଇ ପରିଶ୍ରମ କରିବାକୁ ପଡ଼ିବ। ଆଜି ହାତସେ ହାତ ଯୋଡ଼ କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲା ସଭାପତିମାନେ ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଂପାଦନ କରିବାପାଇଁ ତାଙ୍କର ମତାମତ ଦେଇଥିଲେ। ମହିଳା, ଯୁବ, ଛାତ୍ର ଓ ବିଭିନ୍ନ ପ୍ରକୋଷ୍ଠର ନେତୃବର୍ଗମାନେ ମଧ୍ୟ ତାଙ୍କର ମତାମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଶ୍ରୀଯୁକ୍ତ ନିରଂଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ ଓ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ଶରତ ରାଉତ, ସୁରେଶ କୁମାର ରାଉତରାୟ, ରମେଶ ଜେନା, ସନ୍ତୋଷ ସିଂ ସାଲୁଜା, ରାଜନ ଏକ୍କା, ଅଧିରାଜ ମୋହନ ପାଣିଗ୍ରାହୀ, ବନ୍ଦିତା ପରିଡ଼ା, ଯାସିର ନୱାଜ, ଭୁଜବଳ ମାଝୀ ଏବଂ ଜିଲ୍ଲା କଂଗ୍ରେସ ସଭାପତି ଏବଂ ବରିଷ୍ଠ କଂଗ୍ରେସ ନେତୃବର୍ଗ ଉପସ୍ଥିତ ଥିଲେ।

## ସେସପୁଲ ଗାଡିରୁ ମଇଳା ପାଣି ସହରରେ ପଡୁଛି, ବର୍ଷା ହେଲେ ଆବର୍ଜନା ଜଳ ନଦୀନାଳରେ ମିଶୁଛି




କେନ୍ଦୁଝର (ପିଏନ୍): କେନ୍ଦୁଝର ସହରରେ ବାହାରୁଥିବା ପାଇଖାନା ଟାଙ୍କି ପାଣି ପରିଚାଳନା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଫଳରେ ପାଇଖାନା ପାଣିକୁ ଏଣେ ତେଣେ ପକାଯାଉଥିବାରୁ ପରିବେଶ ବହୁ ମାତ୍ରାରେ ଦୂଷିତ ହେଉଛି। ପୌରପାଳିକାର ଦାୟିତ୍ୱହୀନତା ଯୋଗୁଁ ପରିବେଶ ପ୍ରଦୂଷଣ ହେଉଛି। ପରିବେଶ ସୁରକ୍ଷା ପାଇଁ କୋଟି କୋଟି ଖର୍ଚ୍ଚ ହେଉଥିବାବେଳେ ଏଭଳି ଜଳ ପ୍ରଦୂଷଣ ସହରର ପରିବେଶକୁ ଦୁର୍ଗନ୍ଧମୟ କରୁଛି। ପ୍ରକାଶ ଯେ, କେନ୍ଦୁଝର ଭଳି ସହରରେ ୨୧ଟି ୱାର୍ଡ ରହିଥିବାବେଳେ ମାତ୍ର ଗୋଟିଏ ସେସପୁଲ ଗାଡି ପୌରପାଳିକା ପାଖରେ ରହିଛି। ଏହି ଗାଡି ଅନେକ ସମୟରେ ଉପଲବ୍ଧ ହେଉନଥିବାରୁ ଅଧିକ ମୂଲ୍ୟ ଦେଇ ଘରୋଇ ସେସ ପୁଲ ଗାଡି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। କେନ୍ଦୁଝରଗଡ ପୌରପାଳିକାର ଜନସଂଖ୍ୟା ଦୃଷ୍ଟିରୁ ୫ରୁ ଅଧିକ ସେସପୁଲ ଗାଡିର ଆବଶ୍ୟକତା ଥିବାବେଳେ ମାତ୍ର ଗୋଟିଏ ଗାଡିରେ କାମ ଚଳାଉଛନ୍ତି। ଫଳରେ ଆବଶ୍ୟକତା ପୂରଣ ହୋଇପାରୁନାହିଁ। ତେବେ ପାଇଖାନା ପରିଚାଳନା ପାଇଁ ସ୍ୱତନ୍ତ୍ର ପ୍ରକଳ୍ପ ବା ସେପଟେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ(ଏସଇଟିପି) କରିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସ୍ୱତନ୍ତ୍ର ଗାଇଡ ଲାଇନ ରହିଛି। ଏହି ପ୍ରକଳ୍ପ ପାଇଖାନା ଟାଙ୍କି ପାଣିକୁ ବିଶୋଧନ କରିବା ସହ କଠିନ ବସ୍ତୁକୁ ଅଲଗା କରି ସାରରେ ପରିଣତ କରିଥାଏ ଏବଂ ପରେ ଏହାକୁ ବନୀକରଣରେ ବ୍ୟବହାର ହୋଇଥାଏ। ସେହିପରି ଏହାକୁ ବନୀକରଣରେ ବ୍ୟବହାର ଦ୍ୱାରା ବାହାର ପରିବେଶ ମଧ୍ୟ ପ୍ରଦୂଷିତ ହୋଇନଥାଏ। କେନ୍ଦୁଝରଗଡ ପୌରପାଳିକାରୁ ପ୍ରତ୍ୟେକ ମାସ ପାଖାପାଖି ୧୦୦ ଟ୍ରିପରୁ ଉର୍ଦ୍ଧ୍ୱ ପାଇଖାନା ଟାଙ୍କି ପାଣି ବାହାରୁଛି। ପୌରପାଳିକା ପକ୍ଷରୁ ଅଦ୍ୟାବଧି ବିଶୋଧନ ପ୍ରକଳ୍ପ ନିର୍ମାଣ ଶେଷ ହୋଇନଥିବାରୁ ପାଇଖାନା ଆବର୍ଜନା ପାଣି ଏଣେତେଣେ ପକାଯାଉଥିବା ବେଳେ ଡାଙ୍ଗରପଡା ସ୍ଥିତ ଆଦର୍ଶ ଶ୍ମଶାନରେ ମଧ୍ୟ ପକାଯାଉଛି। ଏହାଦ୍ୱାରା ମଧ୍ୟ ଅନେକ ସମୟରେ ଜନଅସନ୍ତୋଷ ଦେଖାଦେଉଛି। ଅଦ୍ୟାବଧି ପୌରପାଳିକା ପକ୍ଷରୁ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇନାହିଁ। ସଦର ତହସିଲ ଅନ୍ତର୍ଗତ ବଳଭଦ୍ରପୁରଠାରେ ୩୦ କେଏଲଡି କ୍ଷମତା ବିଶିଷ୍ଟ ୨.୫ ଏକର ଜମିରେ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରକଳ୍ପ କାମ ହେଉଛି। ପୌର ପ୍ରଶାସନର ଅପାରଗତା ଯୋଗୁଁ ପ୍ରକଳ୍ପ ସରିବାରେ ବିଳମ୍ବ ହେଉଛି। ପ୍ରକଳ୍ପ ନିର୍ମାଣ ପୂର୍ବରୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଂଚଳିକ କାର୍ଯ୍ୟାଳୟଠାରୁ ସିଟିଇ ପାଇଥିଲେ ମଧ୍ୟ ୮ ମାସ ପରେ ମଧ୍ୟ କାମ ସଂପୂର୍ଣ୍ଣ ହେଉନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଗାଇଡ ଲାଇନ ଅନୁଯାୟୀ କାମ ହେଉନଥିଲେ ମଧ୍ୟ ପୌରପାଳିକାର ବିଭାଗୀୟ ଯନ୍ତ୍ରୀ ଏହାର ତଦାରଖ କରୁନଥିବା ଅଭିଯୋଗ ହୋଇଛି। ପ୍ରକଳ୍ପର ଅଗ୍ରଗତି ନେଇ ବିଭାଗୀୟ ଅଧିକାରୀ ସମୀକ୍ଷା କରୁନଥିବାବେଳେ ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେହପରି ଆନନ୍ଦପୁର ପୌରପାଳିକାରେ ମଧ୍ୟ ସମାନ ଭାବେ ପ୍ରକଳ୍ପ ନିର୍ମାଣ ହୋଇନଥିବାରୁ ସହରବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ଏକ ସେବକର ଦୃଷ୍ଟିରେ ସମାଧିର ତାତ୍ପର୍ଯ୍ୟ



କେତେକ କଥା ଆପଣମାନେ ଜାଣିଥିବା ବେଳେ ଓ ତାହାକୁ ଲେଖନୀ ମୁନରେ ପ୍ରକାଶ କଲାବେଳେ ନିଜକୁ ଲଜ୍ୟା ବୋଧହୁଏ। ଯଥା ମାଲିକ ତାର ଲୋକମାନଙ୍କୁ ବଳପୂର୍ବକ କାମ କରାଏ। କିନ୍ତୁ ନେତା ତାର ଲୋକ ମାନଙ୍କୁ ପ୍ରେରଣା ଦିଏ ଓ ସେବକ ତାର ପ୍ରଭୁର ଆଜ୍ଞାକୁ ପାଳନ କରେ ଓ ନିଜର ଆଚରଣ ମାଧ୍ୟମରେ ପ୍ରଭୁଙ୍କର ଆଜ୍ଞାକୁ ପାଳନ କରିବାର ଦୃଷ୍ଟାନ୍ତ ସୃଷ୍ଟି କରେ। ମାଲିକ ତାର ପ୍ରଭୁତ୍ୱ ଉପରେ ନିର୍ଭରଶୀଳ, ନେତା ତାର ହିତେଚ୍ଛା ଉପରେ ଓ ସେବକ ପ୍ରଭୁର ଦୟା ଉପରେ ନିର୍ଭରଶୀଳ। ମାଲିକ ଭୟ ସୃଷ୍ଟି କରେ। ନେତା ପ୍ରେମ ବିଚ୍ଛୁରିତ କରେ ଓ ସେବକ ପ୍ରେମକୁ ସ୍ୱାର୍ଥହୀନତା ବିଚାରି କାର୍ଯ୍ୟ କରେ। ମାଲିକ କହେ ମୁଁ, ନେତା କୁହେ ଆମେ, ସେବକ କହେ ମୁଁ ତୁମର ତୁମେ ମୋର। ମାଲିକ ଭୁଲ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରେ, ନେତା କେଉଁଠି ଭୁଲ ସୂଚାଇ ଦିଏ, ସେବକ କୌଣସି ଭୁଲ ଦେଖି ପାରେନା। ମାଲିକ ଲୋକମାନଙ୍କୁ ଗାଳି କଟୁକ୍ତି କରେ, ନେତା ଗାଳି ନଦେଇ ନିଜ କାର୍ଯ୍ୟ ପାଇଁ ବ୍ୟବହାର କରେ। ସେବକ ନିଜକୁ ଉଦାହରଣ ସଜାଇ ମାଲିକ ନିକଟରେ ସମର୍ପଣ କରେ। ମାଲିକ ଜାଣେ କିପରି କାର୍ଯ୍ୟ କରାଯାଏ। ନେତା କାର୍ଯ୍ୟ କରିବାର ରାସ୍ତା ଦେଖାଏ ଓ ସେବକ ପ୍ରଭୁଙ୍କ ପଥର ପଥିକ ବୋଲି କହିଥାଏ। ମାଲିକ ସମ୍ମାନଦାବୀ କରେ। ନେତା ସମ୍ମାନ ପାଇବାକୁ ଯୋଗ୍ୟ ବୋଲି ଦାବୀ କରେ। ସେବକ ମାନ, ଅପମାନ, ପ୍ରଶଂସା, ନିନ୍ଦାକୁ ସମାନ ଭାବେ ଗ୍ରହଣ କରେ। ମାଲିକ ଗୋଲାମୀ କରାଏ, ନେତା ସମସ୍ତଙ୍କୁ ଆମୋଦିତ କରାଏ ଓ ସେବକ ତାର ପ୍ରଭୁଙ୍କ ସେବାରେ ଆନନ୍ଦିତ କରାଏ।

ଉପରୋକ୍ତ ବର୍ଣ୍ଣିତ ସେହିପରି ଜଣେ ସେବକ ଗୋଟିଏ ଉପତ୍ୟକାରେ ବୁଲୁ ବୁଲୁ ଗୋଟିଏ ଚନ୍ଦନ ନାମଧାରୀ ଏକ କିଶୋର ତାଙ୍କ ଆଡ଼କୁ ଆକୃଷ୍ଟ ହୋଇ ଆସିଲା। ସେବକ ପ୍ରଭୁଙ୍କର ଗୁଣଗାନ କରୁଥିଲା। ଚନ୍ଦନ ସେବକଙ୍କୁ ପଚାରିଲା ସତରେ କ'ଣ ଭଗବାନ ଧରାପୃଷ୍ଠରେ ଜନ୍ମ ନିଅନ୍ତି ଓ କାହିଁକି? ସେବକଙ୍କ ମୁଖରୁ ଗୀତାର ଏକ ଶ୍ଳୋକ ନିର୍ଝରିତ ହେବାକୁ ଲାଗିଲା। 'ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ। ଅଭ୍ୟୁତ୍ଥାନଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ।। ପରିତ୍ରାଣାୟ ସାଧୁନାଂ ବିନାଶାୟଚ ଦୁଷ୍କୃତାମ୍। ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ।।' ଏହାର ଅର୍ଥ ହେ ଭାରତ। ଯେଉଁ ଯେଉଁ ସମୟରେ ଧର୍ମର ଅବକ୍ଷୟ ହୁଏ ସେହି ସେହି ସମୟରେ ମୁଁ ନିଜର ରୂପ ସୃଷ୍ଟି କରିଥାଏ ଅର୍ଥାତ୍ ସାକାର ରୂପରେ ଲୋକମାନଙ୍କ ସମ୍ମୁଖରେ ପ୍ରକଟିତ ହୁଏ। ସାଧୁ ପୁରୁଷ ମାନଙ୍କୁ ଉଦ୍ଧାର କରିବା ପାଇଁ ପାପୀ ମାନଙ୍କୁ ବିନାଶ କରିବା ପାଇଁ ଏବଂ ଧର୍ମ ସଂସ୍ଥାପନ କରିବା ପାଇଁ ମୁଁ ଯୁଗେ ଯୁଗେ ପ୍ରକଟ ହୋଇଥାଏ।

ଚନ୍ଦନ ପଚାରିଲା ଯଦି ଭଗବାନ ଧର୍ମ ସଂସ୍ଥାପନ କରନ୍ତି ପ୍ରକୃତରେ କ'ଣ ସମସ୍ତେ ଧାର୍ମିକ ହୋଇଯାଆନ୍ତି। ସେବକ ଏହାର ଉତ୍ତର ଦେଇ କହିଥିଲେ ନା, ସେମାନଙ୍କର ସଂଖ୍ୟା ଖୁବ କମ ଓ ନଗଣ୍ୟ। ତେଣୁ ପ୍ରଭୁଙ୍କୁ ବାରମ୍ବାର ପୃଥିବୀକୁ ଜନ ସମାଜର ହିତ ନିମନ୍ତେ ଜନ୍ମ ନେବାକୁ ପଡ଼ିଥାଏ। ଚନ୍ଦନ ପୁଣି ପ୍ରଶ୍ନ କଲା ଯଦି ଭଗବାନ ବାରମ୍ବାର ଏ ଧରାପୃଷ୍ଠରେ ଜନ୍ମ ନେଉଛନ୍ତି ତେବେ ତାଙ୍କର ସମାଧି ଗୁଡ଼ିକ କ'ଣ ସୂଚନା ଦେଉଛି? ଉଦାହରଣ ସ୍ୱରୂପ ଚନ୍ଦନ ସେବକଙ୍କୁ କହିଲା ଆପଣ ତ ଭଲକା ତୀର୍ଥ କ'ଣ ଜାଣିଥିବେ ସେବକ ଏହା କ'ଣ ବୋଲି ପଚାରିବାରୁ ଚନ୍ଦନ କହିଲା ଗୁଜୁରାଟର ପଶ୍ଚିମ ସାମୁଦ୍ରିକ ତଟରେ ଅବସ୍ଥିତ ସୌରାଷ୍ଟ୍ରର ଭୀରାଭଲ ଠାରେ ଏହା ଅବସ୍ଥିତ। ସେହିଠାରେ ଜରାଶବର କୃଷ୍ଣଙ୍କୁ ତୀରମାରି ହତ୍ୟା କରିଥିଲା। ସେଠାରେ ତାଙ୍କର ସମାଧି ମନ୍ଦିର ରହିଅଛି। ସେହିପରି ଶିରିଡ଼ିର ବୁଟି ୱାଡା ଠାରେ ୧୫ ଅକ୍ଟୋବର ୧୯୧୮ ବିଜୟା ଦଶମୀ ଦିନ ଶିରିଡ଼ିର ସାଇବାବା ଦେହତ୍ୟାଗ କରିଥିଲେ ଓ ତାଙ୍କର ଏକ ସମାଧି ମନ୍ଦିର ସ୍ଥାପନ କରାଯାଇଛି। ସେହିପରି ଚନ୍ଦନ କହିଲା ସତ୍ୟସାଇ ବାବାଙ୍କର ସମାଧୀ ପୀଠ ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲ୍ଲାର ପୁଟ୍ଟପର୍ତ୍ତିଗ୍ରାମରେ ୨୪.୦୪.୨୧୧ରେ ଦେହତ୍ୟାଗ କରିବା ପରେ ସର୍ବସାଧାରଣ ଭକ୍ତଙ୍କ ନିମନ୍ତେ ଖୋଲା ଯାଇଛି ଓ ସେ ସମାଧିପୀଠର ଅଗ୍ରଭାଗରେ ଲେଖାଯାଇଛି 'ସମସ୍ତଙ୍କୁ ଭଲ ପାଆ, ସମସ୍ତଙ୍କର ସେବା କର'।

ହେ ମହାଶୟ! ଏପରି ଅଗଣିତ ସମାଧିପୀଠ ଅନେକ ସାଧୁ ସନ୍ଥମାନଙ୍କର ମଧ୍ୟ ରହିଅଛି। ଏହା କ'ଣ ସୂଚନା ଦେଉଛି। ସେବକ କହିଲା ପ୍ରଭୁ ଦୟାମୟ ସେ ସମସ୍ତଙ୍କର ରୋଗ, ଦୁଃଖ, ଶୋକ ପ୍ରଭୃତିକୁ ହରଣ କରି ନିଅନ୍ତି। ନର୍ଦ୍ଦମାଜଳ ନଦୀରେ ମିଶି ଶେଷରେ ସମୁଦ୍ରରେ ମିଶୁଥିଲେ ମଧ୍ୟ ନଦୀ ଓ ସମୁଦ୍ରର କିଛି ଅଂଶ ଯେପରି ପ୍ରଦୂଷିତ ହେଉଥାଏ ସେହିପରି ଆମ୍ଭେମାନେ ବାରମ୍ବାର ଭୁଲକରି ମଧ୍ୟ ଯେତେବେଳେ ପ୍ରଭୁଙ୍କର ଶରଣାପତ ହେଉ ସମୁଦ୍ର ସ୍ୱରୂପ ଭଗବାନଙ୍କର ମାନବ ଶରୀର କିଛି ଅଂଶରେ ପ୍ରଭାବିତ ହୁଏ। ତା ଛଡ଼ା ସେ ମୃତ୍ୟୁର ଅଧୀନ ନୁହଁନ୍ତି। କୌଣସି ଅଭିଶାପ ଦ୍ୱାରା ମଧ୍ୟ କବଳିତ ନୁହଁନ୍ତି। କିନ୍ତୁ ତାଙ୍କର ସୃଷ୍ଟିର ନିୟମରେ ପରିବର୍ତ୍ତନ ଅବଶ୍ୟମ୍ଭାବୀ। ସେ ସଂସାରରୂପକ ପଙ୍କରୁ ଆମକୁ ଉଦ୍ଧାର କରିବା ପାଇଁ ହାତଧରି ବାହାର କରି ଆଣିବା ପାଇଁ ଚେଷ୍ଟା କରନ୍ତି। ସ୍ୱଳ୍ପ କେତେକ ତାଙ୍କର ହାତ ଧରି ତାଙ୍କର ଉଦ୍ଧାର ପାଆନ୍ତି କିନ୍ତୁ କେତେକ ଷଡ଼ରିପୁ (କାମ, କ୍ରୋଧ, ଲୋଭ, ମଦ, ମାତ୍ସର୍ଯ୍ୟ) ଦ୍ୱାରା ପ୍ରଭାବିତ ହୋଇ ସେ ବଢ଼ାଇଥିବା ହାତକୁ ଧରନ୍ତି ନାହିଁ। ଏପରି ହୋଇଥାଏ ମଣିଷର ଗର୍ବ ପାଇଁ ଭଗବାନ ମଣିଷକୁ ଛାଡ଼ି କେଉଁ ଆଡ଼େ ଚାଲିଯାଆନ୍ତି ନାହିଁ। କାରଣ ସେ ଆମକୁ ପ୍ରେମ କରିବାକୁ ଓ ସମସ୍ତଙ୍କୁ ସେବା କରିବାକୁ ନିର୍ଦ୍ଦେଶ ଦେଇଥାନ୍ତି। ତେଣୁ ସେ ସମସ୍ତଙ୍କ ପାଇଁ ଏହି ପୃଥିବୀରେ ସମାଧି ରୂପରେ ପ୍ରେମର ସ୍ୱରୂପ ଭାବରେ ଅବସ୍ଥାନ କରୁଥିଲେ, କରୁଛନ୍ତି ଓ ଭବିଷ୍ୟତରେ କରୁଥିବେ ମଧ୍ୟ।

**ଅନୀତା ପଟ୍ଟନାୟକ**, ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡିଏ, କଟକ, ଦୂରଭାଷ : ୯୮୬୧୧୧୮୬୭୩

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଜାନୁଆରୀ ୧୪

# ଓଡ଼ିଆ ଆନ୍ଦୋଳନର ପ୍ରତିସ୍ପର୍ଦ୍ଧୀ ପୁରୁଷ: ଫକୀରମୋହନ

**ଡ. ବାୟାମନୁ ଚର୍ଚ୍ଚି**

ସରସ୍ୱତୀ ଫକୀରମୋହନ ସେନାପତିଙ୍କ ପିତା ଲକ୍ଷ୍ମଣ ଚରଣ ସେନାପତି, ପ୍ରପିତା କୁଶ ସେନାପତି ଏବଂ ପ୍ରପିତାମହ ଗୋବିନ୍ଦ ମଲ୍ଲ ବା ହନୁମାନ ମଲ୍ଲ (ସେନାପତି) । ବାଲେଶ୍ୱରର ସେନାପତି ଓ ଚୌଧୁରୀ ବଂଶ ଇଂରେଜ ଶାସନ କାଳ ଆରମ୍ଭରୁ ସରକାରୀ କାର୍ଯ୍ୟ ପରିଚାଳନା କରୁଥିବା ଜଣାଯାଏ । ପ୍ରକାଶ କରିବା ପ୍ରାସଙ୍ଗିକ ହେବ ଯେ, ଏହି ମଲ୍ଲ ଉପାଧିଧାରୀ ଖଣ୍ଡାୟତମାନେ କଟକ ଜିଲ୍ଲାର କେନ୍ଦ୍ରାପଡ଼ା ଅଞ୍ଚଳରେ ବସବାସ କରୁଥିଲେ । ଗୋବିନ୍ଦ ମଲ୍ଲ ମର୍ହାଟା ଶାସନ କାଳରେ ସର୍ଦ୍ଦାର ପଦରେ ନିଯୁକ୍ତି ହୋଇଥିଲେ ଏବଂ ୯୦୦ ମାଣ ନିଷ୍କର ଜମି ଜାଗିରି ରୂପେ ପ୍ରାପ୍ତ ହୋଇଥିଲେ । ହନୁମାନ ମଲ୍ଲ ସେନାପତି ବଂଶର ଆଦିପୁରୁଷ ଏବଂ ଫକୀରମୋହନ ଏହି ବଂଶର ସୁଯୋଗ୍ୟ ଦାୟାଦ । ୧୮୪୩ ମସିହା ଜାନୁୟାରୀ ୧୩ ତାରିଖ ଦିନ ଫକୀର (୧୨୫୦ ସାଲ ମକର ମାସର ସଂକ୍ରାନ୍ତି, ଶୁକ୍ରବାର) ଦିନ ଜନ୍ମ ଗ୍ରହଣ କରିଥିଲେ । ଜୀବନ ଅବଧି ୭୫ ବର୍ଷ । ୧୩ ବର୍ଷ ବୟସରେ ମାଣିକଖମ୍ବ ନିବାସୀ ନାରାୟଣ ପରିଡ଼ାଙ୍କ କନ୍ୟା ଲଳିତା ଦେବୀଙ୍କୁ ବିବାହ କରନ୍ତି । ଆଠବର୍ଷ ପରେ କନ୍ୟାଜନ୍ମ, ପରେ ପରେ ପତ୍ନୀଙ୍କ ବିୟୋଗ । ବାଲେଶ୍ୱରର ତଦାନୀନ୍ତନ ଫୌଜଦାରୀ ହେଡ୍ କିରାଣୀ ଶିବପ୍ରସାଦଙ୍କ କନ୍ୟା ଶ୍ରୀମତୀ କୃଷ୍ଣାକୁମାରୀଙ୍କୁ ବିବାହ । ଫକୀରମୋହନ ପ୍ରଥମେ ଶିକ୍ଷକ ତା'ପରେ ଦେୱାନ, ସହକାରୀ ମେନେଜର, ମେନେଜର ଭାବେ କାର୍ଯ୍ୟ କରିଥିଲେ । ୧୮୭୧ ମସିହା ଠାରୁ ୧୮୯୬ ମସିହା ଦୀର୍ଘ ୨୫ ବର୍ଷ ତାଙ୍କର ବିତିଥିଲା ଗଡ଼ଜାତ ଅଞ୍ଚଳରେ । ବାମଣ୍ଡା ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ତାଙ୍କର ସାହିତ୍ୟ ସୃଷ୍ଟି ପ୍ରତି ପ୍ରୀତ ହୋଇ ସରସ୍ୱତୀ ଉପାଧି ପ୍ରଦାନ କରିଥିଲେ । ସେ ଥିଲେ ଜଣେ ପ୍ରଶାସକ ଏବଂ ବାଲେଶ୍ୱର କଲେକ୍ଟର ବୀମସ୍ ସାହେବ ତାଙ୍କର ହିତୈଷୀ ବନ୍ଧୁ । ଉଭୟଙ୍କ ସଂପର୍କ ଅତି ନିବିଡ଼ ଥିଲା ।

ଫକୀରମୋହନଙ୍କ ସାହିତ୍ୟିକ ଜୀବନ ଆରମ୍ଭ ହେଲା ୧୮୬୬ ମସିହାରେ । ସେ ପ୍ରଥମେ କବିତା ହିଁ ଲେଖୁଥିଲେ । ତାଙ୍କ କବିତାରେ ସ୍ଥାନ ପାଇଥିଲେ ସନ୍ଥ ତୁକାରାମ, ଯୋଶେଫାଇନ୍, ଯିଶୁଖ୍ରୀଷ୍ଟ, କ୍ଲିଓପେଟ୍ରୋ ଏବଂ ୧୯୦୪ ମସିହାର ଋଷ୍ ଜାପାନ ଯୁଦ୍ଧ । ପ୍ରଥମ ରଚନା ହେଉଛି ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ଦ୍ୱାରା ଲିଖିତ କେତୋଟି ଜୀବନୀର ଓଡ଼ିଆ ଅନୁବାଦ । ସେ ରାମାୟଣ, ମହାଭାରତ, ଉପନିଷଦ ଆଦି ସଂସ୍କୃତ ଗ୍ରନ୍ଥମାନଙ୍କର ଓଡ଼ିଆ ପଦ୍ୟାନୁବାଦ କରିଥିଲେ, ଏହା ୯୦୦ ପୃଷ୍ଠାରୁ କମ୍ ହେବନାହିଁ ବୋଲି ଆଲୋଚକମାନଙ୍କ ମତ । ଆଧୁନିକ ପୃଥିବୀ ପ୍ରତି ତାଙ୍କର ଗଭୀର ଅନୁରାଗ ଥିଲା । ଛାପାକଳ ସ୍ଥାପନ, ପତ୍ରପତ୍ରିକା ସଂପାଦନ, ସମ୍ବାଦପତ୍ର ପ୍ରକାଶ ତାଙ୍କ ସାହିତ୍ୟ ପ୍ରୀତିର ନମୁନା ।

ତାଙ୍କ ରଚିତ ପୁସ୍ତକ ଗ୍ରନ୍ଥମାନ ହେଲା- ୧. ରାମାୟଣ (ସଂପୂର୍ଣ୍ଣ), ୨. ମହାଭାରତ (ସଂପୂର୍ଣ୍ଣ), ୩. ଭାରତବର୍ଷର ଇତିହାସ (ପାଠ୍ୟପୁସ୍ତକ), ୪. ଜୀବନ ଚରିତ (ପାଠ୍ୟପୁସ୍ତକ), ୫. ସରଳ ବ୍ୟାକରଣ (ପାଠ୍ୟ ପୁସ୍ତକ), ୬. ଅଙ୍କମାଳା (ପାଠ୍ୟପୁସ୍ତକ), ୭. ମୋହମୁଦ୍‌ଗର (ଅନୁବାଦ), ୮. ଭଗବଦ୍ ଗୀତା (ଅନୁବାଦ), ୯. ଉତ୍କଳ ଖଣ୍ଡ (ଅନୁବାଦ), ୧୦. ଖିଳ ହରିବଂଶ (ଅନୁବାଦ), ୧୧. ଉପନିଷଦ୍ ସଂଗ୍ରହ (ଅନୁବାଦ), ୧୨. ପୁଷ୍ପମାଳା (ପଦ୍ୟ), ୧୩. ଉପହାର (ପଦ୍ୟ), ୧୪. ଉତ୍କଳ ଭ୍ରମଣ (ପଦ୍ୟ), ୧୫. ଅବସରବାସରେ (ପଦ୍ୟ), ୧୬. ବୌଦ୍ଧାବତାର (ପଦ୍ୟ), ୧୭. ପୂଜାଫୁଲ (ପଦ୍ୟ), ୧୮. ଧୂଳି (ପଦ୍ୟ), ୧୯. ପ୍ରାର୍ଥନା (ପଦ୍ୟ), ୨୦. ରେବତୀ (ଗଳ୍ପ), ୨୧. ପୁନର୍ମୂଷିକ ଭବ (ଗଳ୍ପ), ୨୨. ଗଳ୍ପସ୍ୱଳ୍ପ (ଗଳ୍ପ), ୨୩. ଛ'ମାଣ ଆଠଗୁଣ୍ଠ (ଉପନ୍ୟାସ), ୨୪. ଅପୂର୍ବ ମିଳନ ବା ଲଛମା (ଉପନ୍ୟାସ), ୨୫. ମାମୁଁ (ଉପନ୍ୟାସ), ୨୬. ପ୍ରାୟଶ୍ଚିତ୍ତ (ଉପନ୍ୟାସ), ୨୭. ବ୍ରାହ୍ମଣାନାଂ ସନ୍ଧ୍ୟା ପଦ୍ଧତି, ୨୮. ସମବେତ ଋଣ ସମିତି ପ୍ରସଙ୍ଗ, ୨୯. ଯୋଗଶାସ୍ତ୍ର (ପାତଞ୍ଜଳ ଦର୍ଶନର ବ୍ୟାଖ୍ୟା), ୩୦. ଚୈତନ ଦେବଚରିତ (ଅପ୍ରକାଶିତ) ।

ସାମାଜିକ ଉପନ୍ୟାସର ଚାରୋଟି ଧାରା ସମାଜ ବର୍ଣ୍ଣନା, ସମାଜ ସୂତ୍ର, ଆତ୍ମବର୍ଣ୍ଣନା ଓ ଆତ୍ମସୂତ୍ର ସମନ୍ୱିତ ହୋଇଛି ଫକୀରମୋହନଙ୍କ ରଚନାରେ । ସେ ଲେଖିଛନ୍ତି ସମାଜଭିତ୍ତିକ ଉପନ୍ୟାସ 'ଛ'ମାଣ ଆଠଗୁଣ୍ଠ', 'ଲଛମା', 'ମାମୁଁ', 'ପ୍ରାୟଶ୍ଚିତ' ଏବଂ ୨୦ଟି ଗଳ୍ପ । ଏସବୁ ରଚନାରେ ଆମେ ଦେଖୁ ମରହଟ୍ଟାମାନଙ୍କ ଅପଶାସନ ଜନିତ ରାହାଜାନି ଠାରୁ ଜମିଜମାର ବାଜ୍ୟାପ୍ତି, ଇଂରାଜୀ ଶିକ୍ଷାର ଅନ୍ଧାନୁକରଣ, ସାମାଜିକ ବିବର୍ତ୍ତନ, ଇତିହାସ ଆଧାରିତ ରାଜନୈତିକ ଘଟଣା ପ୍ରବାହ । ତାଙ୍କର ଶୈଳୀ ଥିଲା ନୂତନ । ଖାଣ୍ଟି ଓଡ଼ିଆ ଭାଷାରେ ରଚିତ ଗଳ୍ପ, ଉପନ୍ୟାସ ଅତ୍ୟନ୍ତ ରଚିପୂର୍ଣ୍ଣ, ଆହ୍ଲାଦ ଦାୟକ ଏବଂ ହୃଦୟସ୍ପର୍ଶୀ । ତେଣୁ ସେ ଆଧୁନିକ ଗଦ୍ୟ ସାହିତ୍ୟର ପ୍ରବର୍ତ୍ତକ ଭାବେ ସ୍ୱୀକୃତ । ତେବେ ପାଶୋରି ନାହାନ୍ତି ଭାରତୀୟ ଜନଜୀବନକୁ, ମାଟି, ପାଣି, ପବନକୁ । ତାଙ୍କ ଲେଖନୀରେ ଜୀବନ୍ତ ହୋଇଛି ପ୍ରକୃତିର ରୂପରାଜି, ଗ୍ରାମ୍ୟ ଚିତ୍ର, ଜନଜୀବନର ସୁଖ ଦୁଃଖ, ଜୀବନ ସଂଘର୍ଷ । ଗଳ୍ପ ଉପନ୍ୟାସ ଥିଲା ତାଙ୍କର ଜୀବନ ।

ଅପରପକ୍ଷରେ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ତାଙ୍କର ଅବଦାନ ଅବିସ୍ମରଣୀୟ । ସେ ଥିଲେ ଓଡ଼ିଆ ଆନ୍ଦୋଳନର ପ୍ରତିସ୍ପର୍ଦ୍ଧୀ ପୁରୁଷ । ୧୯୦୨ ମସିହାରେ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୟ' ବୋଲି ଯେଉଁ ପୁସ୍ତିକା ଲେଖିଲେ ଏବଂ ଓଡ଼ିଆ ଭାଷା ବିଲୁପ୍ତିର ପ୍ରୟାସ ଜାରି ରହିଥିଲା, ବୀମସ୍ ସାହେବଙ୍କ ସହାୟତାରେ ସେ ବଳିଷ୍ଠ ପଦକ୍ଷେପ ନେଇ ଓଡ଼ିଆ ଭାଷାକୁ ପାଠ୍ୟକ୍ରମ ଭିତରେ ବଞ୍ଚାଇ ରଖିବାରେ ସଫଳତା ପାଇଥିଲେ । ଓଡ଼ିଆ ଆନ୍ଦୋଳନ, ଭାଷା ଆନ୍ଦୋଳନ ତଥା ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ସେ ସ୍ମରଣୀୟ । ୧୯୦୨ ମସିହା ଖଲ୍ଲିକୋଟ ରମ୍ଭା ପ୍ରାସାଦରେ ଅନୁଷ୍ଠିତ ଜାତୀୟ ସଭା, ଗଂଜାମ ସମ୍ମେଳନ ତଥା ଉତ୍କଳ ସମ୍ମିଳନୀ ସହ ସଂପୃକ୍ତ ହୋଇ କହୁଥିଲେ-

"ଭାଷା ହିଁ ଜୀବନ ଶକ୍ତି ଜାତିମାନଙ୍କର
ଯେଉଁ ଜାତି, ଭାଷାହୀନ ସେ ଜାତି ବର୍ବର ।"

ତାଙ୍କ ରଚିତ 'ଆତ୍ମଚରିତ' ଓଡ଼ିଆ ଜାତିର ସମକାଳୀନ ଜୀବନ ଚରିତ । ସ୍ୱଭାବ କବି ଗଙ୍ଗାଧର ମେହେର କହିଥିଲେ- 'ଉତ୍କଳୀୟ ଜାତୀୟ ଜୀବନ ସଂଗ୍ରାମର ସେନାପତି ହେଉଛନ୍ତି ଫକୀରମୋହନ ।' ଡକ୍ଟର ଖଗେଶ୍ୱର ମହାପାତ୍ର ଫକୀରମୋହନଙ୍କ ଜୀବନାନୁଶୀଳନ କରି ଲେଖିଛନ୍ତି- "ଫକୀରମୋହନଙ୍କ ବ୍ୟକ୍ତିଗତ ଜୀବନରେ ସମୃଦ୍ଧି ଓ କ୍ରମୋନ୍ନତି ଓଡ଼ିଆ ଜାତୀୟ ଜୀବନର ବିକାଶଧାରା ସଂଗେ ସମାନ୍ତରାଳ ଭାବେ ଗତି କରିଛି । ଯଥାର୍ଥରେ ଫକୀରମୋହନ ଊନବିଂଶ ଶତାବ୍ଦୀର ଓଡ଼ିଆ ଜାତିର ପ୍ରତିନିଧି ।"

ଫକୀରମୋହନ ଜଣେ କାଳଜୟୀ ସାହିତ୍ୟସ୍ରଷ୍ଟା ଏବଂ ଓଡ଼ିଆ ଆନ୍ଦୋଳନ, ଓଡ଼ିଆ ଜାତିର ଭାଷାର ସୁରକ୍ଷା ପାଇଁ ତାଙ୍କର ଅବଦାନ ନିମିତ୍ତ ସେ ସଦା ସ୍ମରଣୀୟ ହୋଇ ରହିବେ ।

**ଭାରତୀୟ ସମ୍ବାଦ ସେବା (ଭାସ)**
**ଭୁବନେଶ୍ୱର-୭୫୧୦୦୩**

## ଆଜିର ଅନୁଚିନ୍ତା

"ନ ଇଦଂ ମମ" (ଏହା ମୋର ନୁହେଁ)–ଏହି ଦିବ୍ୟଭାବନା ମହାପୁଣ୍ୟ ଫଳରେ ଉଦୟ ହୁଏ ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ–ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।
E-mail: editorpbkc@gmail.com
9853400829 (M), Fax: 0674-2550504

# ୱାର୍ଲ୍ଡ୍ ଓଡ଼ିଶା ସୋସାଇଟିର ଇତିବୃତ୍ତ

**କିଶୋର ଦ୍ୱିବେଦୀ**

ୱାର୍ଲ୍ଡ୍ ଓଡ଼ିଶା ସୋସାଇଟି (ୱାଓସୋ)ର ଦ୍ୱିତୀୟ ପ୍ରତିଷ୍ଠା ଦିବସ ଅବସରରେ ମୁଁ ବିଶ୍ୱଭରି ଏହାର ସଦସ୍ୟ, ଶୁଭେଚ୍ଛୁ ଏବଂ ଓଡ଼ିଶା ପ୍ରେମୀମାନଙ୍କୁ ମୋର ହୃଦୟର ଗଭୀର ପ୍ରଦେଶରୁ ସ୍ୱାଗତ ସମ୍ଭାଷଣ, ଶୁଭକାମନା ଓ ସାଧୁବାଦ ଜଣାଉଛି । ୨୦୨୧ ମସିହା ଜାନୁଆରୀ ୧୪ ତାରିଖ ଦିନ ପବିତ୍ର ମକର ସଂକ୍ରାନ୍ତି ତିଥିରେ ୱାର୍ଲ୍ଡ୍ ଓଡ଼ିଶା ସୋସାଇଟି ଜନ୍ମଲାଭ କରିଥିଲା । ଭୟଙ୍କର କରୋନା ମହାମାରୀର କରାଳ ଛାୟା ଯେତେବେଳେ ସମଗ୍ର ପୃଥିବୀକୁ ଗ୍ରାସ କରି ମାନବ ସମାଜକୁ ଅସ୍ତବ୍ୟସ୍ତ, ଧ୍ୱସ୍ତବିଧ୍ୱସ୍ତ ଓ ସର୍ବସ୍ୱାନ୍ତ କରିଦେଇଥିଲା,

**ୱାର୍ଲ୍ଡ୍ ଓଡ଼ିଶା ସୋସାଇଟିର ଦ୍ୱିତୀୟ ପ୍ରତିଷ୍ଠା ଦିବସ ଉପଲକ୍ଷେ**

ସେହି ସମୟରେ ହିଁ ପଙ୍କରୁ ପଦ୍ମ ଫୁଟିବା ଭଳି ୱାଓସୋ ବିଶ୍ୱଭରି ପ୍ରବାସୀ ଓଡ଼ିଆମାନଙ୍କ ପାଇଁ ତ୍ରାଣକର୍ତ୍ତାର ଆଶା ଭରସା ନେଇ ଉଭା ହୋଇଥିଲା । ଓଡ଼ିଶା ବିଧାନସଭାର ତତ୍କାଳୀନ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏହାର ମୁଖ୍ୟ ପୃଷ୍ଠପୋଷକ ଓ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଗୁରୁମା ଡଃ ଅରୁନ୍ଧତୀ ଦେବୀ ଏହାର ପ୍ରତିଷ୍ଠାତ୍ରୀ ବନିଥିଲେ । ସୌଭାଗ୍ୟକ୍ରମେ ମୁଁ ୱାଓସୋର ଅଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଥିଲି । ସେତେବେଳେ ସୋସାଇଟିର ସଦସ୍ୟ ସଂଖ୍ୟା ମାତ୍ର ୨୦ଟି ଦେଶର ଓଡ଼ିଆ ସମାଜ ଓ ବିଶିଷ୍ଟ ପ୍ରବାସୀ ଓଡ଼ିଆ ଥିଲେ । ଏବେ ଦୁଇ ବର୍ଷ ଅତିକ୍ରାନ୍ତ କରିବା ବେଳକୁ ୱାଓସୋର ସଦସ୍ୟ ରାଷ୍ଟ୍ରଙ୍କର ସଂଖ୍ୟା ୬୫ରେ ପହଞ୍ଚିଛି । ଏହା ମଧ୍ୟରେ ସଂସ୍ଥାର ତିନୋଟି ଶାଖା ଯଥା ଭାରତ, ଆମେରିକା-କାନାଡ଼ା ଏବଂ ମିଆଁମାର୍ ଗଠନ କରାଯାଇଛି । ଓଡ଼ିଶା ବାହାରେ ଭାରତର ଅନ୍ୟାନ୍ୟ ପ୍ରଦେଶ ତଥା ସମଗ୍ର ବିଶ୍ୱର ବିଭିନ୍ନ ଦେଶରେ ବସବାସ କରୁଥିବା ପ୍ରବାସୀ ଓଡ଼ିଆ ସଂପ୍ରଦାୟ, ୱାଓସୋ ପ୍ରତି ସେମାନଙ୍କର ଦୃଢ଼ ଆଶା ଓ ଅତୁଟ ବିଶ୍ୱାସ ପୋଷଣ କରିଛନ୍ତି । ୱାର୍ଲ୍ଡ୍ ଓଡ଼ିଶା ସୋସାଇଟି ଗଠନର ମୁଖ୍ୟ ଉଦ୍ଦେଶ୍ୟ ହେଲା ପ୍ରଥମରେ ସମଗ୍ର ପୃଥିବୀର ଓଡ଼ିଆ ଭାଇ, ଭଉଣୀ ଏବଂ ଓଡ଼ିଶାର ହିତାକାଂକ୍ଷୀ ମାନଙ୍କୁ ଗୋଟିଏ ମଞ୍ଚରେ ଏକଜୁଟ୍ କରି ସେମାନଙ୍କର ଭୌତିକ ଏବଂ ବୌଦ୍ଧିକ ସମ୍ବଳକୁ ମାତୃପ୍ରଦେଶ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ଉପଲକ୍ଷେ ବିନିଯୋଗ କରିବା । ଦ୍ୱିତୀୟରେ ବିଶ୍ୱଭରି ଓଡ଼ିଆମାନଙ୍କର ସ୍ୱାର୍ଥକୁ ସୁରକ୍ଷିତ ରଖିବା ଏବଂ ସେମାନଙ୍କର କଲ୍ୟାଣ ପାଇଁ କାର୍ଯ୍ୟ କରିବା । ତୃତୀୟରେ ସଂଗଠନ ସ୍ଥିରୀକୃତ ଭବିଷ୍ୟତ ମାର୍ଗପନ୍ଥା ଅନୁଯାୟୀ ୨୦୩୬ ମସିହାରେ ଓଡ଼ିଶା ରାଜ୍ୟ ଗଠନର ଶହେ ବର୍ଷ ପୂର୍ତ୍ତି ସମୟରେ ସୁଜଳା, ସୁଫଳା, ସ୍ୱର୍ଣ୍ଣପ୍ରସୂ ଏକ ନୂତନ ଓଡ଼ିଶା ଗଠନ କରିବାର ସ୍ୱପ୍ନକୁ ସାକାର କରି ଆମର ଭବିଷ୍ୟତ ପିଢ଼ିକୁ ଏହାକୁ ଏକ ଭେଟି ଆକାରରେ ପ୍ରଦାନ କରିବା । ୱାଓସୋର ଏହି କାର୍ଯ୍ୟସୂଚୀକୁ ସୂଚାରୁ ରୂପେ କାର୍ଯ୍ୟକାରୀ କରିବା ପାଇଁ ସମଗ୍ର ବିଶ୍ୱକୁ ପ୍ରତିନିଧିତ୍ୱ କରୁଥିବା ୮୨ ଜଣ ସଦସ୍ୟ ବିଶିଷ୍ଟ ଏକ ବିରାଟକାୟ କାର୍ଯ୍ୟକାରୀ କମିଟି ଏବେ ଦାୟିତ୍ୱ ନିର୍ବାହ କରିଚାଲିଛି । ଏ ମଧ୍ୟରେ ବ୍ରାଣ୍ଡ ଓଡ଼ିଶା ପ୍ରୋତ୍ସାହନ, ମାତୃଭାଷା ଓଡ଼ିଆର ପ୍ରଚାର, ପରିବେଶ ନିୟନ୍ତ୍ରଣ, ପାରମ୍ପରିକ ଓଡ଼ିଆ ଖାଦ୍ୟର ପ୍ରସାରଣ, ସୁସ୍ଥତା ରକ୍ଷା ଏବଂ ଆଧ୍ୟାତ୍ମିକ ଚିନ୍ତନର ବିକାଶ ଆଦି ଭିନ୍ନ ତଥା ଅଭିନବଧର୍ମୀ ବିଭାଗ ଆଦିକୁ ଅନ୍ତର୍ଭୁକ୍ତ କରାଯାଇଛି ।

ୱାର୍ଲ୍ଡ୍ ଓଡ଼ିଶା ସୋସାଇଟି ଗଠନ ହେବା ମାତ୍ରେ ଏହାର ପ୍ରଥମ ଗମ୍ଭୀର ପଦକ୍ଷେପ ଭାବରେ କୋଟିଆ ସମସ୍ୟାକୁ ଗ୍ରହଣ କରାଯାଇଥିଲା । ଓଡ଼ିଶାର ସୀମାବର୍ତ୍ତୀ ଅଞ୍ଚଳର ଅଧିବାସୀମାନଙ୍କୁ ନ୍ୟାୟ ପ୍ରଦାନ କରିବା ଏବଂ ରାଜ୍ୟର କ୍ଷେତ୍ରୀୟ ସ୍ୱାତନ୍ତ୍ରତାକୁ ଅକ୍ଷୁର୍ଣ୍ଣ ରଖିବା ଉଦ୍ଦେଶ୍ୟରେ ସଂଗଠନ ତରଫରୁ ସୁପ୍ରିମକୋର୍ଟରେ ରିଟ୍ ପିଟିସନ୍ ଦାଖଲ କରାଯାଇଛି । ୨୦୨୧ ମସିହା ସେପ୍ଟେମ୍ବର ୧୦ ତାରିଖ ଗଣେଶ ଚତୁର୍ଥୀର ଶୁଭ ଅବସରରେ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ୱାଓସୋକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବର ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମଧ୍ୟ ଆଭାସି ଜରିଆରେ ଯୋଗଦେଇ ୱାଓସୋକୁ ଭବ୍ୟ ସ୍ୱାଗତ ଜଣାଇବା ସହିତ ଏହାକୁ ଢେରସାରା ଆଶୀର୍ବାଦ ପ୍ରଦାନ କରିଥିଲେ । ଗତ ଦୁଇବର୍ଷ ଯାଏଁ କୋଭିଡ୍ ଯୋଗୁଁ ଦେଶସାରା ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ଚାଲିଥିଲେ ହେଁ, ୱାଓସୋ ତରଫରୁ କିଛି ଉପାଦେୟ ଓ ଉଲ୍ଲେଖନୀୟ କାର୍ଯ୍ୟ ହାତକୁ ନିଆଯାଇଛି । ଏ ମଧ୍ୟରେ ଭୁବନେଶ୍ୱରଠାରେ ସଂସ୍ଥାର ଆନ୍ତର୍ଜାତିକ ମୁଖ୍ୟାଳୟର ଉଦ୍‌ଘାଟନ, ଦୀପାବଳିରେ ଆଲୋକ ଉତ୍ସବ ପାଳନ, ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ଶକ୍ତି ଉତ୍ସବର ଆୟୋଜନ, ଜାତୀୟ ଅଙ୍ଗଦାନ ଦିବସରେ ଅଙ୍ଗଦାନ ନେଇ ସଚେତନତା ସୃଷ୍ଟି ପାଇଁ ଇଣ୍ଡିଆନ୍ ଲିଭର ପ୍ୟାସେଣ୍ଟ ଫାଉଣ୍ଡେସନ (ଆଇ.ଏଲ.ପି.ଏଫ୍) ସହଯୋଗରେ 'ଅଙ୍ଗଦାନ: ପୁର୍ନଜନ୍ମ ପ୍ରଦାନ' ଶୀର୍ଷକ ଆଭାସି ଆଲୋଚନାଚକ୍ର କରାଯିବା, ମାନସିକ ସୁସ୍ଥତା ସମ୍ପର୍କରେ ଅଷ୍ଟ୍ରେଲିଆ ଓଡ଼ିଆ ସମାଜ ଓ ଆଇ.ଏଲ୍.ପି.ଏଫ୍ ସହିତ ମିଶି ୱେବିନାରର ଆୟୋଜନ, ଓଡ଼ିଶା ସାହିତ୍ୟ ଏକାଡେମୀର ସହଯୋଗରେ 'ଗାନ୍ଧୀ ଚର୍ଚ୍ଚା' ଶୀର୍ଷକ ଆନ୍ତର୍ଜାତିକ ୱେବିନାର କରାଯିବା, ସ୍ୱାଧୀନତା ଦିବସ ଉପଲକ୍ଷେ ମଧ୍ୟରାତ୍ର ସ୍ୱାଧୀନତା ସମାରୋହ ପାଳନ ଆଦି ଅନ୍ୟତମ । ଏହା ସାଙ୍ଗକୁ ଓଡ଼ିଶା ନାଗରିକ ସମାଜ ଏବଂ ବିଭିନ୍ନ ଅନୁଷ୍ଠାନ ସହିତ ସଂଯୁକ୍ତ ଭାବରେ କରୋନା ସମ୍ପର୍କରେ ସଚେତନତା ତଥା ଅନ୍ୟାନ୍ୟ ବିଷୟବସ୍ତୁ ଉପରେ ୱାଓସୋ ସଫଳତାର ସହିତ ବହୁ କାର୍ଯ୍ୟକ୍ରମ ଏହି ଦୁଇ ବର୍ଷ ମଧ୍ୟରେ ସମ୍ପନ୍ନ କରିବାକୁ ସକ୍ଷମ ହୋଇଛି । ସଦ୍ୟତମ କାର୍ଯ୍ୟକ୍ରମ ଭାବରେ ନବବର୍ଷର ଅବ୍ୟବହିତ ପୂର୍ବରୁ ୱାଓସୋ ତରଫରୁ ଜାତୀୟ ରାଜଧାନୀ ଦିଲ୍ଲୀର ପ୍ରେସ୍ କ୍ଲବ ଅଫ୍ ଇଣ୍ଡିଆଠାରେ ପ୍ରଥମ ଥର ପାଇଁ ଆୟୋଜିତ ବନ୍ଧୁମିଳନ ଅଭୂତପୂର୍ବ ଭାବେ ସଫଳ ହୋଇଥିବା ଲକ୍ଷ୍ୟ କରାଯାଇଥିଲା । ବିଶେଷ କରି ଓଡ଼ିଶାର ପୂଜ୍ୟପୂଜା ପରମ୍ପରାକୁ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ ଅନୁଷ୍ଠାନ ତରଫରୁ ପାରଦର୍ଶୀ ସେବା ପ୍ରଦାନ ପାଇଁ ପତି-ପତ୍ନୀଙ୍କୁ ଦିଆଯାଇଥିବା ସମ୍ବର୍ଦ୍ଧନା ବେଶ୍ ଆକର୍ଷକ ଥିଲା ।

ୱାର୍ଲ୍ଡ୍ ଓଡ଼ିଶା ସୋସାଇଟି ଆଜି ମାତ୍ର ଦୁଇ ବର୍ଷରେ ପଦାର୍ପଣ କରିଛି । କୌଣସି ସଂସ୍ଥାର ପରାକାଷ୍ଠାକୁ ପରଖିବା ପାଇଁ ଏହା ଖୁବ୍ କମ୍ ଅବଧି । କିନ୍ତୁ ପ୍ରଭୁ ଶ୍ରୀଜଗନ୍ନାଙ୍କର ଅଶେଷ ଆଶୀର୍ବାଦ ଫଳରେ ଅଷ୍ଟ୍ରେଲିଆଠାରୁ ଆମେରିକା ଯାଏ ଏବେ ୱାଓସୋ ନେଇ ଚର୍ଚ୍ଚା ପ୍ରତ୍ୟେକ ଓଡ଼ିଆଙ୍କର ଘରେ ଘରେ ଚାଲିଛି । ଆଗକୁ ଚାଲିବାକୁ ବାଟ ବହୁତ ବାକି ଅଛି । ମୁଁ ଆଶା କରୁଛି ଓଡ଼ିଶା ଭିତରେ ସାଢ଼େ ୪କୋଟି ଏବଂ ବାହାରେ ଦେଢ଼ କୋଟି ଓଡ଼ିଆଙ୍କର ଆଶୀର୍ବାଦ ୱାଓସୋ ଉପରେ ରହିଲେ, ଏହା ନିଶ୍ଚିତ ଭାବେ ଭବିଷ୍ୟତରେ ଏକ ବିଶାଳ ବଟଦ୍ରୁମର ରୂପ ନେବା ସହିତ ଓଡ଼ିଆ ଜାତିର ଲୁପ୍ତ ବୈଭବ, ହୃତଗୌରବ ଏବଂ ସୁପ୍ତସୌରଭର ପୁର୍ନବାହକ ସାଜିବା ନେଇ ମୁଁ ସମ୍ପୂର୍ଣ୍ଣ ଭାବେ ଆଶ୍ୱସ୍ତ ।

ବନ୍ଦେ ଉତ୍କଳ ଜନନୀ।।।
ଜୟ ଜଗନ୍ନାଥ ।।।

**ଅଧ୍ୟକ୍ଷ, ୱାର୍ଲ୍ଡ୍ ଓଡ଼ିଶା ସୋସାଇଟି**
**ଗକ୍ଷଭ. : ୯୮୭୩୩୫୧୧୭୦,**
**Mail : kishoredwibedi@gmail.com**

# ସାଇ ନବବର୍ଷ ଓ ମକର ସଂକ୍ରାନ୍ତି

**ନିରୂପମା ଭୂୟାଁ**



ଆମ ଦେଶରେ ମକର ସଂକ୍ରାନ୍ତିକୁ ଏକ ପବିତ୍ର ଦିବସ ରୂପେ ପାଳନ କରାଯାଏ । ଏହିଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରନ୍ତି ଓ ତାଙ୍କର ଉତ୍ତରାୟଣ ଆରମ୍ଭ ହୁଏ । ଏହି ଦିନର ଆଉ ଏକ ପୌରାଣିକ ତାତ୍ପର୍ଯ୍ୟ ହେଲା ଯେ ମହାଭାରତ ଯୁଦ୍ଧରେ ଭୀଷ୍ମ ଶରଶଯ୍ୟାରେ ୫୬ଦିନ ଶୟନ କଲାପରେ ମର ଶରୀର ତ୍ୟାଗ କରିବା ପାଇଁ ଏହି ପବିତ୍ର ଦିନଟିକୁ ଅପେକ୍ଷା କରି ରହିଥିଲେ । ସୂର୍ଯ୍ୟଙ୍କର ଉତ୍ତରାୟଣ ଆରମ୍ଭ ହେବାରୁ ତାଙ୍କ ଆତ୍ମା ପରମାତ୍ମାଙ୍କ ଶରୀରରେ ଲୀନ ହେଲା । ସତ୍ୟସାଇ ବାବା ପ୍ରତିବର୍ଷ ମକର ସଂକ୍ରାନ୍ତି ଦିନଟିକୁ ସତ୍ୟସାଇ ସଂଗଠନର ନବବର୍ଷର ଆରମ୍ଭ ରୂପେ ପାଳନ କରି ଏହି ପବିତ୍ର ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ଦିବ୍ୟ ସମ୍ଭାଷଣମାନ ଦେଇଥାନ୍ତି । ତାଙ୍କ ମତରେ ମକର ସଂକ୍ରାନ୍ତି ଆବାହମାନ କାଳରୁ ଏକ ପରିପୂର୍ଣ୍ଣତା ଓ ଆନନ୍ଦର ଦିବସ ରୂପେ ପାଳିତ ହୋଇ ଆସୁଅଛି । ଏହି ପର୍ବ ସାମାଜିକ ମଙ୍ଗଳ ପାଇଁ ଉଦ୍ଦିଷ୍ଟ । ସଂକ୍ରାନ୍ତିର ଅର୍ଥ ହେଲା ସମୁହକ୍ରାନ୍ତି । କ୍ରାନ୍ତି କହିଲେ ପରିବର୍ତ୍ତନକୁ ବୁଝାଏ । ଏହି ପବିତ୍ର ଦିବସର ପ୍ରଭାବରେ ସମଗ୍ର ମାନବ ଜାତି ମଧ୍ୟରେ ପବିତ୍ର ବାତାବରଣ ସୃଷ୍ଟି ହୁଏ । ସେଥିପାଇଁ ସାଇ ବାବା ଏହି ପର୍ବରେ ଭକ୍ତମାନଙ୍କ ସମାବେଶରେ ଶୁଭ ସନ୍ଦେଶ ଦେଇକହିଥାନ୍ତି ଯେ ସଂକ୍ରାନ୍ତି ହୃଦୟର ପରିବର୍ତ୍ତନ ଆଣିଲେ ସମସ୍ତେ ସୁଖ ସମୃଦ୍ଧ ଭରା ଗୌରବମୟ ଜୀବନଯାପନ କରିବେ ।

ସାଧାରଣତଃ ଗ୍ରାମ ମାନଙ୍କରେ ଚାଷକାର୍ଯ୍ୟରେ ବ୍ୟସ୍ତ ଥିବା ବ୍ୟକ୍ତିମାନେ ଜମି ହଳ କରିବା, ପାଣି କାଦୁଅରେ ଦିନରାତି ପରିଶ୍ରମ କରି ବେଉଷଣ କରିବା, ଶୀତ କାକରରେ ଧାନ ଅମଳ କରି ଖଳାରେ ଗଦା ମାରିବା ଓ ଧାନ ଅମଳ କରିବାରେ ଯେଉଁ କଷ୍ଟ ସ୍ୱୀକାର କରିଥାଆନ୍ତି ମକର ସଂକ୍ରାନ୍ତି ପରି ଏକ ପବିତ୍ର ଦିନ ଉପସ୍ଥିତ ହେଲେ ମନଭରି ଆନନ୍ଦ ଉଲ୍ଲାସରେ ମାତି ଯାଆନ୍ତି । ଟିକିଏ ଆରାମ କରିବା ସହିତ ଭାଗବତ ଆରାଧନା କରିବାରେ ଦିନଟିକୁ କାଟି ଥାଆନ୍ତି । ଘରେ ଘରେ ନୂଆ ଧାନର ଚାଉଳରେ ନଡ଼ିଆ, ଛେନା ଆଦି ବ୍ୟବହାର କରି ସୁସ୍ୱାଦୁ ପୋଡ଼ପିଠା କରି ମକର ଚାଉଳ ସହିତ ଠାକୁରଙ୍କ ନିକଟରେ ଭୋଗ ଲଗାନ୍ତି । ମକର ସଂକ୍ରାନ୍ତୁ ସାରା ବିଶ୍ୱରେ ସତ୍ୟସାଇ ସଂଗଠନ ଦ୍ୱାରା ନବବର୍ଷ ରୂପେ ପାଳନ କରାଯାଏ । କାରଣ ଏହି ପବିତ୍ର ଦିବସରେ ସତ୍ୟସାଇ ସମିତି ଗୁଡ଼ିକରେ ଆଗାମି ବର୍ଷ ପାଇଁ ସର୍ବସମ୍ମତ ଭାବେ ସ୍ଥିର କରାଯାଇଥିବା ଓ ରାଜ୍ୟ ସଂଗଠନ ଦ୍ୱାରା ଅନୁମୋଦିତ କର୍ମକର୍ତ୍ତା ମାନେ ଶପଥ ଗ୍ରହଣ କରନ୍ତି । ଏହି ଶପଥ ଗ୍ରହଣ ଉତ୍ସବରେ ରାଜ୍ୟସ୍ତରୀୟ କିମ୍ବା ଜିଲ୍ଲାସ୍ତରୀୟ କିମ୍ବା ବିଶିଷ୍ଟ ବ୍ୟକ୍ତିମାନେ ପୌରହିତ କରିଥାନ୍ତି ଏବଂ ବାବାଙ୍କ ବାଣୀ ଓ ଲୀଳା ବିଷୟରେ ଉପସ୍ଥିତ ଦର୍ଶକ ମାନଙ୍କୁ ସମ୍ଭାଷଣ ଦେଇ ବାତାବରଣକୁ ପବିତ୍ରତାରେ ଭରି ଦିଅନ୍ତି । ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ଦିବ୍ୟ ସମ୍ଭାଷଣ ପ୍ରଦତ୍ତ ଓ ମାର୍ଗ ନିର୍ଦ୍ଦେଶିତ ଜୀବନଚର୍ଯ୍ୟା ଓ ସଙ୍ଗଠନରେ ଆଧ୍ୟାତ୍ମିକ ଦାୟିତ୍ୱବୋଧକୁ ସ୍ମରଣୀୟ କରିବାର ପବିତ୍ର ଦିନଟି ହେଉଛି ମକର ସଂକ୍ରାନ୍ତୀ । କହିବାକୁଗଲେ ମକର ସଂକ୍ରାନ୍ତି ହେଉଛି ଶ୍ରୀ ସତ୍ୟସାଇ ସେବା ସଙ୍ଗଠନର ଆଧ୍ୟାତ୍ମିକ ବର୍ଷର ଆରମ୍ଭ ଦିନ ବା ନୂଆ ବର୍ଷ କହିଲେ ଅତ୍ୟୁକ୍ତି ହେବନାହିଁ । ପ୍ରତିଟି ସାଇ ଆଶ୍ରିତ ଏହି ଦିନଟିକୁ ଅତ୍ୟନ୍ତ ଆଧ୍ୟାତ୍ମିକ ଭାବପୂର୍ଣ୍ଣ ଭାବେ ଗ୍ରହଣ କରିଥାନ୍ତି । ପ୍ରତ୍ୟୁଷରୁ ଓଁକାରମ୍ ସୁପ୍ରଭାତମ୍, ନଗରସଂକୀର୍ତ୍ତନରୁ ଆରମ୍ଭ ହୋଇ ବିଭିନ୍ନ ସେବାକାର୍ଯ୍ୟ, ପୂଜା, ପ୍ରାର୍ଥନା ଓ ଅନ୍ୟାନ୍ୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସହ ସତସଙ୍ଗ ଓ ସ୍ୱତନ୍ତ୍ର ପ୍ରଶାନ୍ତି ଭଜନ ପରିବେଷଣ ହୋଇଥାଏ । ଏହି ଦିନରୁ ସଙ୍ଗଠନର ସମସ୍ତ ଶାଖାର ନୂଆ କର୍ମକର୍ତ୍ତାମାନେ ଭଗବାନଙ୍କ ପାଦପଦ୍ମରେ ଶପଥ ଓ ପ୍ରଣାମ ପୂର୍ବକ ଦାୟିତ୍ୱ ଗ୍ରହଣ କରିଥାନ୍ତି । ସଙ୍ଗଠନର ସକ୍ରିୟ କର୍ମୀ ଓ କର୍ମକର୍ତ୍ତା ଶପଥ ଗ୍ରହଣ କରି ଘୋଷଣା କରିଥାନ୍ତି – ମୁଁ ଉଦ୍‌ଘୋଷଣା କରୁଛି କି ମୋର ଭଗବାନ ବାବାଙ୍କ ପ୍ରଦତ୍ତ ଶିକ୍ଷା ଉପରେ ପୂର୍ଣ୍ଣ ବିଶ୍ୱାସ ଅଛି । ମୁଁ ନବବିଧ ଆଚରଣ ବିଧି ଓ ସଂଗଠନର ସମସ୍ତ ନିୟମ ମାନି ଚଳିବି, ମୁଁ ନିଶାଦ୍ରବ୍ୟ ଧୂଆଁପତ୍ର, ଆମିଷ ଭୋଜନ ଓ ଜୁଆ ଖେଳରୁ ଦୂରେଇ ରହିବି । ମୁଁ ମୋର ସମସ୍ତ କର୍ତ୍ତବ୍ୟ ଭଗବାନ ସତ୍ୟସାଇ ବାବାଙ୍କ ପାଦପଦ୍ମରେ ଅର୍ପଣ କରିବି ।

ମକର ସଂକ୍ରାନ୍ତିରୁ ଉତ୍ତରାୟଣ ପର୍ବ ଆରମ୍ଭ ହୁଏ । ଏହା ଦେବତା ମାନଙ୍କ ଦିନ ହୋଇଥିବା ଯୋଗୁଁ ଏହି ଦିନ ଜପ, ତପ, ଦାନ, ସ୍ନାନ, ଶ୍ରାଦ୍ଧ, ତର୍ପଣ ଆଦି ଧାର୍ମିକ କାର୍ଯ୍ୟର ବିଶେଷ ମହତ୍ୱ ରହିଛି । ଏହିଦିନ ଠାରୁ ଦିନ ବଡ଼ ହେବାକୁ ଲାଗେ ଏବଂ ରାତି ଛୋଟ ହେବାକୁ ଲାଗେ । ଦିନ ବଡ଼ ହେବା ଯୋଗୁଁ ଅଧିକ ଆଲୋକ ମିଳେ । ଫଳରେ ତାପମାତ୍ରା କମେ । ଅର୍ଥାତ୍ ମକର ସଂକ୍ରାନ୍ତି ଠାରୁ ଶୀତର ପ୍ରକୋପ କମ୍ ହୋଇଯାଏ । ଅଧିକ ଆଲୋକ ଯୋଗୁଁ ମନୁଷ୍ୟର ଚେତନା ଓ କାର୍ଯ୍ୟଶକ୍ତି ବୃଦ୍ଧି ପାଏ । ଏହି ଦିନ ସୂର୍ଯ୍ୟଙ୍କ ରାଶିରେ ହୋଇଥିବା ପରିବର୍ତ୍ତନକୁ ଅନ୍ଧକାରରୁ ଆଲୋକ ଆଡ଼କୁ ଅଗ୍ରସର ହେବାର ପ୍ରତୀକ ଭାବରେ ବିବେଚନା କରାଯାଏ । ହିନ୍ଦୁ ଧର୍ମର ପ୍ରତ୍ୟେକ ପର୍ବ କୌଣସି ନା କୌଣସି ଦେବତାଙ୍କ ପାଇଁ ଉଦ୍ଦିଷ୍ଟ । ଉତ୍ତରାୟଣ ପର୍ବ ଅର୍ଥାତ୍ ମକର ସଂକ୍ରାନ୍ତି ସୂର୍ଯ୍ୟ ଉପାସନାର ପର୍ବ । ଏହି ଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରନ୍ତି । ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବା ଯୋଗୁଁ ମନୁଷ୍ୟ ମନରେ ମଧ୍ୟ ପରିବର୍ତ୍ତନ ଆସେ । ସମସ୍ତେ ମିଳିମିଶି ରୁହନ୍ତୁ, ସମସ୍ତଙ୍କ ଜୀବିକା ନିର୍ବିଘ୍ନରେ ଚାଲୁ, ସମସ୍ତେ ଶକ୍ତିମାନ ହୁଅନ୍ତୁ, ସତ୍‌କର୍ମରୁ ଆମକୁ ଶକ୍ତି ମିଳୁ – ଏହା ମକର ସଂକ୍ରାନ୍ତିର ସନ୍ଦେଶ ।

**ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର,**
**ଦୂରଭାଷ : ୯୯୩୭୪୭୦୯୮୦**

## ଭାଷା ଆନ୍ଦୋଳନର ଅନ୍ୟତମ ବିନ୍ଧାଣୀ : ଫକୀରମୋହନ ସେନାପତି

**ଡ଼ଃ.ଅରୁନ୍ଧତୀ ଦେବୀ**



୧୮୪୩ ମସିହା ପବିତ୍ର ମକର ସଂକ୍ରାନ୍ତି ଅବସରରେ ଜନ୍ମ ଗ୍ରହଣ କରିଥିଲେ ଓଡ଼ିଶା ମାଟିର ଅନ୍ୟତମ ବରପୁତ୍ର ଫକୀର ମୋହନ ସେନାପତି । ବାଲେଶ୍ୱର ଜିଲ୍ଲା ମଲ୍ଲିକାଶପୁର ଗାଁର ଲକ୍ଷଣ ଚରଣ ସେନାପତି ଓ ତୁଳସୀ ଦେବୀଙ୍କ ଔରସରୁ ଜନ୍ମିତ ଫକୀର ମୋହନ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଦେଇ ଯାଇଥିବା ଅବଦାନ ଚିରସ୍ମରଣୀୟ । ଓଡ଼ିଆ ଭାଷା ଅସ୍ତିତ୍ୱ ରକ୍ଷା କରିବା ଲାଗି ସଂଘର୍ଷ କରୁଥିବାବେଳେ ନିଜର ଅମର ଲେଖନୀ ଚାଳନା କରି ଫକୀର ମୋହନ ଭାଷା ଓ ଜାତିର ଉଦ୍ଧାର କରିଥିଲେ । ମଧୁବାବୁ, ଗୋପବନ୍ଧୁ ଓ କବିବରଙ୍କ ସହ ମିଶି ସେ ଓଡ଼ିଆ ଭାଷା ଆନ୍ଦୋଳନକୁ ସଫଳ କରାଇପାରିଥିଲେ । ଫକୀର ମୋହନ ଥିଲେ ପ୍ରଥମ ଓଡ଼ିଆ କ୍ଷୁଦ୍ର ଗଳ୍ପ 'ରେବତୀ'ର ଲେଖକ । ଖୁବ୍ ପିଲାବେଳୁ ପିତାମାତାଙ୍କୁ ହରାଇଥିବା ଫକୀରମୋହନ ଅର୍ଥାଭାବାରୁ ଅଧାରୁ ପାଠ ପଢ଼ା ଛାଡ଼ିଥିଲେ । ତାଙ୍କ ଶରୀର ସବୁବେଳେ ଅସୁସ୍ଥ ରହୁଥିଲା । ଜେଜେମା'ଙ୍କ ଲାଳନପାଳନରେ ତାଙ୍କର ପିଲା ଦିନ କଟିଥିଲା । ମାଇନର ପାସ୍ କରି ବାଲେଶ୍ୱରର ବାରବାଟୀ ସ୍କୁଲରେ ପାଠ ପଢ଼ା ଜାରି ରଖିଥିବାବେଳେ ତାଙ୍କୁ ଅଧାରୁ ପାଠ ପଢ଼ା ଛାଡ଼ିବାକୁ ପଡ଼ିଥିଲା । ତେବେ ନିଜ ଅସାଧାରଣ ପ୍ରତିଭା ଯୋଗୁଁ ଫକୀରମୋହନଙ୍କୁ ସେହି ସ୍କୁଲରେ ମାସିକ ୨ଟଙ୍କା ୫୦ ପଇସା ଦରମାରେ ଚାକିରି କରିବାର ସୁଯୋଗ ମିଳିଲା । ଓଡ଼ିଆ, ବଙ୍ଗଳା, ଇଂରାଜୀ ଭାଷାରେ ଅସାଧାରଣ ଦକ୍ଷତା ଥିବା ଫକୀର ମୋହନ 'ଛମାଣ ଆଠ ଗୁଣ୍ଠ', 'ମାମୁଁ', 'ଲଛମା' ଭଳି କାଳଜୟୀ ଉପନ୍ୟାସ ରଚନା କରି ଯାଇଛନ୍ତି । 'ପେଟେଣ୍ଟ ମେଡ଼ିସିନ୍', 'ଡାକ୍ ମୁନସୀ', 'ରାଣ୍ଡି ପୁଅ ଅନନ୍ତା' ଭଳି କ୍ଷୁଦ୍ର ଗଳ୍ପ ତାଙ୍କ ଅମର କୀର୍ତ୍ତିର ଗାଥା ବହନ କରିଥାଏ । ବାଲେଶ୍ୱରସ୍ଥିତ ବାରବାଟୀ ସ୍କୁଲରେ ତାଙ୍କ ଅଧ୍ୟୟନ ଆରମ୍ଭ ହୋଇଥିଲା । କିନ୍ତୁ ଆର୍ଥିକ ଦୂରାବସ୍ଥା ଯୋଗୁଁ ପଢ଼ା ଛାଡ଼ି ସେହି ସ୍କୁଲରେ ମାସିକ ୨ଟଙ୍କା ୫୦ ପଇସା ଦରମାରେ ଶିକ୍ଷକତା କରିଥିଲେ । ପରେ ବାଲେଶ୍ୱର ମିସନ୍ ସ୍କୁଲରେ ଶିକ୍ଷକତା କରିଥିଲେ । ଓଡ଼ିଆ, ଇଂରାଜୀ, ସଂସ୍କୃତ ଓ ବଙ୍ଗଳା ଭାଷାରେ ଦକ୍ଷତା ଯୋଗୁଁ ବୁଦ୍ଧିଜୀବୀ ମହଲରେ ସେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିଲେ । ୧୮୯୬ ରୁ ୧୯୦୫ ପର୍ଯ୍ୟନ୍ତ କଟକର ବିଭିନ୍ନ ସାହିତ୍ୟିକ ଅନୁଷ୍ଠାନରେ ଫକୀରମୋହନ ଅଂଶଗ୍ରହଣ କରିଥିଲେ । ତାଙ୍କ ପାରିବାରିକ ଜୀବନ ଅତ୍ୟନ୍ତ କଷ୍ଟଦାୟକ ଥିଲା । ପ୍ରଥମ ପତ୍ନୀଙ୍କ ମୃତ୍ୟୁ ପରେ ସେ ପୁନର୍ବାର ବିବାହ କରିଥିଲେ । ତାଙ୍କୁ ଓଡ଼ିଆ ଉପନ୍ୟାସ ସାହିତ୍ୟର ସ୍ରଷ୍ଟା କୁହାଯାଏ । ୧୯୧୮ ଜୁନ୍ ୧୪ରେ ଏହି ସାରସ୍ୱତ ସ୍ରଷ୍ଟାଙ୍କ ପରଲୋକ ହୋଇଥିଲା । ୧୮୬୮ରେ ସେ ନିଜସ୍ୱ ଚେଷ୍ଟା ବଳରେ ଉତ୍କଳ ପ୍ରେସ୍ ନାମକ ଛାପାଖାନା ବାଲେଶ୍ୱରରେ ପ୍ରତିଷ୍ଠା କରିଥିଲେ । 'ବୋଧଦାୟିନୀ. 'ନବସମ୍ବାଦ', 'ସମ୍ବାଦବାହିକା' ଭଳି ପତ୍ରିକା ପ୍ରକାଶିତ କରି ସେ ଜାତୀୟତା ଏବଂ ଭାଷା ଆନ୍ଦୋଳନକୁ ଉଜ୍ଜିବୀତ କରି ରଖିଥିଲେ । ୧୮୬୮ରେ ବାଲେଶ୍ୱର ଠାରେ ଉତ୍କଳ ପ୍ରେସ୍ ନାମରେ ଏକ ଛାପାଖାନା ପ୍ରତିଷ୍ଠା କରିଥିଲେ । ବାଲେଶ୍ୱର ଜିଲ୍ଲା ମଲ୍ଲିକାଶପୁରସ୍ଥିତ ଏକ ଖଣ୍ଡାୟତ ପରିବାରରେ ୧୮୪୩ ପବିତ୍ର ମକର ସଂକ୍ରାନ୍ତି ତିଥିରେ ଜନ୍ମ ଗ୍ରହଣ କରିଥିଲେ ଫକୀରମୋହନ ସେନାପତି । ସେଥିପାଇଁ ତାଙ୍କୁ ସଂକ୍ରାନ୍ତି ପୁରୁଷ କୁହାଯାଏ ।

**ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,**
**ଦୂରଭାଷ : ୯୯୩୭୧୭୨୮୧୦**

## ମକର ସଂକ୍ରାନ୍ତି ଓ ପ୍ରଭୁ ଶ୍ରୀରାମଚନ୍ଦ୍ର

**ଡାକ୍ତର ଦିଲ୍ଲୀପ କୁମାର ମହାରଣା**



ମକର ସଂକ୍ରାନ୍ତି ଦିନ ଗୁଡ଼ି ଉଡାଇବାର ପରମ୍ପରା ଦେଶର ବିଭିନ୍ନ ପ୍ରାନ୍ତରେ ଦେଖିବାକୁ ମିଳିଥାଏ । ତେବେ ଗୁଡ଼ି ଉଡାଇବା ପରମ୍ପରା ପୌରାଣିକ କାଳରୁ ଚାଲିଆସୁଛି । ଭଗବାନ ଶ୍ରୀରାମଚନ୍ଦ୍ର ବାଲ୍ୟକାଳରେ ଗୁଡ଼ି ଉଡାଉଥିଲେ ବୋଲି ତୁଳସୀ ଦାସଙ୍କ ଶ୍ରୀରାମଚରିତ ମାନସରେ ଉଲ୍ଲେଖ ରହିଛି । ଏଥିରେ ଲେଖାଅଛି – 'ରାମ ଇକ୍ ଦିନ ଚଙ୍ଗ ଉଡାଇ । ଇନ୍ଦ୍ରଲୋକ ମେଁ ପହୁଞ୍ଚ ଜାଇ', ଅର୍ଥାତ୍ ରାମଚନ୍ଦ୍ର ଥରେ ଗୁଡ଼ି ଉଡାଇବା ସମୟରେ ତାହା ଚନ୍ଦ୍ରଲୋକରେ ଯାଇ ପହଞ୍ଚିଥିଲା । ତାମିଲ୍ ଭାଷାରେ ରଚିତ ନନ୍ଦନାରାମୟଣରେ ଉଲ୍ଲେଖ ରହିଛି ଯେ ମକର ସଂକ୍ରାନ୍ତିର ପବିତ୍ର ଅବସରରେ ଭଗବାନ ରାମଚନ୍ଦ୍ର ଏବଂ ହନୁମାନଙ୍କ ମଧ୍ୟରେ ମିତ୍ରତା ହୋଇଥିଲା । ମକର ସଂକ୍ରାନ୍ତିରେ ଶ୍ରୀରାମ ଉଡାଇଥିବା ଗୁଡ଼ି ଇନ୍ଦ୍ରଲୋକରେ ଯାଇ ପହଞ୍ଚିଥିଲା । ଉକ୍ତ ଗୁଡ଼ିକୁ ଦେଖି ଇନ୍ଦ୍ରଙ୍କ ପୁତ୍ର ଜୟନ୍ତଙ୍କ ପତ୍ନୀ ଭାବିଲେ, ଯାହାର ଗୁଡ଼ି ଏତେ ସନ୍ଦୁର ହୋଇପାରେ ସେ କେତେ ସୁନ୍ଦର ହୋଇଥିବେ । ଏହାପରେ ସେ ଗୁଡିଟିକୁ କାଟି ରଖିଦେଇଥିଲେ । ଭଗବାନ ଶ୍ରୀରାମ ଗୁଡ଼ିକୁ ଦେଖି ନପାରିନଥିଲେ । ସେ ଗୁଡ଼ି ଖୋଜି ଆଣିବା ଲାଗି ହନୁମାନଙ୍କୁ ପଠାଇଲେ । ହନୁମାନ ଇନ୍ଦ୍ରଲୋକରେ ପହଞ୍ଚିଗଲେ । ମାତ୍ର ଜୟନ୍ତଙ୍କ ପତ୍ନୀ କହିଲେ, ଯେ ପର୍ଯ୍ୟନ୍ତ ସେ ଶ୍ରୀରାମଙ୍କୁ ନଦେଖିଛନ୍ତି, ସେ ପର୍ଯ୍ୟନ୍ତ ଗୁଡ଼ି ଫେରାଇବେ ନାହିଁ । ହନୁମାନ ପ୍ରଭୁ ଶ୍ରୀରାମଙ୍କ ନିକଟକୁ ଏହି ବାର୍ତ୍ତା ନେଇ ଗଲେ । ଭଗବାନ ରାମଚନ୍ଦ୍ର କହିଲେ ବନବାସ ସମୟରେ ଜୟନ୍ତଙ୍କ ପତ୍ନୀଙ୍କୁ ସେ ଦର୍ଶନ ଦେବେ । ହନୁମାନ ଶ୍ରୀରାମଙ୍କ ସନ୍ଦେଶ ନେଇ ଜୟନ୍ତଙ୍କ ପତ୍ନୀଙ୍କୁ ଜଣାଇଲେ । ଶ୍ରୀରାମଙ୍କ ଆଶ୍ୱାସନା ପାଇଁ ଜୟନ୍ତଙ୍କ ପତ୍ନୀ ଗୁଡ଼ି ଫେରାଇ ଦେଇଥିଲେ ।

ଶିଖରପୁର ଉପରସାହି, କଟକ,ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯,




# ସତ ସଂଘ ମନ୍ଦିରରେ ଜନ୍ମ ଦିବସ୍ ପାଳନ



**ନିଆଳି (ପିଏନ):**ଧାନ ଘର ପଡା ସ୍ଥାନୀୟ ସତ ସଙ୍ଘ ମନ୍ଦିର ପରିସର ରେ ସହ ପ୍ରତି ରିତ୍ୱିକ୍ ଶ୍ରୀ ଅଭୟ କୁମାର ପରିଡା ଭୁବନେଶ୍ୱର ଙ୍କ ଜନ୍ମ ଦିବସ ବରୀଷ୍ଠ ନାଗରିକ,ଗୁରୁ ଭାଇ , ଭଉଣୀ ,ମା ମାନଙ୍କ ଦ୍ୱାରା ଆୟୋଜନ କରା ଯାଇ ଏହି ଅବସରରେ ବରୀଷ୍ଠ ନାଗରିକ ଶ୍ରୀ ପଦ୍ମ ଚ଼ରଣ ପାତ୍ର,ପୂର୍ବତନ ମନ୍ତ୍ରୀ ଶ୍ରୀ ରାମାକାନ୍ତ ମିଶ୍ର,ପ୍ରମୋଦ କୁମାର ରଥ,ସତ୍ୟନନ୍ଦ ଦାସ,ସୂର୍ୟମଣି ଦାସ,ଆର୍ତ୍ତ ଦଲେଇ,ଦିଗମ୍ବର ମଙ୍ଗରାଜ,ବିଜୟ କୁମାର ଦାସ ପ୍ରମୁଖ ଯୋଗ ଦାନ କରି ଥିଲେ।

ସତ ସଂଘ ଦେଓଘର୍ ରୁ ଆଗତ କର୍ମୀ ଶ୍ରୀ ବ୍ରଜ ସୁନ୍ଦର ସାହୁ ସହ ପ୍ରତି ରିତ୍ୱିକ୍,ତଥା ମୁମ୍ବାଇ ରୁ ଶ୍ରୀ କୃପା ନିଧି ବିଶ୍ୱାଳ,ଦିଲ୍ଲୀ ରୁ ଶ୍ରୀ ପ୍ରଫୁଲ କୁମାର ବାରିକ ,ଭୁବନେଶ୍ୱର ରୁ ଶ୍ରୀ ଅରୁଣ ଖଟେଇ ସନତ ମହାନ୍ତି ,ସୁଶାନ୍ତ ବେହେରା,ଶରତ କୁମାର ରାଉଟ, କଟକ ରୁ ଶ୍ରୀ ମାନସ ରଞ୍ଜନ ଚୌଧୁରୀ ,ଜଗତ୍ ଶିଙ୍ଗ ପୁର ରୁ ବହୁ କର୍ମୀ ସ୍ଥାନୀୟ ସତ ସଂଘ ର କର୍ମୀ ଗଣ ବହୁ ସଂଖ୍ୟାରେ ଯୋଗାଦାନ କରିଥିଲ଼ରେ। ମା ମାନଙ୍କ ଦ୍ୱାରା ଏକ ବିଶେଷ ଉତ୍ସବ ଆୟୋଜନ କରିଥିଲେ। ଡକ୍ଟର କଳ୍ପନା ଦାସ,ସତ୍ୟ ଭମା ମିଶ୍ର,ଚ଼ନ୍ଦ୍ରକାନ୍ତି ଦାସ,ସୌଦମିନି ଦାସ,ସନ୍ଧ୍ୟା ରାଣୀ ମିଶ୍ର,ଗିତଞ୍ଜଳୀ ବିଶ୍ୱାଳ,ରେଣୁ ପ୍ରଭା ମହାନ୍ତି ପ୍ରମୁଖ ଶ୍ରୀ ଶ୍ରୀ ଠାକୁର ଦର୍ଶନ ରେ ସହାୟତା କରି ଶ୍ରୀ ଅଭୟ କୁମାର ପରିଡା ଙ୍କ ଦୀର୍ଘ,ସୁସ୍ଥ,ନିରମୟ,ସରଳ ଜୀବନ ପାଇଁ ପ୍ରଥନା କରି ସମସ୍ତଙ୍କୁ ପ୍ରସାଦ ସେବନ ର୍ ଅୟୋଜନ କରିଥିଲ଼ରେ।ଏହି ମନ୍ଦିର ସୁ ପରିଚ଼ଳନା ତଥା ଅନ୍ୟାନ୍ୟ ବିଷୟ ରେ ସହାୟତା ପାଇଂ ଅଲୋଚ଼ନା କରିଥିଲ଼ରେ।ଜୟ ଗୁରୁ ଧ୍ୱନି ସହ ବନ୍ଦେ ପୁରୁଷୋତ୍ତମ ଧ୍ୱନୀ ସହ ଜନମ ଦିବସ ପାଳନ କରାଯାଇ ଆନନ୍ଦ ଲାଭ କରି ସମାପ୍ତ କରିଥିଲେ

# କେନ୍ଦ୍ରାପଡା ଜିଲ୍ଲା ନିର୍ମାଣ ଶ୍ରମିକ ମହା ପଂଚାୟତ ପାଇଁ ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡ଼ା,(ପିଏନ)-** କେନ୍ଦ୍ରାପଡା ଜିଲ୍ଲା ଶ୍ରମ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ଅବହେଳା, ଉଦାସିନ ମନୋଭାବ ଏବଂ ଦୁର୍ନୀତି ପୂର୍ଣ୍ଣ କାର୍ଯ୍ୟ ଯୋଗୁ ଲକ୍ଷାଧିକ ପଞ୍ଜିକୃତ ନିର୍ମାଣ ଶ୍ରମିକ ନିର୍ଯ୍ୟାତନାର ଶୀକାର ହେଉଛନ୍ତି। ବର୍ଷ ବର୍ଷ ଧରି ନିର୍ମାଣ ଶ୍ରମିକ ପଞ୍ଜିକରଣ ପାଇଁ ଶ୍ରମିକମାନଙ୍କର ହଜାର ହଜାର ଦରଖାସ୍ତ ଶ୍ରମ କାର୍ଯ୍ୟାଳୟରେ ପଡିରହିଥିଲେ ସୁଦ୍ଧା ପଞ୍ଜିକରଣ କରାଯାଉନାହିଁ। ବିଶେଷ କରି ମହିଳାମାନଙ୍କ ଦରଖାସ୍ତକୁ ବିଚାରକୁ ନିଆଯାଉନାହିଁ। ପଞ୍ଜିକୃତ ଶ୍ରମିକମାନଙ୍କ କାର୍ଡ ନବୀକରଣ ପାଇଁ ଅନ୍ଲାଇନର ଆଳ ଦେଖାଇ ଅନୁମୋଦନ କରିବାରେ ଅହେତୁକ ବିଳମ୍ବ କରାଯାଉଛି। ଦୀର୍ଘ ୩ ବର୍ଷରୁ ଉର୍ଦ୍ଧ୍ୱ ଶ୍ରମିକ ମାନଙ୍କୁ ବିଭିନ୍ନ ଆର୍ଥିକ ସହାୟତା ପ୍ରଦାନ କରାଯାଉନାହିଁ । ଶ୍ରମିକମାନଙ୍କୁ କର୍ମକ୍ଷେତ୍ରରେ ସୁରକ୍ଷା ଦେବା ପାଇଁ ଯୋତା, ହେଲ୍ମେଟ୍ ଓ ଗ୍ଲୋବସ୍ ଦିଆଯାଉନାହିଁ କି ଯନ୍ତ୍ରପାତି କ୍ରୟ, ସାଇକେଲ କ୍ରୟ ପାଇଁ ସହାୟତା ପ୍ରଦାନ କରାଯାଉନାହିଁ। ପଞ୍ଜିକୃତ ଶ୍ରମିକମାନଙ୍କ ପିଲାମାନଙ୍କୁ ଶିକ୍ଷା ବୃତି ସହାୟତା ଦିଆଯାଉନାହିଁ କି କନ୍ୟା ବିବାହ ସହାୟତା, ପ୍ରସୂତି କାଳୀନ ସହାୟତା, ଦୁର୍ଘଟଣା ଜନିତ ଚିକିତ୍ସା ସହାୟତା, ଶ୍ରମିକମାନଙ୍କ ଗୁରୁତର ଅସୁସ୍ଥତା ପାଇଁ ଚିକିତ୍ସା ସହାୟତା, ଗୃହ ନିର୍ମାଣ ସହାୟତା, ୬୦ ବର୍ଷ ପରେ ବାର୍ଦ୍ଧକ୍ୟ ଭତା ଭଳି ଆର୍ଥିକ ସହାୟତା ପ୍ରଦାନ କରାଯାଉନାହିଁ । ଶ୍ରମିକ ମାନଙ୍କର ଦକ୍ଷତା ଅଭିବୃଦ୍ଧି ନିମନ୍ତେ ସେମାନଙ୍କୁ ତାଲିମ ପ୍ରଦାନ କରାଯାଉନାହିଁ। ବିଶେଷ କରି ଦୈନିକ ଶ୍ରମ କାର୍ଯ୍ୟାଳୟରେ ଶତାଧିକ ଶ୍ରମିକ ଏକତ୍ରିତ ହୋଇ ଖରା ତରାରେ, ବର୍ଷାରେ ହନ୍ତସନ୍ତ ହେଉଥିବାବେଳେ ଆଶ୍ରୟ ଓ ବିଶ୍ରାମ ନେବାକୁ ସ୍ଥାନ ଟିକେ ମିଳୁନାହିଁ କିମ୍ବା ତୃଷାର୍ତ୍ତ ଶ୍ରମିକମାନେ ପାଣି ଟୋପାଏ ନ ପାଇ ଉହଳ ବିକଳ ହେଉଥିବା ବେଳେ ପାନୀୟ ଜଳର ବ୍ୟବସ୍ଥା ମଧ୍ୟ ସେଠାରେ ନାହିଁ। ଏହି ଦୃଷ୍ଟି କୋଣରୁ ନିର୍ମାଣ ଶ୍ରମିକଙ୍କ ପାଇଁ ସରକାରଙ୍କ ଦ୍ୱାରା ଘୋଷିତ ବିଭିନ୍ନ କଲ୍ୟାଣକାରୀ ଯୋଜନା ଧୁଆଁବାଣରେ ପରିଣତ ହୋଇଛି। ଏହିସବୁ ସମସ୍ୟାର ସମାଧାନ ନିମନ୍ତେ ଶ୍ରମ କମିଶନର, ଜିଲ୍ଲା ପ୍ରଶାସନ, ଡିଭିଜନାଲ ଶ୍ରମ କମିଶନର, ଜିଲ୍ଲା ଶ୍ରମ ଅଧିକାରୀମାନଙ୍କ ସହିତ ସୌହାଦ୍ର୍ଦ୍ୟ ପୂର୍ଣ୍ଣ ଆଲୋଚନା, ଆନ୍ଦୋଳନ ଓ ଧାରଣା ଇତ୍ୟାଦି କରାଯାଇଥିଲେ ମଧ୍ୟ ପ୍ରତିଶୃତି ଦିଆଯାଇ ଅଦ୍ୟାବଧି କାର୍ଯ୍ୟକାରି କରାଯାଉନଥିବା ଅଭିଯୋଗ ହୋଇଛି। ଫଳରେ ଜିଲ୍ଲାରେ ଲକ୍ଷାଧିକ ଶ୍ରମିକ ନିର୍ଯ୍ୟାତିତ ଅବସ୍ଥାରେ କାଳ କାଟୁଛନ୍ତି । କୋଭିଡ୍ ୧୯ କରୋନା ସମୟରେ ଅନ୍ୟ ରାଜ୍ୟ ମାନଙ୍କରେ ଶ୍ରମିକ ମାନଙ୍କୁ ୩୦୦୦ ଟଙ୍କାରୁ ଉର୍ଦ୍ଧ୍ୱ ସହାୟତା ରାଶି ମିଳୁଥିବା ବେଳେ ଆମ ରାଜ୍ୟର ସରକାରଙ୍କ ଦ୍ୱାରା ଘୋଷିତ ସମୁଦ୍ରକୁ ଶଙ୍ଖେ ଭଳି ମାତ୍ର ୧୫୦୦ ଟଙ୍କା ଆଜି ପର୍ଯ୍ୟନ୍ତ ହଜାର ହଜାର ଶ୍ରମିକ ଯାଇ ପାରିନାହାଁନ୍ତି । ଆମ କେନ୍ଦ୍ରପଡା ଜିଲ୍ଲାରେ ଏହି ଭଳି ଯୋଜନା ପ୍ରହସନରେ ପରିଣତ ହୋଇଛି । ଯାହାକି ଆମ ଗଣତନ୍ତ୍ର ରାଷ୍ଟ୍ରରେ ଏକ ଦୁର୍ଭାଗ୍ୟଜନକ ଘଟଣା। ଏହି ସବୁ ଅନ୍ୟାୟ ଅନୀତି ଦୁର୍ନୀତି ପୂର୍ଣ୍ଣ କାର୍ଯ୍ୟର ପ୍ରତିବାଦ କରିବା ସହିତ ଦରିଦ୍ର ନଷ୍ପେସିତ ଶ୍ରମିକମାନଙ୍କ ବୃହତର ସ୍ୱାର୍ଥ ରକ୍ଷା ନିମନ୍ତେ ନୂଆ ବସ୍ଷ୍ଟାଣ୍ଡ ଠାରେ କେନ୍ଦ୍ରାପଡା ଟ୍ରେଡ ୟୁନିୟନ ସମନ୍ୱୟ ସମିତିର ଏକ ବୈଠକ ଆଇ.ଏନ.ଟି.ୟୁ.ସି.ର ବରିଷ୍ଠ ଶ୍ରମିକ ନେତା ଫକୀର ଚରଣ ଖଟୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସର୍ବସମ୍ମତ ନିଷ୍ପତି ଅନୁଯାୟୀ ଆସନ୍ତା ୧୨.୦୧.୨୦୨୩ ଗୁରୁବାର ପୂର୍ବାହ୍ନ, ୧୦ଘଟିକା ସମୟରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ କେନ୍ଦ୍ରାପଡା ଜିଲ୍ଲା ନିର୍ମାଣ ଶ୍ରମିକ ମହାପଂଚାୟତ ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନର ନେତୃମଣ୍ଡଳୀ ଯୋଗଦେବାକୁ ସ୍ଥିର କରାଯାଇଛି। ଆଜିକାର ବୈଠକରେ ଆଇ.ଏନ.ଟି.ୟୁ.ସି.ର ମୁକ୍ତାର ଖାଁ, ଏ.ଆଇ.ଟି.ୟୁ.ସି.ର ବାବାଜୀ ଧଳ, ସି. ଆଇ. ଟି. ୟୁ. ର ଜଗତ୍ଜୀବନ ଦାସ,ଏଚ.ଏମ.ଏସ.ର ଗଦାଧର ମଲିକ, ବି.ଏମ.ଏସ.ର ପ୍ରଶାନ୍ତ ତ୍ରିପାଠୀ, ଏ.ଆଇ.ସି.ସି.ଟି.ୟୁ.ର ବସନ୍ତ ମଳିକ, ଏନ.ୟୁ. ଏନ.ଏସ.ଏସ.ର ଶିବ ନାଥ, ଓ.ଏନ.ଏସ.ଏସ.ର ସୌମ୍ୟରଞ୍ଜନ ଧଳ, ଆଇ.ଏନ.ଟି.ୟୁ.ସି.ର ବସନ୍ତ କୁମାର ସେଠୀ ପ୍ରମୁଖ ଯୋଗଦେଇ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ଏତାଦୃଶ କାର୍ଯ୍ୟର ତୀବ୍ର ବିରୋଧ କରିବା ସହିତ କ୍ଷୋଭ ପ୍ରକାଶ କରିଥିଲେ। ଏହାସତ୍ତ୍ୱେ ବିଭାଗୀୟ କତୃପକ୍ଷ ଓ ଜିଲ୍ଲା ପ୍ରଶାସନ ସଚେତନ ହୋଇ ଯଦି ଏହାର ଆଶୁ ପ୍ରତିକାର ନ କରନ୍ତି ତେବେ ଆଗାମି ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବାକୁ ନିଷ୍ପତି ଗ୍ରହଣ କରାଯାଉଛି।

# ଠାକୁର ଅନୁକୂଳଚନ୍ଦ୍ରଙ୍କର ଶତବାର୍ଷିକୀ ଆଗମନ ସମାବେଶ

**ପୁରୀ, (ପିଏନ)-**ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ପୂଣ୍ୟ ଉତ୍କଳ ଆଗମନର ୧୦୧ ତମ ଶୁଭ ମହୋତ୍ସବ ୨୦୨୩ ମସିହା ଜାନୁଆରୀ ୮ ତାରିଖରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଅନୁଷ୍ଠିତ ହେବ।ଏହାକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ସ୍ମୃତି ଉତ୍ସବ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ସହ ସମ୍ପାଦକ, ସତସଙ୍ଗ ଓ ଆବାହକ ସ୍ମୃତି ଉତ୍ସବ ଡା ବିନାୟକ ମହାପାତ୍ର ସୂଚନା ଦେଇଛନ୍ତି। ବିଭିନ୍ନ ସ୍ଥାନରୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁ ମାନେ ଯେପରି ଉତ୍ସବ ସ୍ଥଳରେ ସୁନ୍ଦର ଓ ଶୃଙ୍ଖଳିତ ଦର୍ଶନ ସହ କାର୍ଯ୍ୟକ୍ରମ କୁ ଶ୍ରଦ୍ଧାର ସହ ଉପଭୋଗ କରିବେ ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଉଛି ବୋଲି ସେ ମତ ଦେଇଛନ୍ତି। ଆଜି ଅପରାହ୍ନ ରେ ସତସଙ୍ଗ ଠାକୁର ବାଡିରେ ଏ ସମ୍ପର୍କରେ ଆୟୋଜିତ ଗଣମାଧ୍ୟମ ପ୍ରତିନିଧିମାନଙ୍କ ବୈଠକରେ ସୂଚନା ଦେଇ ସହ ପ୍ରତିରିତିକ ଡା ହୃଷୀକେଶ ସେନାପତି ୮ ତାରିଖ ବ୍ରାହ୍ମମୁହୂର୍ତେ ବେଦ ମାଙ୍ଗଳିକୀ ଓ ନହବତ, ପ୍ରତ୍ୟୁଷେ ଉଷାକିର୍ତନ ରୁ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି କହିଥିଲେ। ସକାଳ ୬.୨୨ ମିନିଟ ରୁ ଉଷାବିନତି,ଦର୍ଶନ, ପ୍ରଣାମ ଓ ପରେ ପୂଣ୍ୟ ଉତ୍ସବ ର ଶୁଭ ଉଦଘାଟନ କରାଯିବ। ୮.୩୦ ରେ ଶ୍ରୀ ବିଗ୍ରହ ଶୋଭାଯାତ୍ରା ଓ ଦିବା ୧୦ ଘଟିକା ରେ ଶୋଭାଯାତ୍ରାର ଉଦଯାପନ ଓ ପ୍ରସାଦ ସେବନ ଅନୁଷ୍ଠିତ ହେବ। ଦିବା ୧୧ ଘଟିକା ରେ ସାଧାରଣ ସଭା,ଅପରାହ୍ନ ୧ ଘଟିକା ରେ ମେଡିକାଲ କନଫେରେନ୍ସ,୨ ଘଟିକା ରେ ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ,୩.୩୦ ମିନିଟ ରେ ମାତୃ ସମ୍ମିଳନୀ, ସଂଧ୍ୟା ୫.୨୩ ରେ ସଂଧ୍ୟା ବିନତି, ପ୍ରଣାମ, ଗ୍ରନ୍ଥ ପାଠ, ୭ ଘଟିକା ରେ ସତସଙ୍ଗ, ସଦାଲୋଚନା ଏବଂ ରାତ୍ର ୮.୩୦ ମିନିଟ ରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଆକାଶ ଦୀପ ଓ ପ୍ରସାଦ ସେବନ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟ ରେ ସହ ପ୍ରତିରିତିକ ନୀରଞ୍ଜନ ବେହେରା, ସଞ୍ଜୀବ କୁମାର ନାୟକ, ଡ ନନ୍ଦ କିଶୋର ପ୍ରଧାନ, ଅରୁଣ କୁମାର ସାହୁ, ସମିର କୁମାର ବେହେରା, ବିରବର ସାହୁ ଓ ବି ଆଶିଷ କୁମାର ସୁବୁଦ୍ଧି ପ୍ରମୁଖ ଯୋଗ ଦେଇ ବିବଧ ସୂଚନା ପ୍ରଦାନ କରିଥିଲେ।

# ସାଂସ୍କୃତିକ ମହୋତ୍ସବ, ଚୂଡାନ୍ତ ପ୍ରସ୍ତୁତି ଶେଷ

**ଭଦ୍ରକ,(ପିଏନ)-**ଚଳିତ ମାସ ୨ ତାରିଖରୁ ଭଦ୍ରକ ଗାନ୍ଧୀ ପଡ଼ିଆ ଠାରେ ୭ମ ଭଦ୍ରକ ସାଂସ୍କୃତିକ ମହୋତ୍ସବ ଓ ପୁସ୍ତକ ମେଳା ଆରମ୍ଭ ହେବ। ଏହା ୧୧ ଦିନ ଧରି ଚାଲିବ ଓ ୧୩ ତାରିଖ ଉଦଯାପିତ ହେବ। ଉକ୍ତ ଉତ୍ସବକୁ ଭଦ୍ରକ ବିଧାୟକ ଉଦଘାଟନ କରିବେ। ଏଥିରେ ଅନୁଷ୍ଠିତ ହେବାକୁ ଥିବା ମୀନା ବଜାରରେ ଜିଲ୍ଲା ସମେତ ବାହହାର ଜିଲ୍ଲାକୁ ମିଶାଇ ୮୦ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ସେମାନଙ୍କ ଷ୍ଟଲ ଖୋଲିବେ। ପ୍ରତ୍ୟେକ ଦିନ ସଂଧ୍ୟାରେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲ୍ଲା ମଧ୍ୟରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଅନୁଷ୍ଠାନର ପିଲାମାନେ ଏଥିରେ ଭାଗ ନେବେ। ବିଶେଷକରି ଜିଲ୍ଲା ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାଙ୍କୁ ଲୋକ ଲୋଚନକୁ ଆଣିବା ଦିଗରେ ମହୋତ୍ସବ କମିଟି ଉଦ୍ୟମ କରି ଆସୁଛି। ଏଥି ନିମନ୍ତେ ଆଜି କମିଟି କାର୍ଯ୍ୟାଳୟରେ ଚୂଡାନ୍ତ ପ୍ରସ୍ତୁତି ବୈଠକ କମିଟିର ସଭାପତି ରବି ନାରାୟଣ ଖିଲାରଙ୍କ ସଭାପତିତ୍ୱ ଓ ଆବାହକ ଅବିନାଶ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ କାର୍ଯ୍ୟକ୍ରମ ବିଷୟରେ ସମ୍ପାଦକ ଅସିମ ଅମିତାଭ ମହାପାତ୍ର ସବିଶେଷ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟଦର୍ଶନ ବୋଇତି, ରାମ ନାରାୟଣ ମହାନ୍ତି, ପ୍ରଭାତ ଜେନା, ପିତାମ୍ବର ରେଡ୍ଡି, ଅପୂର୍ବ ରଂଜନ ବେହେରା, ଜଗବନ୍ଧୁ ବେହେରା, ସେକ ଜସ୍ମେର, ଶଙ୍କର ଗୁରୁଭିଲ୍ଲା, ସୁପ୍ରଭା ପାଣୀ, ସଂଯୁକ୍ତା ମହାନ୍ତି, ସୁବ୍ରତ ଦିକ୍ଷୀତ, ଅଜୟ ପଣ୍ଡା, ଦେବେନ୍ଦ୍ର ବେହେରା, ମନୋରମା ରାୟ, ସନ୍ତୋଷ ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହହଣ କରିଥିଲେ।

# ରାଜ୍ୟ ସ୍ତରୀୟ ଶିଶୁ ଉତ୍ସବର ବିଭିନ୍ନ ପ୍ରତିଯୋଗିତାରେ କେନ୍ଦ୍ରାପଡା ଜିଲ୍ଲାର ସଫଳତା

**କେନ୍ଦ୍ରାପଡ଼ା, (ପିଏନ)-** ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘ(ଓଷ୍ଟା) ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ଶିଶୁ ଉତ୍ସବ ଓ ଶିକ୍ଷା ପରିଭ୍ରମଣ ଡିସେମ୍ବର ୨୬ତାରିଖରୁ ୨୯ତାରିଖ ପର୍ଯ୍ୟନ୍ତ ୪ଦିନ ବ୍ୟାପି ଆୟୋଜିତ ହୋଇଯାଇଛି । କଟକସ୍ଥିତ ଶହୀଦ ଭବନରେ ରାଜ୍ୟର ୩୦ଟି ଜିଲ୍ଲାର ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ନେଇ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ କେନ୍ଦ୍ରାପଡା ଜିଲ୍ଲାରୁ ଅଂଶଗ୍ରହଣ କରିଥିବା ୧୦ଜଣ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୫ଜଣ ବିଭିନ୍ନ ବିଭାଗରେ ସଫଳତା ପାଇ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି । ଜିଲ୍ଲାର ଆଳି ବ୍ଲକର ରାମେଶ୍ୱର ନିଆଳିଜି.ପି. ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ଶୁଭସ୍ମିତା ବାରିକ ତର୍କରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଆଳି ଶରତଦେବ ହାଇସ୍କୁଲର ଛାତ୍ର ଶୁଭରଞ୍ଜନ ବେହେରା କୁଇଜରେ ପ୍ରଥମ, ରାଜନଗର ବ୍ଲକର ପଞ୍ଚୁବରାହୀ ଉନ୍ନିତ ସରକାରୀ ହାଇସ୍କୁଲର ଦଶମ ଶ୍ରେଣୀର ଛାତ୍ରୀ ଐଶରିଆ ରାଉତ ଏକକ ଅଭିନୟରେ ପ୍ରଥମ, କେରଡାଗଡ ଶ୍ରୀଜଗନ୍ନାଥ ହାଇସ୍କୁଲର ଦଶମ ଶ୍ରେଣୀର ଛାତ୍ର କ୍ରୀଷ୍ଣା ସାହୁ ଚିତ୍ରାଙ୍କନରେ ଦ୍ୱିତୀୟ ଓ ମହାକାଳପଡା ବ୍ଲକର ନଳଦିଆ ଶାସନ ଗ୍ରାମେଶ୍ୱର ବିଦ୍ୟାପୀଠର ନବମ ଶ୍ରେଣୀ ଛାତ୍ରୀ ଇତିଶ୍ରୀ ମିଶ୍ର କବିତା ରଚନାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ଗାଇଡ ଶିକ୍ଷକ ଅଶୋକ ମହାପାତ୍ର ଓ ଶିକ୍ଷିକା ଅନ୍ନପୂର୍ଣ୍ଣା ସାହୁଙ୍କ ତତ୍ୱାବଧାନରେ ଛାତ୍ରଛାତ୍ରୀମାନେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ସହ ନନ୍ଦନକାନନ, ଧଉଳି, କୋଣାର୍କ ଓ ଚନ୍ଦ୍ରଭାଗା ପ୍ରଭୃତି ସ୍ଥାନକୁ ଶିକ୍ଷା ପରିଭ୍ରମଣରେ ଯାଇଥିଲେ । ଏହି ସଫଳତା ପାଇଁ ଓଷ୍ଟାର ଜିଲ୍ଲା ସମ୍ପାଦକ ନିର୍ମଳ କୁମାର ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଣବ କୁମାର ଜେନା, ପରିବେଶବିତ କାଶୀନାଥ ରାଉତରାୟ, ଜିଲ୍ଲା ସଭାପତି ପ୍ରମୋଦ କୁମାର ବେହେରା, ଶିକ୍ଷକ ନେତା ଭଗବାନ ସାହୁ, ବାବାଜି ଚରଣ ଦାସ, ବିଚିତ୍ର କୁମାର ସାହୁ, ଅଶୋକ କୁମାର ବିଶ୍ୱାଳ, ସରୋଜିନୀ ସ୍ୱାଇଁ, ପ୍ରାକ୍ତନ ସମ୍ପାଦକ ତପନ କୁମାର ସିଂହ, ଉପଦେଷ୍ଟା ତ୍ରୈଲୋକ୍ୟ ସ୍ୱାଇଁ, ଗୋକୁଳି ଚରଣ ରାଉତ, ଅଲେଖ ଚନ୍ଦ୍ର ମହାନ୍ତି, ରମେଶ ଚନ୍ଦ୍ର ସାହୁ, ଦିଲ୍ଲିପ କୁମାର ବିଶ୍ୱାଳ, କାଳିପ୍ରସାଦ ନାୟକ ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହ ଆର୍ଶ୍ରିବାଦ ପ୍ରଦାନ କରିଛନ୍ତି ।

# ଭଦ୍ରକରେ ବିଶ୍ୱ ବିଶ୍ରାମ ଦିବସ ପାଳିତ

ଭଦ୍ରକ, ୩୧ ଡିସେମ୍ବର (ହି.ସ.) – ଆଜିକାଲି କର୍ମମୟ ଜୀବନରେ ସମସ୍ତେ ଅଣନିଶ୍ୱାସୀ ହୋଇ ଧାଇଁ ଚ଼ଲିଛନ୍ତି। ଏହି ଧାଁ ଦୌଡ଼ ମଧ୍ୟରେ ଆମେ ଆଗକୁ କେତେ ଯାଉଛନ୍ତି ଆଉ କେତେ ପଛରେ ରହିଯାଇଛନ୍ତି ସେ ବିଷୟରେ ଚିନ୍ତା କରିବା ପାଇଁ ଆମ୍ଭମାନଙ୍କ ପାଖରେ ସମୟର ଅଭାବ। ଏହିପରି ଦିଗହଜା, ପଥଭ୍ରଷ୍ଟ ଏବଂ ମାନସିକ ଅଶାନ୍ତିର ସମାଧାନ ପାଇଁ ବିଶ୍ରାମର ଗୁରୁତ୍ୱକୁ ଉପଲବ୍ଧି କରି ସମାଜସେବୀ ତଥା ମାନବାଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀ ଏକ ଅଭିନବ ପ୍ରୟାସ ରୂପେ ଏକ ସ୍ୱତନ୍ତ୍ର ଦିବସ ବିଶ୍ରାମ ପାଇଁ ଡ଼େଡ଼ିକେଟ୍ କରି "ବିଶ୍ୱ ବିଶ୍ରାମ ଦିବସ"ର ପରିକଳ୍ପନା କରି ଏହାକୁ ଦୀର୍ଘ ନଅ ବର୍ଷ ଧରି ପାଳିଆସୁଛନ୍ତି। ଏ ବର୍ଷ ଡ଼ିସେମ୍ବର ୩୦ ରୁ ଜାନୁୟାରୀ ୧ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଉକ୍ତ କାର୍ଯ୍ୟକ୍ରମ ଚ଼ଲୁଅଛି। ଡ଼ଗମୁଣ୍ଡ ଲେପ୍ରୋସୀ କଲୋନୀ, ଫିସେରୀ କଲୋନୀ ଅଙ୍ଗନୱାଡ଼ି କେନ୍ଦ୍ର ପରିସରରେ ଏହା ପାଳନ ହୋଇଯାଇଛି। ଏହି ଦିବସ ପରିପ୍ରେକ୍ଷୀରେ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଖାଦ୍ୟପେୟ ପରି ନିଶାମୁକ୍ତ ଜୀବନ ତଥା ବିଶ୍ରାମର ଆବଶ୍ୟକତା ରହିଛି ବୋଲି ଶ୍ରୀ ତ୍ରିପାଠୀ ସେମାନଙ୍କୁ ସଚେତନ କରାଇଥିଲେ। ଉକ୍ତ ଦିବସର ବା । ପହ ।ଇବା ପାଇଁ ବୁଦ୍ଧିଜୀବୀ ମାନଙ୍କ ସହିତ ଆଲୋଚନା ଜାରି ରହିଛି। ଚଳିତ ବର୍ଷ ଏହି ଦିବସର ମୁଖ୍ୟ ଆଭିମୁଖ୍ୟ ହେଉଛି ବ୍ୟକ୍ତିଗତ ବିଶ୍ରାମ ଓ ସାମାଜିକ ବିଶ୍ରାମ ଉଭୟ ଏକ ଶାନ୍ତିପୂର୍ଣ୍ଣ ଜୀବନଯାପନ ପାଇଁ ଗୁରୁତ୍ୱପୂର୍ଣ୍ଣ। ଯାହା ନିଜର ବିଯୁକ୍ତାତ୍ମକ ଚିନ୍ତାଧାରାକୁ ବିଶ୍ରାମ ଦେଇ ନୂତନ ଚିନ୍ତା ଚେତନା ବିକାଶ କରିବାର ସହାୟକ ହୋଇପାରିବ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଡଗମୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନବକିଶୋର ସାହୁ, ଫିସେରୀ ଆଦିବାସୀ କଲୋନୀର ଅଙ୍ଗନୱାଡ଼ି କର୍ମୀ ଦେବୀଦାସୀ ବିଶ୍ୱାଳ, ଲକ୍ଷ୍ମୀନାରାୟଣ ବେହେରା, ଗୁରୁବାରୀ ତିରିଆ, ବୁଦୁନି ସିଂକୋ, ପୂର୍ଣ୍ଣ ସିଂ, ସୁକୁରମଣି ସିଂ, ଶୁକ ମୁଣ୍ଡା, ଜାମ୍ବି ମୁଣ୍ଡା, ଗୁରୁବାରୀ ସିଂ ପ୍ରମୁଖ ଯୋଗ ଦେଇଥିଲେ।

# ଜୟ ମା ଦୁର୍ଗା ମହିଳା ମହାସଂଘ ଓ ଅଣ୍ଡରାଇ ସମିତିରେ ମଣ୍ଡି ଉଦ୍‌ଘାଟିତ

**ଭଦ୍ରକ,(ପିଏନ)-** ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଗୁଆମାଳ ପ ।ୟତ ଜୟ ମା ଦୁର୍ଗା ମହିଳା ମହାସଂଘ ଓ ଅଣ୍ଡରାଇ ସେବା ସମବାୟ ସମିତିରେ ଶନିବାର ମଣ୍ଡି ଉଦ୍‌ଘାଟିତ ହୋଇ ଯାଇଛି। ଜୟ ମା ଦୁର୍ଗା ମହିଳା ମହାସଂଘର ମଣ୍ଡିକୁ ୬ନଂ ଜିଲ୍ଲା ପରିଷଦ ସଦସ୍ୟା ରୁଜାତା ପଣ୍ଡା ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନ ବେଳେ ସଭାନେତ୍ରୀ ସ୍ୱର୍ଣ୍ଣଲତା ଜେନା, ସମ୍ପାଦିକା କନକଲତା ଜେନା, ସରପ ମାମିନା ଜେନା, ପୂର୍ବତନ ସରପ ପ୍ରଦୀପ କୁମାର ପଣ୍ଡା, ଧାନ କ୍ରୟ କମିଟି ସଦସ୍ୟ ନିରଂଜନ ମିଶ୍ର, ସରୋଜ ତ୍ରିପାଠୀ, ଅଶ୍ୱନୀ ପାଢ଼ୀ, ଦିଲୀପ ପଣ୍ଡା, ବସନ୍ତ ନାୟକ, ସୁଶାନ୍ତ ଉଦ୍‌ଗାତା, ମୃତ୍ୟୁଞ୍ଜୟ ଉଦ୍‌ଗାତା, ଚାଷୀ ତପନ ପାଢ଼ୀ, ରଣଜିତ୍ ଜେନା, ପ୍ରମୋଦ ନାୟକ, ଶୁକଦେବ କର, ମନୋଜ ତ୍ରିପାଠୀ, କିଶୋର ପୁହାଣ, ଅମୂଲ୍ୟ ପଣ୍ଡା, ରବିନାରାୟଣ ପାଣିଗ୍ରାହୀ ଅକ୍ଷୟ କୁମାର ବେହେରା ପ୍ରମୁଖଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ସରସ୍ୱତୀ ମିଶ୍ର, କ୍ଷୀରୋଦରୀ ଜେନା, ସବିତା ନାୟକ, ମଂଜୁଲତା ମଲିକ, ସୂର୍ଯ୍ୟମଣି ସେଠୀ, ରୁନୁମଣି ପାଣିଗ୍ରାହୀ, ସୁରଭି ସେଠୀ ପ୍ରମୁଖ ସହଯୋଗ କରିଥିଲେ। ଏହି ମହିଳା ମହାସଂଘରେ ୨୮୦ ଜଣ ଚାଷୀ ଧାନ ବିକ୍ରୟ କରିବାକୁ ଅନଲାଇନରେ ପଞ୍ଜୀକୃତ ହୋଇଥିବା ବେଳେ ୩୫୫୧ କୁଇ ।ଲ ଧାନ ପ୍ରଥମ ପର୍ଯ୍ୟାୟରେ ଧାନ କିଣାଯିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି ଅଣ୍ଡରାଇ ସେବା ସମବାୟ ସମିତିରେ ମଣ୍ଡି ଉଦ୍‌ଘାଟିତ ହୋଇ ଯାଇଛି। ସଭାପତି ରତିକାନ୍ତ ମଳିକ, ଉପସଭାନେତ୍ରୀ ମାଳତୀ ସାମଲ, ସମ୍ପାଦକ ଶେଷଦେବ ପରିଡ଼ା, ସହ ସମ୍ପାଦକ ବିଶ୍ୱନାଥ ଖୁଁଆ, କର୍ମଚାରୀ ଅମିତ୍ ତ୍ରିପାଠୀ, ଅଶ୍ୱନୀ ପାଢ଼ୀ, ପ୍ରମୋଦ ଖଟୁଆ, କାଦମ୍ବିନୀ ଦାସ, ଶୈଳବାଳା ମହାଳିକ, ବବିତା ନାୟକ, ଦାମୋଦର ପଣ୍ଡା, ପ୍ରଶାନ୍ତ ବେହେରା, ବିଜୟ କୁମାର ମଳି, ରବିନ୍ଦ୍ର ନାୟକ, ପ୍ରଭାତ କୁମାର ଜେନା, ଭାଗିରଥି ତ୍ରିପାଠୀ, ନିରଂଜନ ବେହେରା, ବୀରେନ୍ଦ୍ର ଖୁଆ ରମାକାନ୍ତ ମଳିକ ପ୍ରମୁଖ ସଭ୍ୟସଭ୍ୟାଙ୍କ ସମେତ ଚାଷୀ ଦଶରଥ ମଳିକ ଓ ମୁକ୍ତିକାନ୍ତ ନାୟକ ଉପସ୍ଥିତ ଥିଲେ।

# ବାରିକପୁରରେ ହେବ ବାର୍ଷିକ ପାଲା ସମ୍ମିଳନୀ

ଭଦ୍ରକ, ୩୧ ଡିସେମ୍ବର (ହି.ସ.) – ଭଣ୍ଡାରିପୋଖରୀ ବ୍ଲକର ବାରିକପୁର ବଜାର ଅନନ୍ତପୁର ଛକ ପାଲାମଣ୍ଡପରେ ୪୨ ତମ ବାର୍ଷିକ ଶ୍ରୀ ନୀଳାଚଳ ନିଖିଳ ଉତ୍କଳ ପାଲା ସମ୍ମିଳନୀ ଆଗାମୀ ଶନିବାର ଓ ରବିବାର ୨ ଦିନ ଧରି ଅନୁଷ୍ଠିତ ହେବ। ଅପରାହ୍ନ ୩ଘ. ଠାରୁ ଆରମ୍ଭ ହେବାକୁ ଥିବା ଏହି ସମ୍ମଳନୀରେ ପ୍ରତ୍ୟେହ ୪ଜଣ ବିଶିଷ୍ଟ ଗାୟକଙ୍କ ଦ୍ୱାରା ପାଲା ପରିବେଷଣ ହେବା କାର୍ଯ୍ୟକ୍ରମ ଚୁଡାନ୍ତ ହୋଇଛି। ଗାୟକ ସୌରଭ ସୁବାସ ଚନ୍ଦ୍ର ବେହେରା ଅଧିବାସ ପାଲା ପରିବେଷଣ କରିବେ। ଗାୟକ ତ ଭୂଷଣ ବିର୍ ନାରାୟଣ ତ୍ରିପାଠୀ, ଗାୟିକା ସ୍ୱରତରଙ୍ଗିଣୀ ସସ୍ମିତା ରାଉତ, ଗାୟକ ମଞ୍ଜୁଳ ଅଲେଖ ଚନ୍ଦ୍ର ଦାଶ ଶନିବାର ପାଲା ପରିବେଷଣ କରିବେ।

# ଆଗାମୀ ବର୍ଷ ୬୨ ହଜାର ହେବ ସୁନା ଦର !



**ନୂଆଦିଲ୍ଲୀ:** ଆଗାମୀ ବର୍ଷ ପ୍ରତି ୧୦ ଗ୍ରାମ ସୁନା ଦର ୬୨ ହଜାରକୁ ପହଞ୍ଚିବ। ସେହିପରି ରୂପା କେଜି ୮୦ ହଜାର ଟଙ୍କାକୁ ଛୁଇଁବ ବୋଲି ଅନୁମାନ କରାଯାଉଛି। ଆଇସିଆଇସିଆଇ ୨୦୨୩ରେ ମୂଲ୍ୟବାନ ଧାତୁ ଦରକୁ ନେଇ ଶୁକ୍ରବାର ଏକ ରିପୋର୍ଟ ଜାରି କରିଛନ୍ତି। ଯେଉଁଥିରେ ୨୦୨୩ ମସିହାରେ ସୁନା ପ୍ରତି ୧୦ ଗ୍ରାମ ଦର ୬୨ ହଜାରକୁ ପହଞ୍ଚିବ,ଯାହା ସୁନାର ସର୍ବକାଳିକ ରେକର୍ଡ ମୂଲ୍ୟ ବୋଲି ଆକଳନ କରାଯାଇଛି।

ରିପୋର୍ଟରେ କୁହାଯାଇଛି ଯେ ପ୍ରତି ୧୦ ଗ୍ରାମ ସୁନା ଦର ଏବେ ୫୪, ୩୭୦ ଟଙ୍କା ଆଖପାଖରେ କାରବାର କରୁଛି। ତେବେ ୨୦୨୩ରେ ସୁନା ଦରରେ ୧୩.୨୮ ପ୍ରତିଶତ ବୃଦ୍ଧି ସହ ପ୍ରତି ୧୦ ଗ୍ରାମ ଦର ୬୨ ହଜାରକୁ ପହଞ୍ଚିବ ବୋଲି ଅନୁମାନ କରାଯାଉଛି। ସେହିଭଳି ଏବେ ବଜାରରେ ପ୍ରତି କେଜି ୬୮,୮୭୦ ଟଙ୍କାରେ କାରବାର ହେଉଥିବା ରୂପା ଦରରେ ୧୬.୧୬ ପ୍ରତିଶତ ବୃଦ୍ଧି ସହ ୮୦ ହଜାର ଟଙ୍କାକୁ ପହଞ୍ଚିବାର ସମ୍ଭାବନା ରହିଛି।

ଏଥିରେ କୁହାଯାଇଛି ଯେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ) ବୈଶ୍ୱିକ ବିକାଶ ଅନୁମାନକୁ ସଂଶୋଧନ କରିଛନ୍ତି। ଏଣୁ ମୁଦ୍ରାସ୍ଫିତିରେ ହ୍ରାସ ସହ ଡଲାରରେ ଆସିବାକୁ ଥିବା ଦୁର୍ବଳତା କେନ୍ଦ୍ରୀୟ ବ୍ୟାଙ୍କମାନଙ୍କ ସୁଧହାରରେ ଜାରି ବୃଦ୍ଧିରେ ରୋକ ଲଗାଇବ। ଫଳରେ ଚ଼ୀନ୍ ପରିସ୍ଥିତି ସ୍ୱଭାବିକ ହେବା ସହ କମଡିଟି ବଜାର ମିଶ୍ରିତ ପ୍ରଭାବ ଦେଖିବାକୁ ମିଳିବ। ରିପୋର୍ଟରେ କୁହାଯାଇଛି ଯେ ବୈଶ୍ୱିକ ଅର୍ଥ ବ୍ୟବସ୍ଥା ଏବେ ସୁସ୍ଥିଆ ହୋଇପଡିଛି। ଯାହା କମୋଡିଟି ବଜାର ଉପରେ ମିଶ୍ରିତ ପ୍ରଭାବ ପକାଉଛି।

# ବର୍ଷକରେ ୧୧.୩ ପ୍ରତିଶତ ଖସିଲା ଟଙ୍କା ମୂଲ୍ୟ



**ନୂଆଦିଲ୍ଲୀ :** ଭାରତୀୟ ବିନିମୟ ମୁଦ୍ରା। ଟଙ୍କା ପାଇଁ ୨୦୨୨ ଏକ ଖରାପ ବର୍ଷ ସାବ୍ୟସ୍ତ ହୋଇଛି। ଡଲାର ତୁଳନାରେ ଏହା ଅତ୍ୟନ୍ତ ଦୁର୍ବଳ ପ୍ରଦର୍ଶନ କରିଛି। ୨୦୨୧ ଶେଷ ବେଳକୁ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୭୪ ଟଙ୍କା ୩୩ ପଇସା ଥିଲା। ୨୦୨୨ର ଶେଷ କାରବାର ଦିନରେ ଏହି ଦାମ୍ ୮୨ ଟଙ୍କା ୭୨ ପଇସା ରହିଛି। ବର୍ଷକରେ ଟଙ୍କା ମୂଲ୍ୟ ୧୧.୩ ପ୍ରତିଶତ ହ୍ରାସ ପାଇଛି। ସିଙ୍ଗାପୁର, ଥାଇଲ୍ୟାଣ୍ଡ, ମାଲେସିଆ, ଦକ୍ଷିଣ କୋରିଆ, ଚ଼ୀନ୍, ଫିଲିପାଇନ୍ସ ଓ ଇଣ୍ଡୋନେସିଆର ମୁଦ୍ରା ଟଙ୍କା ତୁଳନାରେ ଭଲ ପ୍ରଦର୍ଶନ କରିଛନ୍ତି। ୨୦୧୩ ପରେ ପ୍ରଥମ ଥର ପାଇଁ ଟଙ୍କାର ବାର୍ଷିକ ପ୍ରଦର୍ଶନ ଏତେ ଖରାପ ରହିଛି। ୨୦୨୨ରେ ଡଲାର ମୂଲ୍ୟରେ ଯେଉଁ ବୃଦ୍ଧି ହୋଇଛି ୨୦୧୫ ପରେ ତାହା ସର୍ବାଧିକ।

# ମୋବାଇଲ୍ ରିଚାର୍ଜ ଆହୁରି ମହଙ୍ଗା ହେବ




**ନୂଆଦିଲ୍ଲୀ:** ନୂଆବର୍ଷରେ ଭାରତୀୟମାନେ ଟେଲିକମ୍ ସେବାରେ ନୂଆ ଅନୁଭୂତି ହାସଲ କରିବେ। ଦେଶର କୋଣ ଅନୁକୋଣରେ ୫ଜି ସେବା ପହଞ୍ଚିବ। ଏହି ସେବା ପାଇବା ଲାଗି ଲୋକମାନଙ୍କୁ ପ୍ରାୟ ୫ ବର୍ଷ ଅପେକ୍ଷା କରିବାକୁ ପଡିଛି। ହାଇ ସ୍ପିଡ୍ ଡାଟାର ପ୍ରତିଶ୍ରୁତି ଆଣିଥିଲା ୨୦୨୩ ଗ୍ରାହକମାନଙ୍କ ପକେଟ୍‌କୁ ମଧ୍ୟ ଅଧିକ ଫାଙ୍କା କରିବ। ଏହିବର୍ଷ କଂପାନିଗୁଡିକ ପୁଣି ଥରେ ରିଚ଼ାର୍ଜ ମୂଲ୍ୟ ବଢାଇବେ ବୋଲି ଜଣାପଡିଛି ।

ଆସନ୍ତାବର୍ଷ ଟେଲିକମ୍ କ୍ଷେତ୍ରରେ ପ୍ରାୟ ୧.୨୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ହେବ। ଟେଲିକମ୍ ସଚ଼ିବ କେ ରାଜାରମଣ କହିଛନ୍ତି ଯେ ଟେଲିକମ୍ କଂପାନିଗୁଡିକର ପରିଚ଼ାଳନା ଖର୍ଚ୍ଚ କିଭଳି କମ୍ ହୋଇପାରିବ ସେଥିପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ। ୫ଜି ନେଟ୍‌ୱାର୍କ ବିକାଶ କରିବା ଲାଗି ରିଲାଏନ୍ସ ଜିଓ ୨ ଲକ୍ଷ କୋଟି ଟଙ୍କା ବ୍ୟୟ କରିବ ବୋଲି କହିଛି। ସେଥିରୁ ପ୍ରାୟ ୮୮ ହଜାର କୋଟି ଟଙ୍କାରେ କଂପାନି ୫ଜିସ୍ପେକ୍ଟ୍ରମ୍ କିଣିଛି। ଏହା ଆଉ ୧.୧୨ ଲକ୍ଷ କୋଟି ଟଙ୍କା ବିନିଯୋଗ କରିବା ବାକି ଅଛି। ସେହିପରି ଏୟାରଟେଲ୍ ପ୍ରାୟ ୨୮ ହଜାର କୋଟି ଟଙ୍କା ନିବେଶ କରିବାକୁ ଯାଉଥିବା ବେଳେ ସରକାରୀ କଂପାନି ବିଏସ୍‌ଏନ୍‌ଏଲ୍ ୧୬ ହଜାର କୋଟି ଟଙ୍କା ନିବେଶ କରିବ। ଆଦାନି ଡାଟା ନେଟ୍‌ୱର୍କସ୍ ୫ଜି ସ୍ପେକ୍ଟ୍ରମ୍ କିଣିଥିବା ବେଳେ ତାହା କେବେ ନିବେଶ କରିବ ଏପର୍ଯ୍ୟନ୍ତ ଜଣାଇନାହିଁ। ଭୋଡାଫୋନ୍ ଆଇଡିଆ ମଧ୍ୟ ସ୍ପଷ୍ଟ ସଙ୍କେତ ଦେଇନାହିଁ। ଯଦିଓ ମୋବାଇଲ୍ କଂପାନିଗୁଡିକ ୫ଜି ନେଟ୍‌ୱର୍କ ବିକାଶ କରିବା ଲାଗି ବିପୁଳ ନିବେଶ ଯୋଜନା ରଖିଛନ୍ତି, କିନ୍ତୁ ସେଥିରୁ କିଭଳି ଆୟ ହେବ ତାହାର ଏକ ନିର୍ଦ୍ଦିଷ୍ଟ ବାଟ ବାହାରିପାରିନାହିଁ।




# ବିଶ୍ୱବାସୀ ଗୋଟିଏ ପରିବାରର



ସମଗ୍ର ବିଶ୍ୱ ଗୋଟିଏ ପରିବାରର। ଆମେ ସମସ୍ତେ ଗୋଟିଏ ଛାତ ତଳର ଏକ ବୃହତ ଯୌଥ ପରିବାରର ସଦସ୍ୟ। ପ୍ରତିବର୍ଷ ଡିସେମ୍ବର ୨୦ରେ ବିଶ୍ୱ ସ୍ତରରେ ପାଳନ କରାଯାଏ ଅନ୍ତର୍ଜାତୀୟ ମାନବ ଏକତା ଦିବସ। ଏକତାକୁ ଏକ ମୌଳିକ ଓ ବିଶ୍ୱ ମୂଲ୍ୟବୋଧ ଭାବେ ୨୦୦୫ରେ ଜାତିସଂଘ ଘୋଷଣା କରିଥିଲା। ବିଶ୍ୱସ୍ତରୀୟ ବିଷୟ ଓ ସମସ୍ୟାଗୁଡ଼ିକୁ ମିଳିତ ଭାବେ ସାମ୍ନା କରିବା କେତେ ଗୁରୁତ୍ୱପୂର୍ଣ୍ଣ, ଏହି ଦିବସ ତାହା ଆମକୁ ମନେପକାଇଦିଏ। ବିଶ୍ୱରେ ବିକାଶ ଲକ୍ଷ୍ୟ ପୁରଣରେ ଏକତା ହିଁ ଏକମାତ୍ର ରାସ୍ତା। ବିଶ୍ୱର ସମସ୍ତ ସମସ୍ୟା ସମାଧାନର ଏକମାତ୍ର ପନ୍ଥା ଏକତା ବୋଲି ଜାତିସଂଘର ସାଧାରଣ ସଚିବ ଗୁରୁତ୍ୱାରୋପ କରିଛନ୍ତି। ବିଶ୍ୱବାସୀ ଗୋଟିଏ ପରିବାରର ସଦସ୍ୟ ଭାବେ କାର୍ଯ୍ୟ କରିବା ଉଚିତ, ଫଳରେ ବୃହତ୍ ଲକ୍ଷ୍ୟ ସାଧନ ସହଜ ହେବ। ତେଣୁ ପ୍ରତ୍ୟେକ ବ୍ୟକ୍ତି ପରସ୍ପରକୁ ସାହାଯ୍ୟ ସହଯୋଗର ହାତ ବଢ଼ାଇବା ସହିତ ସମସ୍ତେ ଗୋଟିଏ ସମୁଦାୟର ବୋଲି ମନେକରିବା ଉଚିତ। ଦାରିଦ୍ର୍ୟ ଦୂରୀକରଣରେ ଏକତାର ମୂଲ୍ୟବୋଧ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ମଧ୍ୟ ଏହି ଦିବସର ଅନ୍ୟତମ ମୁଖ୍ୟ ଲକ୍ଷ୍ୟ। ଏ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ମେଳନ ମାଧ୍ୟମରେ ଦାରିଦ୍ର୍ୟ ଦୂରୀକରଣ ନୂଆ ପନ୍ଥା ବାହାର କରିବାକୁ ଲୋକଙ୍କୁ ଉତ୍ସାହିତ କରାଯାଏ। ଲ୍ୟାଣ୍ଡମାଇନ୍‌ଗୁଡ଼ିକୁ ନିଷିଦ୍ଧ କରିବା, ଲୋକଙ୍କୁ ସ୍ୱାସ୍ଥ୍ୟ ଓ ଚିକିତ୍ସା ଯୋଗାଇଦେବା, ପ୍ରାକୃତିକ କିମ୍ବା ମାନବକୃତ ବିପର୍ଯ୍ୟୟରେ ପୀଡ଼ିତ ବ୍ୟକ୍ତିଙ୍କୁ ଉପଶମ ବ୍ୟବସ୍ଥା, ଶିକ୍ଷା, ଆତଙ୍କବାଦ, ଦୁର୍ନୀତି ଓ ଦାରିଦ୍ର୍ୟ ବିରୋଧରେ ଲଢ଼େଇ ଆଦି ପ୍ରମୁଖ ବିଷୟଗୁଡ଼ିକୁ କାର୍ଯ୍ୟକାରୀ କରିବା ଦିଗରେ ଅଭିଯାନ ମାଧ୍ୟମରେ ପ୍ରୋତ୍ସାହିତ କରାଯାଏ। ଆଜି ସମଗ୍ର ବିଶ୍ୱ ବିଭିନ୍ନ ସମସ୍ୟାକୁ ନେଇ ଜର୍ଜରିତ ରହିଥିବାବେଳେ ଆମ ମାନଙ୍କ ଭିତରେ ମାନବୀୟ ମୂଲ୍ୟବୋଧ ବୃଦ୍ଧି ପାଇବା ଜରୁରୀ। ସମସ୍ତେ ପରସ୍ପରକୁ ସହଯୋଗ ସାହାଯ୍ୟ କରିବା ହିଁ ମାନବ ଧର୍ମ ଏହାକୁ ଜୀବନର ପ୍ରତିଟି କ୍ଷେତ୍ରରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟରେ ପରିଣତ କରିବା ଆଜିର ଦିବସର ବାର୍ତ୍ତା ହେଉ।




**ଅଲେଖ ଚନ୍ଦ୍ର ସାମଲ,** ଓଏଫଏସ-୧ (ଏସ୍.ବି.), ପୂର୍ବତନ ଡିଏଫ୍ଓ (କେନ୍ଦୁଲିଫ୍), ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ: ୯୪୩୭୨୫୭୧୨୩

## ଓଡ଼ିଆ ଭାଷା ସାହିତ୍ୟ, ସାମ୍ବାଦିକତାର ମହାନ ପ୍ରତୀକ ଥିଲେ ନୀଳମଣି ବିଦ୍ୟାରତ୍ନ



ଭୁବନେଶ୍ୱର (ପିଏନ୍): ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓ 'ଆମେ ଭୁବନେଶ୍ୱର' ପକ୍ଷରୁ ନୀଳମଣି ବିଦ୍ୟାରତ୍ନଙ୍କ ୧୫୬ତମ ଜୟନ୍ତୀ ସ୍ଥାନୀୟ ପ୍ରତିମୂର୍ତ୍ତିସ୍ଥଳ ଜୟଦେବ ବିହାରଠାରେ ପୁଷ୍ପାଞ୍ଜଳି ଅର୍ପଣ ସହ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସଂଯୋଜନା କରି ବରିଷ୍ଠ ସାମ୍ବାଦିକ, ଅଭିଯାନ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ମତବ୍ୟକ୍ତ କରି କହିଥିଲେ ଯେ, ଉତ୍କଳର ସୁଯୋଗ୍ୟ ସନ୍ତାନ ସହିତ, ଓଡ଼ିଆ ଭାଷା, ସାହିତ୍ୟ, ସ୍ୱାଧୀନତା ସଂଗ୍ରାମୀ, ସାମ୍ବାଦିକତା ପ୍ରମୁଖରେ ତାଙ୍କର ଅବଦାନ ଥିଲା ଅବିସ୍ମରଣୀୟ। ଉତ୍କଳ ଦୀପିକା ସମ୍ପାଦନା ସହିତ, ସାମ୍ବାଦିକତା ଓ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରାଇବାରେ ତାଙ୍କ ଅବଦାନ ଥିଲା ଅତୁଳନୀୟ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଦିଗରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ପ୍ରଭାତ ତ୍ରିପାଠୀ, ଅନୁସଚିବ ଲକ୍ଷ୍ମୀଧର ବେହେରା, ଦିଲ୍ଲୀପ ଦାସ ଶର୍ମା, ବ୍ରଜବନ୍ଧୁ ପରିଡ଼ା ଉପସ୍ଥିତ ରହିବା ସହ ତାଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ରମେଶ ଚନ୍ଦ୍ର ପାତାଳ ସିଂ, ଗିରିଜା ମହାପାତ୍ର, ନରେନ ସାହୁ, ସଂଯୋଜକ ବାପୁ ଓଝା ରୋହିତ କୁମାର ପ୍ରମୁଖ ପରିଚାଳନା କରିଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

## କବିତା ସଙ୍କଳନ 'ତଟବାଲି' ଉନ୍ମୋଚିତ




କେନ୍ଦ୍ରାପଡ଼ା (ପିଏନ୍): ଅବସରପ୍ରାପ୍ତ ସେନା ଶିକ୍ଷା ଅଧିକାରୀ ସୁବେଦାର ମେଜର ଭରତ ଚନ୍ଦ୍ର ଜେନାଙ୍କ ତୃତୀୟ ପୁସ୍ତକ "ତଟବାଲି" ଚତୁର୍ଥ ଓଡିଶା ରାଜ୍ୟ ପୁସ୍ତକ ମହୋତ୍ସବ -୨୦୨୨ରେ ଉନ୍ମୋଚିତ ହୋଇଯାଇଛି। ବନଫୁଲ ପ୍ରକାଶନ ଆନୁକୂଲ୍ୟରେ ପ୍ରକାଶିତ କବିତା ସଙ୍କଳନରେ ୭୨ଟି କବିତା ସମାହିତ ହୋଇଛି। ଏହି ମହୋତ୍ସବରେ ବନଫୁଲ ପୁସ୍ତକ ଉନ୍ମୋଚନ ଓ ବହି ସମ୍ମାନ ପ୍ରଦାନ ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଶାସ୍ତ୍ରୀୟ ଓଡିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଡଃ. ବସନ୍ତ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଗବେଷକ ଅସିତ କୁମାର ମହାନ୍ତି, ସମ୍ମାନୀତ ଅତିଥି ପ୍ରାବନ୍ଧିକ ଡଃ. ବେଣୁଧର ପାଢୀ ଓ ବିଶିଷ୍ଟ କବୟିତ୍ରୀ ମମତା ଦାଶ ଯୋଗଦେଇ ମେଜର ଭରତ ଚନ୍ଦ୍ର ଜେନାଙ୍କୁ ବନଫୁଲ ବହି ସମ୍ମାନ-୨୦୨୨ରେ ସମ୍ବର୍ଦ୍ଧିତ କରିଥିଲେ। ଏହି ସଭାରେ ଗାଳ୍ପିକ ରବି ପଣ୍ଡା ସଭାପତିତ୍ୱ କରିଥିବା ବେଳେ ଜାହ୍ନବୀ ଚୌଧୁରୀ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନଫୁଲର ପ୍ରକାଶକ ପବିତ୍ର ବ୍ରହ୍ମପୁତ୍ର ନାୟକ, ଡଃ. ରତ୍ନାକର ମଲ୍ଲିକ, ଡଃ. ନିର୍ମଳା କୁମାରୀ ମହାପାତ୍ର, ଅମର ପ୍ରସାଦ ରାଉତ, ଆଦିକନ୍ଦ ରାଉଳ, ଅଧର କୁମାର ଜେନା, ମିନାକ୍ଷୀ ଦାସ, ସସ୍ମିତା ସ୍ୱାଇଁ, ବିଜୟଲକ୍ଷ୍ମୀ ପ୍ରଧାନ, ମଧୁସ୍ମିତା ପ୍ରଧାନ, ଗୋଲଖ ସେଠୀ, ନିରଞ୍ଜନ ନାୟକ, ରାଖାଲ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜାହ୍ନବୀ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସତ୍ୟସାଇ ସେବା ସମିତି ପକ୍ଷରୁ ପୂଜ୍ୟପୂଜା ସମ୍ମାନ



ଧର୍ମଶାଳା (ପିଏନ୍): ଜାରକାସ୍ଥିତ ସତ୍ୟସାଇ ସେବା ସମିତି ପକ୍ଷରୁ ପୂଜ୍ୟପୂଜା ସମ୍ମାନ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ଯାଜପୁର ଜିଲ୍ଲାର ଅବସରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିଜୟ କୁମାର ଶତପଥୀଙ୍କୁ ସାଇ ସଙ୍ଗଠନ ପକ୍ଷରୁ ପୁଜ୍ୟପୂଜା ସମ୍ମାନରେ ସମ୍ମାନିତ କରାଯାଇଛି । ଆବାହକ ସୁଶାନ୍ତ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଆବାହକ ପବିତ୍ର ମୋହନ ବିଶ୍ୱାଳ, କ୍ଷୀତିଶ ଚନ୍ଦ୍ର ମିଶ୍ର, ସଙ୍ଗଠକ ନିରଂଜନ ଶ୍ୟାନ୍ତି, ସେବା ସଂଯୋଜକ ବିକ୍ରମ କେଶରୀ ମହାନ୍ତି, ଭଜନାନନ୍ଦ ସାମଲ ପ୍ରମୁଖ ଯୋଗଦେଇ ସତ୍ୟସାଇଙ୍କ ସେବା ଓ ତ୍ୟାଗ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିସହ ଡାକ୍ତର ବିଜୟ କୁମାର ଶତପଥୀଙ୍କ ସେବାମୂଳକ କାର୍ଯ୍ୟ ସହିତ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ପୂଜାର୍ଚ୍ଚନା ସହିତ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବଟକୃଷ୍ଣ ମଲିକ, ମଦନାନନ୍ଦ ମଲିକ, ନମିତା ଶ୍ୟାନ୍ତି, ଶୁଭଲକ୍ଷ୍ମୀ ପତି, ଗଗନବିହାରୀ ଦତ୍ତ, ଜିତେନ୍ଦ୍ର କୁମାର ଦାସ, ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସଦସ୍ୟ ଅମ୍ବିକା ପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ ।

## ସମ୍ବଲପୁର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ




ସମ୍ବଲପୁର (ପିଏନ୍): କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୫୭ତମ ବାର୍ଷିକୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଅତିରିକ୍ତ ଜିଲ୍ଲାଧିକାରୀ ଶ୍ରୀ ଅଜାମ୍ବର ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ। ବିଦ୍ୟାଳୟ ପ୍ରବନ୍ଧ ସମିତିର ସଦସ୍ୟଗଣ, ଅଭିଭାବକଗଣ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତି ଉତ୍ସବର ଶୋଭାବର୍ଦ୍ଧନ କରିଥିଲା। ମୁଖ୍ୟ ଅତିଥିଙ୍କୁ ସ୍ୱାଗତ, ଦୀପ ପ୍ରଜ୍ୱଳନ ଓ ସରସ୍ୱତୀ ବନ୍ଦନା ପରେ ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ପ୍ରଶାନ୍ତ କୁମାର ଷଡ଼ଙ୍ଗୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ଚିତ୍ତାକର୍ଷକ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଷ୍ଟାଫ୍ ସକ୍ରିୟ ଭାବେ ଅଂଶଗ୍ରହଣ କରି ଉତ୍ସବଟିକୁ ସାଫଲ୍ୟମଣ୍ଡିତ କରିଥିଲେ। ଇଂରାଜୀ ଅଧ୍ୟାପକ ଶ୍ରୀ ଅରୁଣ କୁମାର ଯୋଷୀ, ସହପାଠ୍ୟଗାମୀ କାର୍ଯ୍ୟକଳାପ ପ୍ରଭାରୀ ଶ୍ରୀମତୀ ପଦ୍ମାକ୍ଷୀ ବେହେରା, ହିନ୍ଦୀ ଶିକ୍ଷୟିତ୍ରୀ ଶ୍ରୀମତୀ (ଡକ୍ଟର) ଉମା କୁମାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ବରିଷ୍ଠତମ ଶିକ୍ଷୟିତ୍ରୀ ଶ୍ରୀମତୀ ଭି. ଅନିତା କୁମାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟକ୍ଷ ଶ୍ରୀ ଷଡ଼ଙ୍ଗୀ ଶେଷରେ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।




## ବନ୍ଧୁତ୍ୱର ବିକଳ୍ପ ନାହିଁ: ଦୀର୍ଘ ୩୫ ବର୍ଷ ପରେ ଏକାଠି ହେଲେ ବ୍ରହ୍ମେଶ୍ୱର ବିଦ୍ୟାଳୟ ବିଦ୍ୟାର୍ଥୀ



ଭୁବନେଶ୍ୱର (ପିଏନ୍): ବ୍ରହ୍ମେଶ୍ୱର ପାଟଣା ପ୍ରାଥମିକ ବିଦ୍ୟାଳୟରୁ ମାଧ୍ୟମିକ ବିଦ୍ୟାଳୟର ୧୯୮୨ରୁ ୮୮ ବ୍ୟାଚ୍ ବିଦ୍ୟାର୍ଥୀଙ୍କ ସମାଗମରେ ଏକ ନିଆରା ବନ୍ଧୁମିଳନ କାର୍ଯ୍ୟକ୍ରମ ଦୀର୍ଘ ୩୫ ବର୍ଷ ପରେ ଅନୁଷ୍ଠିତ ହୋଇଯାଇଛି। ବନ୍ଧୁତ୍ୱର ବିକଳ୍ପ ନାହିଁ, ଏହାକୁ ଆଧାର କରି ସମାଜରେ କିଛି ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ବିଦ୍ୟାର୍ଥୀମାନେ ଏକାଠି ହେବା ସହିତ କିଛି ସାମାଜିକ କାର୍ଯ୍ୟ କରିବା ପାଇଁ ବଦ୍ଧପରିକର ବୋଲି ନିଜ ନିଜ ମତ ରଖିଥିଲେ। ଅରବିନ୍ଦ ଓ ସୁକାନ୍ତିଙ୍କ ସଂଯୋଜନାରେ ଆୟୋଜିତ ବନ୍ଧୁ ମିଳନରେ ଉକ୍ତ ବ୍ୟାଚ୍‌ର ପ୍ରାୟ ସମସ୍ତ ବିଦ୍ୟାର୍ଥୀ ଏକତ୍ରିତ ହୋଇ ବିଦ୍ୟାଳୟ ଜୀବନର ସ୍ମୃତି ଓ ଅନୁଭୂତିକୁ ପରସ୍ପର ମଧ୍ୟରେ ବାଣ୍ଟିବା ସହ ଏକ ନିଆରା ସଚେତନତାମୂଳକ ନାଟକ (ରୋଡ୍ ରୋମିଓ) ପରିବେଷଣ କରାଯାଇଥିଲା। ବିନୋଦ ଓ ରାଜେଶଙ୍କ ନିର୍ଦ୍ଦେଶନାରେ ଉକ୍ତ ନାଟକଟିକୁ ଅଭିନେତା ରବି, ପାର୍ଶ୍ୱଅଭିନେତ୍ରୀ କବିତାଙ୍କ ସହିତ ଦବଙ୍ଗ ନାୟିକା ଭାବେ ରଞ୍ଜୁରାଣୀଙ୍କ ଅଭିନୟ ଓ ବାର୍ତ୍ତା ବେଶ ମନମୁଗ୍ଧକର ଓ ସମାଜକୁ ଏକ ନୂତନ ଦିଗ ପ୍ରଦାନ କରିବାରେ ସହାୟକ ହୋଇପାରିବ ବୋଲି ମତବ୍ୟକ୍ତ କରାଯାଇଥିଲା। ଏହି ଅବସରରେ ରବିନାରାୟଣ, ବିନୋଦ, ରାଜେଶ, ସମୀର, ଅମୀୟ କବିତାଙ୍କୁ ବିଦ୍ୟାର୍ଥୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ହାସ୍ୟ ଅଭିନେତା ଭାବେ ଧଡୁ ଅଭିନୟ କରିଥିବାବେଳେ ସଂଗୀତ ପ୍ରଦାନ କରିଥିଲେ ଅଜୟ ଓ ମନୋଜ। ଆଗକୁ ବିଭିନ୍ନ ପ୍ରକାର ସାମାଜିକ ଓ ସଚେତନତାମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଷଣ କରାଯିବ ବୋଲି ମତବ୍ୟକ୍ତ କରାଯାଇଥିଲା। ଶେଷରେ ସ୍ୱପ୍ନା ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସୁଚିସ୍ମିତା, ସବିତା, ଭାଗ୍ୟଲତା, ନିରୁପମା, ମୃତ୍ୟୁଞ୍ଜୟ ପ୍ରମୁଖ ସହଯୋଗ କରିଥିଲେ।

## ନାଟ୍ୟକାର ଜଗନ ମୋହନ ଲାଲାଙ୍କ ସ୍ମୃତିରେ ଆଲୋଚନାଚକ୍ର



କେନ୍ଦ୍ରାପଡ଼ା (ପିଏନ୍): ଆଦି ନାଟ୍ୟକାର ଜଗନ୍ ମୋହନ ଲାଲାଙ୍କ ସ୍ମୃତିରେ ଓଡିଶା ନାଟ୍ୟ ସଙ୍ଘ ଓ ତୁଳସୀ କଲଚରାଲ ଆସୋସିଏସନର ମିଳିତ ଉଦ୍ୟମରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ସହରର ବିନୋଦ ବିହାରୀଜୀୟୁଙ୍କ ସଭା ଗୃହରେ ଅନୁଷ୍ଠିତ 'ଆମ ନାଟକରେ ସାଂପ୍ରତିକ ସମାଜ' ଶୀର୍ଷକ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ପି.ଏନ.ଏସ. ସ୍କୁଲ ଅଫ ଇଞ୍ଜିନିଅରିଂ ଆଣ୍ଡ ଟେକ୍ନୋଲୋଜିର ଅଧ୍ୟକ୍ଷ ଇଂ ଜ୍ଞାନରଞ୍ଜନ ନାୟକ, ମୁଖ୍ୟବକ୍ତା ଭାବେ ଡଃ. ପ୍ରଦୀପ୍ତ ରାଉତରାୟ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଆସୋସିଏସନର ଉପସଭାପତି ନାଟ୍ୟଶିଳ୍ପୀ ରବୀନ୍ଦ୍ର ନାଥ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ସମ୍ପାଦକ କୈଳାସ ଚନ୍ଦ୍ର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଏହି ଆଲୋଚନାଚକ୍ରରେ ଆସୋସିଏସନର ସଦସ୍ୟ ସରୋଜ କୁମାର ମହାନ୍ତି, ଅକ୍ଷୟ ସେନାପତି, ସଂଯୁକ୍ତା ଦାସ, ଅଶୋକ କୁମାର ସାହୁ, ହାଡିବନ୍ଧୁ ସିଂ, ଐଶ୍ୱର୍ଯ୍ୟରଞ୍ଜନ ଜେନା, ରାଜ କିଶୋର ପତ୍ରୀ, ଇତିଶ୍ରୀ ଦାସ, ଐଶ୍ୱର୍ଯ୍ୟା ଦାସ, ପ୍ରତୀକ ଅନୁରାଗ ଦାଶ, ଉମାକାନ୍ତ ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବର୍ତ୍ତମାନର ନାଟକ କିପରି ସାଂପ୍ରତିକ ସମାଜର ବିଭିନ୍ନ ବିଷୟ ବସ୍ତୁ ରହିଛି, କିପରି ସାଂପ୍ରତିକ ସମାଜର ବିଭିନ୍ନ ବିଷୟକୁ ନେଇ ନାଟକ ଅଭିନୟ କରାଯାଇପାରିବ, କିପରି ନାଟ୍ୟ ନାଟକକୁ ଆହୁରି ବୃଦ୍ଧି କରାଯିବ ସେ ବିଷୟରେ ଅତି ବିସ୍ତୃତ ଭାବେ ଆଲୋଚନା ଆଲୋଚନା କରାଯାଇଥିଲା। ଶେଷରେ ସଦସ୍ୟ ଉମାକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଲକ୍ଷ୍ମୀନାରାୟଣ ପୂଜା ପାଇଁ ସଜେଇ ହେଉଛି ଜାରକା ବଜାର



ଧର୍ମଶାଳା (ପିଏନ୍): ଜାରକାର ପ୍ରସିଦ୍ଧ ଲକ୍ଷ୍ମୀନାରାୟଣ (ଗଜଉଦ୍ଧାରଣ) ପୂଜା ଗତ ୧୬ ତାରିଖଠାରୁ ଆରମ୍ଭ ହୋଇଛି ଏବଂ ଧର୍ମଶାଳା ମହୋତ୍ସବ ୨୫ ତାରିଖଠାରୁ ଆରମ୍ଭ ହେବ । ଏଥିପାଇଁ ସଜେଇ ହେଉଛି ଜାରକା ବଜାର । ପୂଜା ମଣ୍ଡପରେ ଲକ୍ଷ୍ମୀନାରାୟଣଙ୍କ ଗଜଉଦ୍ଧାରଣ ଦୃଶ୍ୟ ସାଙ୍ଗକୁ ବିଭିନ୍ନ ପୌରାଣିକ, ଐତିହାସିକ ଓ ସାମାଜିକ କଥାବସ୍ତୁକୁ ମୂର୍ତ୍ତି ମାଧ୍ୟମରେ ରୂପ ଦିଆଯାଉଛି । ମଣ୍ଡପ ସମ୍ମୁଖରେ ଏକ ସୁଦୃଶ୍ୟ ତୋରଣ ନିର୍ମାଣ କରାଯାଉଥିବା ବେଳେ ବଜାରର ସମସ୍ତ ପ୍ରବେଶ ପଥରେ ଆକର୍ଷଣୀୟ ଆଲୋକ ତୋରଣ ଓ ବଜାରକୁ ରଙ୍ଗିନ ଆଲୋକମାଳାରେ ସଜ୍ଜିତ କରାଯାଉଛି। ଧନୁ ସଂକ୍ରାନ୍ତି ତିଥିରେ କଳସ ଅଧିବାସ, ପୂଜାରମ୍ଭ ଓ ସଂଧ୍ୟାରେ ଚହଟା ଗ୍ରାମବାସୀ କୀର୍ତ୍ତନ ପରିବେଷଣ କରିଛନ୍ତି । ୧୭ ତାରିଖରେ ସୂର୍ଯ୍ୟପୂଜା, ହୋମ, ମହାଦୀପ, ଆଳତୀ ଓ ଚୋରମୁହାଁ ଗ୍ରାମବାସୀଙ୍କ ଦ୍ୱାରା ଭଜନ ପରିବେଷିତ ହୋଇଥିଲା । ୧୮ ତାରିଖରେ ପୂଜା, ହୋମ, ପୁଷ୍ପାଂଜଳି, ଘଟ ବିସର୍ଜନ ଓ ବାଲିଗରି ଗ୍ରାମବାସୀ କୀର୍ତ୍ତନ ପରିବେଷଣ କରିଥିଲେ । ୧୯ ତାରିଖରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ଋତିକ୍ ଧରଣୀଧର ସ୍ୱାଇଁ ବକ୍ତାଭାବେ ଯୋଗ ଦେଇଥିଲେ । ୨୦ ଏବଂ ୨୧ ତାରିଖରେ ଗାୟିକା ଉର୍ମିଳା ସାହୁ ଓ ସାଥୀ ପାଲା ପରିବେଷଣ କରିବେ । ୨୨, ୨୩ ଓ ୨୪ ତାରିଖରେ ବାବାଜୀ ଅମୃତାନନ୍ଦ ଦାସ ପ୍ରବଚନ ଦେବେ । ଏଥିପାଇଁ ଆୟୋଜକ ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଚିଥିବା ସଭାପତି ଜଳଧର ମହାନ୍ତି ଓ ସଂପାଦକ ସତ୍ୟପ୍ରିୟ ମହାନ୍ତି ସୂଚନା ଦେଇଛନ୍ତି ।

## ବାଲେଶ୍ୱରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନେଇ ମନ୍ତ୍ରୀଙ୍କ ସମୀକ୍ଷା

ବାଲେଶ୍ୱର (ପିଏନ୍): ଓଡ଼ିଶାର ମାନ୍ୟବର ପୂର୍ତ୍ତ, ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ମଲ୍ଲିକ ଦିନିକିଆ ବାଲେଶ୍ୱର ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏହି ଅବସରରେ ମାନ୍ୟବର ମନ୍ତ୍ରୀଙ୍କ ସହ ବାଲେଶ୍ୱର ସଦର ବିଧାୟକ ଶ୍ରୀଯୁକ୍ତ ସ୍ୱରୂପ ଦାସ, ରେମୁଣା ବିଧାୟକ ଶ୍ରୀଯୁକ୍ତ ସୁଧାଂଶୁ ଶେଖର ପରିଡ଼ା, ବାଲେଶ୍ୱର ପୌରପାଳିକାର ଉପାଧ୍ୟକ୍ଷ ଶ୍ରୀଯୁକ୍ତ କୈଳାଶ ଚନ୍ଦ୍ର ସେଠୀ, ଇଆଇସି ମନୋରଞ୍ଜନ ମିଶ୍ର, ସିସିଇ ରଙ୍ଗାଧର ରାଉତ, ଏସଇ ଡିଡ୍ବ୍ଲୁଡ଼ି ୱାନ୍ ରାମଚନ୍ଦ୍ର ସେଠୀ, ଏସଇଡ୍ବ୍ଲୁଡ଼ି ଟୁ ଅଜିତ ରାୟ ପ୍ରମୁଖ ଉପସ୍ଥିତ ଥିବାବେଳେ ୯ କୋଟି ୭୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟ ଚାଲୁଥିବା ବାଲେଶ୍ୱର ସହଦେବଖୁଣ୍ଟା ବସଷ୍ଟାଣ୍ଡ ୪୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ସୋଭାରାମପୁର ରେଲୱେ ଓଭରବ୍ରିଜ, ୪୨ କୋଟି ୬୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟ ଚାଲୁଥିବା ଅଙ୍ଗାରଗାଡ଼ିଆ ରେଲୱେ ଓଭରବ୍ରିଜ୍, ୧୧ କୋଟି ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟ ଚାଲୁଥିବା ଆଇ.ଟି.ଆଇ ଜପଡ଼ିଆ ଇଣ୍ଡୋର ଷ୍ଟାଡ଼ିୟମ, ରେମୁଣାରେ ୬୫୦ ବେଡ୍ ବିଶିଷ୍ଟ ମେଡ଼ିକାଲ କଲେଜ ନିର୍ମାଣ କାର୍ଯ୍ୟର ତଦାରଖ କରିବା ସହ ଯଥାଶୀଘ୍ର କାର୍ଯ୍ୟ ସମାପ୍ତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏଥି ସହିତ ହଳଦୀପଦା ବାଇପାସରୁ (ଏନଏଚ ୬୦) ପଶ୍ଚିମ ବଙ୍ଗ ବଡ଼ର ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହେବାକୁ ଥିବା ଇଣ୍ଟରଷ୍ଟେଟ ରୋଡ଼ ସ୍ଥାନ ପରିଦର୍ଶନ ମଧ୍ୟ କରିଥିଲେ ଏଠାରେ ସୂଚନାଯୋଗ୍ୟ ଏହି ଇଣ୍ଟରଷ୍ଟେଟ ରୋଡ଼କୁ ଆସନ୍ତା କିଛିଦିନ ମଧ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଶୁଭ ଦେବେ।

## ପଶ୍ଚିମବଙ୍ଗରେ ଧର୍ମଶାଳା ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ



ଧର୍ମଶାଳା (ପିଏନ୍): ପଶ୍ଚିମବଙ୍ଗ ଜଲପାଇଗୁଡ଼ିର ଏକ ଅଣୁସାର କମ୍ପାନୀରେ କାମ କରୁଥିବା ଧର୍ମଶାଳା ବ୍ଲକ ଦେଓଦା ପଂଚାୟତ ସେରପୁର ଗ୍ରାମର ଶଙ୍କର୍ଷଣ ପାଣିଗ୍ରାହୀଙ୍କ ସାନପୁଅ ବିଶ୍ୱଜିତ୍ ପାଣିଗ୍ରାହୀ(୨୩)ଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି । ସେ ରହୁଥିବା ମେସ୍‌ରୁ ଗତ ୧୩ ତାରିଖରେ ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା । ବେକରେ ଗାମୁଛା ଲଗାଇ ଫ୍ୟାନ୍ ହୁକରେ ଝୁଲୁଥିବା ଦେଖିବାକୁ ମିଳିଥିଲା । ବିଶ୍ୱଜିତ୍‌ଙ୍କ ମୃତଦେହ ଗାଁରେ ପହଁଚିବା ପରେ ଏକ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସଂପନ୍ନ ହୋଇଛି । ପ୍ରକାଶ ଯେ, ବିଶ୍ୱଜିତ୍ ୨ବର୍ଷ ହେଲା ଜଲପାଇଗୁଡ଼ିସ୍ଥିତ ଟେଷ୍ଟା ଆଗ୍ରୋ ଇଣ୍ଡଷ୍ଟ୍ରିରେ କାମ କରୁଥିଲେ । ବଡ଼ଭାଇ ଜିତେନ୍ଦ୍ରଙ୍କ ସହିତ ସେ କମ୍ପାନୀ ମେସ୍‌ର ଉପର ତାଲାରେ ରହୁଥିଲେ । ରାତି ଡ୍ୟୁଟିସାରି ସେ ଭାଇଙ୍କ ସହିତ ରୁମ୍‌ରେ ସକାଳ ଜଳଖିଆ ଖାଇଥିଲେ । ଭାଇ ୯ଟାରେ କମ୍ପାନୀକୁ ଚାଲିଯାଇଥିଲେ । ଖବର ପାଇ ଆସି ଦେଖନ୍ତି ତ' ବିଶ୍ୱଜିତ୍ ବେକରେ ଗାମୁଛା ଲଗାଇ ଫ୍ୟାନ୍ ହୁକରେ ଝୁଲି ପଡ଼ିଛନ୍ତି । ସେଠାକାର ପୁଲିସ୍ ଝୁଲନ୍ତା ମୃତଦେହକୁ ଜବତ କରିବା ସହିତ ସ୍ଥାନୀୟ ଡାକ୍ତଖାନାରେ ଶବ ବ୍ୟବଚ୍ଛେଦ କରାଇଥିଲା । ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ବିଶ୍ୱଜିତ୍‌ଙ୍କ ମୋବାଇଲ ଯାଂଚ କରିବା ପାଇଁ ପୁଲିସ୍ କୋଲକତା ପଠାଇଛି । ଆତ୍ମହତ୍ୟା ଖବରକୁ ପରିବାର ଲୋକ ସହଜରେ ଗ୍ରହଣ କରି ପାରୁନାହାଁନ୍ତି । ଆତ୍ମହତ୍ୟା କରିବାର କୌଣସି କାରଣ ନଥିଲା କିମ୍ବା ସେ ଆତ୍ମହତ୍ୟା ମାନସିକତାର ପିଲା ନୁହଁନ୍ତି ବୋଲି ସଂପର୍କୀୟମାନେ କହିଛନ୍ତି । ତାଙ୍କୁ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦିଆଯାଇଥିବା ଅଭିଯୋଗ ଉଠିଛି । ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବିଶ୍ୱଜିତ୍‌ଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ନ୍ତା ବୋଲି କୁହାଯାଇଛି ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଫୁଲବାଣୀରେ ଜାତୀୟ ଯୁବ ଦିବସ ପାଳିତ

କନ୍ଧମାଳ,(ପିଏନ)- ଫୁଲବାଣୀ ସହରର ସ୍ଥାନୀୟ ଏଜେଓ ହାଇସ୍କୁଲ ଠାରେ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ତରଫରୁ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବରେ ଫୁଲବାଣୀ ମ୍ୟୁନିସିପାଲଟିର ଅଧକ୍ଷା ଶ୍ରୀମତୀ ସ୍ମିତାରାଣୀ ମହାନ୍ତି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଆଇନଜିବୀ ବିଜୟକୃଷ୍ଣ ପଟ୍ଟନାୟକ, ଏଜେଓ ହାଇସ୍କୁଲର ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ପ୍ରଧାନ, ଶିକ୍ଷକ ଯୁଧିଷ୍ଠିର ମହାନ୍ତି, କୋଲ୍ଲୋଳିନୀ ଆଚାର୍ଯ୍ୟ, ମନୋରଞ୍ଜନ ପାଢ଼ୀ ଏବଂ ନେହେରୁ ଯୁବକେନ୍ଦ୍ର ଫୁଲବାଣୀର ସହକର୍ମୀ ସତ୍ୟବାନ୍ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଦିବସ ଉପଲକ୍ଷେ ଜିଲ୍ଲା ରକ୍ତ ଭଣ୍ଡାର ଫୁଲବାଣୀ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଫୁଲବାଣୀ ରକ୍ତଭଣ୍ଡାରରେ ଅନୁଷ୍ଠିତ ଶିବିରରେ ଯୁବକ ଯୁବତୀ ମାନେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଫୁଲବାଣୀର ବରିଷ୍ଠ ରକ୍ତଦାତା ପ୍ରଶାନ୍ତ କୁମାର ବେହେରା ଯୋଗ ଦେଇଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଓ ଯୁବକ ସଂଘର ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ। ଯୁବ ଭାଇ ଓ ଭଉଣୀ ମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଅନଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଅନୁଷ୍ଠିତ ଦିବସର ମୂଖ୍ୟ ଲକ୍ଷ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଯୁବ ଭାଇ ଓ ଭଉଣୀ ମାନଙ୍କୁ ଅବଗତ କରିଥିଲେ। ଏହି ଦିବସରେ ଯୁବ ଭାଇ ଓ ଭଉଣୀ ମାନେ କର୍ଣ୍ଣାଟକର ହୁବୁଲି ଠାରେ ଚାଲିଥିବା ୨୬ ତମ ଜାତୀୟ ଯୁବ ଉତ୍ସବର ସିଧା ପ୍ରସାରଣ ଦେଖିଥିଲେ। ଏହି କାର୍ଯ୍ୟକ୍ରମକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭ ଉଦ୍ଘାଟନ କରିଥିଲେ। କୁଇଜ୍ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଏହି ଜାତୀୟ ଯୁବ ଦିବସ ଓ ସପ୍ତାହ ୧୯ ଜାନୁଆରୀ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବ ବୋଲି ନେହେରୁ ଯୁବକେନ୍ଦ୍ର ତରଫରୁ ସୂଚନା ଦିଆଯାଇଛି।ବୈଠକରେ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଓ ଉପସ୍ଥିତ ଥିବା ଯୁବ ଭାଇ ଓ ଭଉଣୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ସ୍ୱେଚ୍ଛାସେବୀ ଚନ୍ଦ୍ରମଣି ଦେହୁରୀ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

# ଭାରତମାତାଙ୍କ ପ୍ରତି ସମର୍ପଣ ହିଁ ଯୁବ ସମାଜ ପାଇଁ ଆହ୍ୱାନ

ଜୟପୁର, (ପିଏନ)- ସରକାରୀ ମହିଳା ମହାବିଦ୍ୟାଳୟ ଜୟପୁର ଠାରେ ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ୍ ଆନୁକୁଲ୍ୟରେ ଜାତୀୟ ଯୁବ ଦିବସ ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶକୁ ଲୋକଙ୍କ ନିକଟରେ ପହଂଚାଇ ଏକ ଦିବ୍ୟ ଓ ଭବ୍ୟ ଭାରତ ନିର୍ମାଣର ବାର୍ତ୍ତା ନେଇ ସେପଟ୍ଟେମ୍ବର ୨୫ରୁ ସାରା ରାଜ୍ୟ ପରିକ୍ରମା କରୁଥିବା ଭାରତମାତା ରଥ ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ପ୍ରବେଶ ପରେ କଲେଜର ଛାତ୍ରୀ ଓ ସମସ୍ତ ଅଧ୍ୟାପକ ଅଧ୍ୟାପିକାମାନେ ପୁଷ୍ପ ବର୍ଷା କରି ସ୍ୱାଗତ କରିଥିଲେ। ଅଧକ୍ଷା ଡ. ମନୋରମା ଦେବୀ ଭାରତମାତାଙ୍କ ଗଳାରେ ମାଲ୍ୟାର୍ପଣ କରି ପୂଜନ ପରେ ନିଦ୍ରିତ ଭାରତକୁ ଜାଗ୍ରତ କରିବା ବାର୍ତ୍ତାରେ କନ୍ୟାକୁମାରୀ ବିବେକାନନ୍ଦ କେନ୍ଦ୍ରର ସେବା ବ୍ରତୀ ସ୍ୱେଚ୍ଛାସେବୀ ମାନେ ଏକ ପଥପ୍ରାନ୍ତ ନାଟକ ପିଲାଙ୍କ ସାମ୍ନାରେ ପରିବେଷଣ କରି ଯୁବସମାଜକୁ ରାଷ୍ଟ୍ର ହିତ ଯଜ୍ଞରେ ଆହୁତି ଦେବାକୁ ନିବେଦନ କରାଯାଇଥିଲା। ପରେ ଏକ ସଭା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅଧକ୍ଷା ଡ. ମନୋରମା ଦେବୀ ଏଥିରେ ସଭାପତିତ୍ୱ କରିବା ସହ ପ୍ରାରମ୍ଭିକ ଭାଷଣ ଜରିଆରେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱାମୀ ବିବେକାନନ୍ଦ କେନ୍ଦ୍ରର ଆଜୀବନ ସମର୍ପିତ କାର୍ଯ୍ୟକର୍ତ୍ତା ରବି ନାଇଡୁ ଛାତ୍ରୀ ମାନଙ୍କୁ ଆଗାମୀ ୨୫ ବର୍ଷ ଭିତରେ ଯୁବସମାଜ ବିକଶିତ ଭାରତ ଗଠନରେ କ'ଣ କରିପାରିବେ ଏବଂ ସେମାନଙ୍କ ସହଯୋଗରେ ୨୦୪୭ ବେଳକୁ ଭାରତର ସ୍ଥିତି ବିଶ୍ୱ ଦରବାରରେ କିପରି ହେବ ଏକ ଚୁମ୍ବକୀୟ ଅଭିଭାଷଣ କଥୋପକଥନ ଶୈଳୀରେ ପ୍ରଦାନ କରିଥିଲେ। ସେ କହିଥିଲେ, ସ୍ୱାମୀଜୀଙ୍କ ଅନୁସାରେ ପ୍ରଥମେ ଦେଶକୁ ଜାଣିବା ଓ ଭାରତମାତାଙ୍କୁ ନିଜ ମାଆ ଭାବେ ଭଲ ପାଇ ତାଙ୍କ ପାଇଁ କିଛି କରିବାକୁ ଆହ୍ୱାନ ଦେବା ସହ ନାରୀ ଶକ୍ତି ଜାଗ୍ରତ ହେଲେ ଭାରତମାତା ପୁଣିଥରେ ପରମ ବୈଭବଶାଳୀ ହୋଇପାରିବେ ବୋଲି କହିଥିଲେ। ମଂଚାସୀନ ଥିଲେ ଇଂଜିନିୟର ନିର୍ମଳ ଚନ୍ଦ୍ର ମଲ୍ଲିକ, ଇଂଜିନିୟର କେଦାରନାଥ ବେହେରା, ଡ଼. ସୁରେଶ ଦାଶ ଓ ଉପସ୍ଥିତ ଥିବା ଅତିଥି ମାନେ ହେଲେ ଡ଼. ସଚ୍ଚିଦାନନ୍ଦ ପାତ୍ର, ଭଉଣୀ ରେଣୁକା ଗୁପ୍ତା, ଭଉଣୀ ନିଲମ, ମଧୁ ଭାଇ, ପ୍ରମୋଦ ରାଉଳ, ବରୁଣ ଜୈନ୍, ସମାଜସେବୀ ପ୍ରଫୁଲ୍ଲ ପାଠୀ ଓ ଅନ୍ୟମାନେ।କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ଼. ମନୋରଞ୍ଜନ ପ୍ରଧାନ ଓ ଧନ୍ୟବାଦ ଅର୍ପଣ କରିଥିଲେ ଯୁବ ରେଡକ୍ରସ୍ କାଉନସିଲର ଅଧ୍ୟାପିକା ଡ଼ କନକଲତା ମହାପାତ୍ର। ପ୍ରାୟ ତିନି ଶହ ଛାତ୍ରୀ, ଅଧ୍ୟାପକ ଅଧ୍ୟାପିକାମାନେ ଉପସ୍ଥିତ ଥିଲେ। ସଭା ଶେଷରେ କଲେଜ ପରିସରରେ ଆୟୋଜିତ ଭ୍ରାମ୍ୟମାଣ ପୁସ୍ତକ ବିକ୍ରୟ କେନ୍ଦ୍ରରୁ ଛାତ୍ରୀ ଅଧ୍ୟାପକ ଅଧ୍ୟାପିକାମାନେ ସ୍ୱାମୀ ବିବେକାନନ୍ଦଙ୍କ ଆଧାରିତ ବହୁ ଉପାଦେୟ ପୁସ୍ତକ କିଣିଥିଲେ।

# ଶାଶୁ ଘରେ ବୋହୂକୁ ନିର୍ଯ୍ୟାତନା, ବନ୍ଦୀ ଅବସ୍ଥାରେ ଉଦ୍ଧାର କଲା ପୋଲିସ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ ବୁଦୁଗୁଡା ଗ୍ରାମର ଉପେନ୍ ବର୍ମନଙ୍କ ଝିଅ ସୁଷମା ବର୍ମନ କାଲିମେଳା ଗ୍ରାମର ତପେନ୍ଦୁ ସରକାରଙ୍କୁ ପ୍ରେମ ବିବାହ କରିଥିଲେ । ପ୍ରଥମେ ପ୍ରେମ ପରେ ବିବାହ, ଉଭୟ ପରିବାର ଅନିଚ୍ଛା ସତ୍ୱେ ପ୍ରେମ ଡୋରିରେ ବାନ୍ଧି ହୋଇ ଏବେ ଭୋଗୁଛନ୍ତି ନିର୍ଯାତନା ସୁଷମା।

ସୂଚନା ମୁତାବକ, ୨୦୧୬ ମସିହାରେ ପ୍ରେମ ବିବାହ କରିଥିଲେ ଠିକ ଠାକ ଚାଲିଥିଲା ସଂସାର, କିନ୍ତୁ ଏକ ବର୍ଷ ପରେ ଶ୍ୱଶୁର ଘରେ ଆରମ୍ଭ ହେଲା ସୁଷମାଙ୍କ ଉପରେ ନିର୍ଯ୍ୟାତନା । କେତେବେଳେ ଟଙ୍କାପାଇଁ ନିର୍ଯାତନା ତ କେତେବେଳେ ଶାରୀରିକ ନିର୍ଯ୍ୟାତନା, ସୁଷମାଙ୍କ କହିବା ଅନୁଯାୟୀ ସ୍ୱାମୀ ତପେନ୍ଦୁ ସୁଷମାଙ୍କୁ ବିଭିନ୍ନ ଆଳ ଦେଖାଇ ବିଭିନ୍ନ ଲଜ କୁ ନେଇ ଯାଇ ପାରୁଛି ହେଲେ ଘରେ ରଖିବା ପାଇଁ ଡରୁଛି। ଏ କି ପ୍ରକାର ଭଲପାଇବା ଖାଲି ହୋଟେଲ ନେଇ ମନୋରଞ୍ଜନ କରି ଗୋଟିଏ ଝିଅକୁ ଅଧା ରାସ୍ତାରେ ଛାଡିବା କେତେ ଦୂର ଠିକ ବୋଲି ସୁଷମା ଅଭିଯୋଗ କରିଛନ୍ତି। କଥାଯାଇ ଦାନ୍ଡରେ ପଡି ହାଟରେ ଗଡ଼ିଲାଣି, କିନ୍ତୁ ବୋହୁକୁ ସ୍ୱୀକାର କରୁନାହାନ୍ତି ପୁଅ ଘର ଲୋକେ। ଏ ନେଇ ଶ୍ୱଶୁର, ଶାଶୁ ଏବଂ ସ୍ୱାମୀ ନାମରେ ମାମଲା ହୋଇ ବର୍ତ୍ତମାନ କୋର୍ଟରେ ବିଚାରଧୀନ ଅବସ୍ଥାରେ ଅଛି । କିଛିଦିନ ତଳେ ମାନବାଧିକାର ଏବଂ ପୋଲିସର ମିଳିତ ଉଦ୍ୟମରେ ଦୁଇ ପରିବାରକୁ ବୁଝାସୁଝା କରି ସୁଷମାଙ୍କୁ ତାଙ୍କ ଶ୍ୱଶୁର ଘରେ ଛାଡ଼ି ଯାଇଥିଲେ। କିନ୍ତୁ ଗତକାଲି ଖବର ମିଳିଥିଲା ଯେ ତାଙ୍କ ଶ୍ୱଶୁର ଘର ଲୋକେ ସୁଷମାଙ୍କୁ ସେହି ଘରେ ତାଲା ପକାଇ ଅନ୍ୟତ୍ର କୁଆଡେ ଚାଲିଯାଇଛନ୍ତି । ଏହି ଖବର ପାଇଲା ପରେ ପୋଲିସ ଏବଂ ମାନବାଧିକାର ଦଳ ଆସି ସୁଷମାଙ୍କୁ ଉଦ୍ଧାର କରି ତାଙ୍କ ବାପା ଘରେ ଛାଡ଼ିଛନ୍ତି । ସ୍ୱାମୀଙ୍କୁ ଡାକି ପୋଲିସ ଉଭୟଙ୍କୁ ବୁଝାସୁଝା କରି ଘରକୁ ପଠାଯାଇଛି, କିନ୍ତୁ ଏବେ ମଧ ଘରେ ନା ରହୁଛନ୍ତି ସ୍ୱାମୀ ନା ରହିଛନ୍ତି ଶାଶୁ ଶ୍ୱଶୁର, କିନ୍ତୁ ସୁଷମା ଏବେ ମଧ ପରିବାରର ବାଟ ଚାହିଁ ବସିଛନ୍ତି ସ୍ୱମୀଙ୍କ ଘରେ। ସୁଷମାଙ୍କୁ କଣ ଆପଣାଇ ନେବେ କି ପରିବାର ନା ଏହି ଘଟଣାର କିଛି ନୂଆ ମୋଡ଼ ଦେଖିବାକୁ ମିଳିବ ତାହା ଦେଖିବାକୁ ବାକି ରହିଲା ।

# ଭାରତୀୟ ରେଡକ୍ରସ ସଂସ୍ଥା କେନ୍ଦୁଝର ଶାଖା ପକ୍ଷରୁ କମ୍ବଳ ବଂଟନ

ଘଟଗାଁ, (ପିଏନ)- କେନ୍ଦୁଝର ଜିଲ୍ଲା ତେଲକୋଇ ନିର୍ବାଚନ ମଣ୍ଡଳୀ ହରିଚନ୍ଦନପୁର ବ୍ଲକ ଅଧିନସ୍ଥ ବଣ ପାହାଡ ଘେରା ଉପାନ୍ତ ଆଦିବାସୀ ଅଂଚଳ ନୋଲ୍ଲ, ବାଉଁରୁ, କନ୍ହେଇଗୋଳା ଆଦି ଗ୍ରାମର ଅସହାୟ ଶତାଧିକ ବୃଦ୍ଧ ବୃଦ୍ଧା, ଭିନ୍ନକ୍ଷମଙ୍କୁ ଭାରତୀୟ ରେଡକ୍ରସ ସଂସ୍ଥା କେନ୍ଦୁଝର ଶାଖା ପକ୍ଷରୁ ଉନ୍ନତମାନର କମ୍ବଳ, ଦେହଲଗା ସାବୁନ ବଂଟନ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ସୁଷମା ବିଲୁଙ୍ଗ, ଆପାତକାଳୀନ ଅଧିକାରିଣୀ ସୁରଂଜୀକା ବେହେରା, ଜିଲ୍ଲା ରେଡକ୍ରସ ଯୁଗ୍ମ ସଂପାଦକ ଏ.ଆର. ଖାନ, ସତ୍ୟବାଦୀ ଲାଗୁରୀ ପ୍ରମୁଖଙ୍କ ନେତୃତ୍ୱରେ ଗରୀବ ଲୋକଙ୍କୁ କମ୍ବଳ ବଂଟନ ସମ୍ପନ୍ନ ହୋଇଥିଲା ।

ଏଠାରେ ସୂଚନାଯୋଗ୍ୟ ଯେ, ଏଥି ପୂର୍ବରୁ ଜିଲ୍ଲାପାଳ ଆଶିଷ ଠାକରେଙ୍କ ନିର୍ଦ୍ଦେଶ କ୍ରମେ ହରିଚନ୍ଦନପୁର ବ୍ଲକର କୁଆଁଝରଣ ଆଦିବାସୀ ଗ୍ରାମର, ତେଲକୋଇ ବ୍ଲକର ଖଡୁରିଆ ଗ୍ରାମ ଓ ଝୁମ୍ପୁରା ବ୍ଲକର ବାଲିବନ୍ଧ ଛୋଟୁସାହି ଆଦି ଗ୍ରାମର ନିରାଶ୍ରୟ ଅସହାୟ, ଅକର୍ମଣ୍ୟ ଲୋକଙ୍କୁ କମ୍ବଳ, ସାନିଟାଇଜର କିଟ୍ ବଣ୍ଟନ କରାଯାଇଥିଲା ।

# ଦିବାକର ଦାସ ସ୍ମାରକୀ ପଠଗାରର ୪ର୍ଥ ବାର୍ଷିକ ଉତ୍ସବ

**ଜଗତସିଂହପୁର, (ପିଏନ):** ଜଗତସିଂହପୁର ଜିଲ୍ଲା ସଦର ମହକୁମା ସ୍ଥିତ ଆଦିକବି ଶାରଳା ଦାସ ସଂସ୍କୃତି ଭବନ ପରିସରରେ ଦିବାକର ଦାସ ସ୍ମାରକୀ ପାଠାଗାରର ୪ର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ପ୍ରତାପକୁମାର ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଏହି ଉତ୍ସବକୁ ଉଦଘାଟକ ଭାବେ ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ ଯୋଗ ଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡିଶା କୃଷି ଓ ବୈଷୟିକ ବିଦ୍ୟାଳୟର କୁଳପତି ପ୍ରଭାତକୁମାର ରାଉଳ, ମୂଖ୍ୟବକ୍ତା ଭାବେ ଜମିଜମା ପରିମାପକ ଓଡିଶା କଟକ ଅତିରିକ୍ତ ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ବେହେରା, ସମ୍ମାନନୀୟ ଅତିଥି ଭାବେ ଶିକ୍ଷା ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଡିନ ପ୍ରଫେସର ଜ୍ୟୋତି ରଞ୍ଜନ ଦାଶ, ସମ୍ମାନନୀୟ ଅତିଥି ତନ୍ମୟ ଦାସ,ସୂଚ଼ନା ଓ ଲୋକସମ୍ପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟ ରଞ୍ଜନ ମହାନ୍ତି, ଶିକ୍ଷାବିତ ମହେନ୍ଦ୍ରକୁମାର ଆଚ଼ାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଆଦର୍ଶ ଶିକ୍ଷକ ଦିବାକର ଦାସଙ୍କ ସ୍ମୃତିଚ଼ାରଣ କରିବା ସହ ପାଠାଗାରକୁ ଲୋକମାନେ କିପରି ପସନ୍ଦ କରିବେ ଓ ଇଣ୍ଟରନେଟ ଯୁଗରେ ପୁସ୍ତକକୁ କିପରି ପସନ୍ଦ କରିବେ ସେ ସମ୍ପର୍କରେ ଆଲୋଚ଼ନା କରିଥିଲେ। ଏହି ଅବସରରେ ଦିବାକର ଦାସ ସ୍ମୃତି ସମ୍ମାନରେ ସ୍ୱାଧୀନତା ସଂଗ୍ରାମୀ ମାଧବାନନ୍ଦ ମନୋହାରୀ, ସମାଜସେବୀ ହେମନ୍ତକୁମାର ରଥ, ଶିକ୍ଷାବିତ ନିମାଇଁ ଚ଼ରଣ ଦାସ ଓ ସରୋଜକାନ୍ତ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯିବସହ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ପାଠାଗାରର ଏକ ବାର୍ଷିକ ମୁଖପତ୍ର ଅତିଥିମାନଙ୍କ ଦ୍ୱାରା ଉନ୍ମୋଚ଼ିତ ହୋଇଥିଲା। ଶେଷରେ ପାଠାଗାରର ସମ୍ପାଦକ ତଥା ବାଲିକୁଦା ଜିଲ୍ଲା ପରିଷଦ ସଦସ୍ୟ ଜଟାଧାରୀ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚ଼ୟ ପ୍ରଦାନ କରିଥିବା ବେଳେ ପାଠାଗାର ର ଉପଦେଷ୍ଟା ତଥା ଶିକ୍ଷାବିତ ଅରୁଣକୁମାର ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ତ୍ରିଲୋଚ଼ନ ପାଢ଼ୀ କାର୍ଯ୍ୟକ୍ରମକୁ ସଯୋଜନା କରିଥିବା ବେଳେ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ଧନ ବ୍ୟାଙ୍କ ପକ୍ଷରୁ ନୂଆ ବ୍ରାଣ୍ଡ ଅଭିଯାନ-ଜହାଁ ବନ୍ଧନ, ୱହାଁ ଟ୍ରଷ୍ଟ୍ ଉନ୍ମୋଚିତ

**ଭୁବନେଶ୍ୱର(ପିଏନ):**ଦେଶର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ବ୍ୟାଙ୍କ ବନ୍ଧନ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କର ବ୍ରାଣ୍ଡ୍ ଆମ୍ବାସାଡର କ୍ରିକେଟ୍ କିମ୍ବଦନ୍ତୀ ସୌରଭ ଗାଙ୍ଗୁଲିଙ୍କୁ ନେଇ ନୂଆ ସମନ୍ୱିତ ମାର୍କେଟିଂ ଅଭିଯାନର ଶୁଭାରମ୍ଭ କରାଯାଇଛି। "ଜହାଁ ବନ୍ଧନ, ୱହାଁ ଟ୍ରଷ୍ଟ୍' ଅଭିଯାନ ସାତ ବର୍ଷରେ ବ୍ୟାଙ୍କ ଏବଂ ବ୍ୟାଙ୍କରେ ପରିଣତ ହେବା ପୂର୍ବରୁ ଗତ ଦୁଇ ଦଶନ୍ଧି ଧରି ବିଭିନ୍ନ ଅବତାରରେ ଏହା ହାସଲ କରିବାରେ ସଫଳ ହୋଇଥିବା ବିଶ୍ୱାସ ଉପରେ ଗୁରୁତ୍ୱାରୋପ କରୁଛି। ବ୍ୟାଙ୍କ ହାସଲ କରିବାରେ ସଫଳ ହୋଇଥିବା ଗ୍ରାହକ ଏବଂ ଅଂଶୀଦାରମାନଙ୍କ ବିଶ୍ୱାସକୁ ପ୍ରଦର୍ଶିତ କରିବା ଲାଗି ଏହି ଅଭିଯାନରେ ଗାଙ୍ଗୁଲିଙ୍କ କ୍ୟାରିୟର କ୍ରମାନ୍ୱୟକୁ ବ୍ୟବହାର କରାଯାଇଛି ଯିଏ ସାତ ବର୍ଷ ପୂର୍ବେ ବ୍ୟାଙ୍କ ଶୁଭାରମ୍ଭ ହେବା ମାତ୍ରେ ବ୍ୟାଙ୍କର ଗ୍ରାହକ ହୋଇଥିଲେ। ଏହି ସିନେମାରେ ଗାଙ୍ଗୁଲି ନିଜ ଜୀବନର ସ୍ମୃତିଚାରଣ କରୁଛନ୍ତି ଯେତେବେଳେ



ସେ ଜଣେ ତାରକା ହୋଇନଥିଲେ ଏବଂ ସେତେବେଳେ ପଡ଼ିଆରେ କିଛି ହାତଗଣତି ଦର୍ଶକ ଥିଲେ। ସେ କଠିନ ପରିଶ୍ରମ କରିଥିଲେ, ରନ୍ ସ୍କୋର କରିବା ଆରମ୍ଭ କରିଥିଲେ ଏବଂ ନିଜକୁ ଟିମ୍‌ର ଜଣେ ଭରସାଯୋଗ୍ୟ ସଦସ୍ୟ ଭାବେ ପ୍ରତିଷ୍ଠିତ କରିଥିଲେ, ସେ କୋଟି କୋଟି ଲୋକଙ୍କ ବିଶ୍ୱାସ ଜିତିପାରିଥିଲେ ଏବଂ ଅଧିକ ଲୋକ ଷ୍ଟାଡିୟମ୍‌କୁ ଆସିଥିଲେ। ସେହିଭଳି ସମାନ ଢଙ୍ଗରେ ବନ୍ଧନ ବ୍ୟାଙ୍କ ଏକ ଛୋଟ ଏନ୍‌ଜିଓ ଭାବେ ଆରମ୍ଭ ହୋଇଥିଲା। ଏହା ସମ୍ପ୍ରସାରିତ ହୋଇଥିଲା ଏବଂ ଏହାର କାମକୁ ଅଂଶୀଦାରମାନଙ୍କ ସ୍ୱୀକୃତି ମିଳିଥିଲା ଏବଂ ବନ୍ଧନ ବ୍ୟାଙ୍କ ଲୋକମାନଙ୍କ ବିଶ୍ୱାସ ଜିତିପାରିଥିଲା।ନୂଆ "ଜହାଁ ବନ୍ଧନ, ବହାଁ ଟ୍ରଷ୍ଟ' ଅଭିଯାନ ସମ୍ପର୍କରେ ଅପୂର୍ବ ସିରକାର୍, ମାର୍କେଟିଂ ମୁଖ୍ୟ, ବନ୍ଧନ ବ୍ୟାଙ୍କ କହିଛନ୍ତି ଯେ, "ଗତ ସାତ ବର୍ଷରେ ବନ୍ଧନ ବ୍ୟାଙ୍କ ୩୪ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳରେ ଏହାର ଉପସ୍ଥିତି ଜାହିର କରିଥିବା ବେଳେ ଏହାର ୨.୭୭ କୋଟିରୁ ଅଧିକ ଗ୍ରାହକ ରହିଛନ୍ତି ଏବଂ ଏହାର ବୁକ୍ ସାଇଜ୍ ହେଉଛି ପାଖାପାଖି ୨ ଲକ୍ଷ କୋଟି ଟଙ୍କା। ଗ୍ରାହକମାନଙ୍କ ବିଶ୍ୱାସ ଯାହା ବ୍ୟାଙ୍କ ହାସଲ କରିବାରେ ସଫଳ ହୋଇଛି, ସେଥିପାଇଁ ଏହା ସମ୍ଭବ ହୋଇପାରିଛି। ଦାଦା (ଗାଙ୍ଗୁଲିଙ୍କ) ଜୀବନକୁ ସମସ୍ତେ ଦେଖିଛନ୍ତି। ଯଦିଓ ଉଭୟ ଦାଦା ଏବଂ ବନ୍ଧନ ବ୍ୟାଙ୍କର ଉତ୍ପତି ପଶ୍ଚିମବଙ୍ଗରେ ହୋଇଛି, କିନ୍ତୁ ତାହା ସେମାନଙ୍କୁ ପରିଚୟ ନିର୍ଧାରଣ କରିବାକୁ ସେମାନେ ଦେଇନାହାନ୍ତି ବରଂ ସାରା ଦେଶ ଓ ଦୁନିଆରେ ନିଜକୁ ପ୍ରତିଷ୍ଠିତ କରି କୋଟି କୋଟି ଲୋକଙ୍କ ବିଶ୍ୱାସ ଜିତିଛନ୍ତି। ଉଭୟ ବ୍ରାଣ୍ଡ୍‌ର ସେହି ସମାନ ଯାତ୍ରାରୁ ଅନୁପ୍ରାଣିତ ହୋଇ ଆମର ଏହି ଅଭିଯାନ ପ୍ରସ୍ତୁତ କରାଯାଇଛି।''ଖୁସି ବିଷୟ ଏହା ଯେ ପ୍ରଥମ ଥର ପାଇଁ ବନ୍ଧନ ବ୍ୟାଙ୍କ ଜଣେ ସର୍ବଭାରତୀୟ ବ୍ରାଣ୍ଡ୍ ଆମ୍ବାସାଡରଙ୍କୁ ନିଯୁକ୍ତି ଦେଇଛି।

# ୨୦୨୨ରେ ଜଳ ସମ୍ପଦ ବିଭାଗ କାର୍ଯ୍ୟରେ ଉଲ୍ଲେଖନୀୟ ସଫଳତା

## ଦେଓ ମଧ୍ୟମ ସଂପୂର୍ଣ୍ଣକରଣ ଓ ସୁବର୍ଣ୍ଣରେଖା ପ୍ରକଳ୍ପରେ ଅତିରିକ୍ତ ଜଳସେଚନ ସୁବିଧା

ଭୁବନେଶ୍ୱର (ପିଏନ)- ୨୦୨୨ମସିହାରେ ରାଜ୍ୟ ଜଳସଂପଦ ବିଭାଗକୁବିଭିନ୍ନ କାର୍ଯ୍ୟରେ ଉଲ୍ଲେଖନୀୟ ସଫଳତା ମିଳିଛି ।ସେସବୁ ମଧ୍ୟରେ ରହିଛି ମୟୂରଭଞ୍ଜ ଜିଲ୍ଲାର ଦେଓ ଜଳସେଚନ ପ୍ରକଳ୍ପର ସଂପୂର୍ଣ୍ଣକରଣ କାର୍ଯ୍ୟ । ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ୨୦୨୨ ଅଗଷ୍ଟ ୧୨ ତାରିଖରେ ଲୋକାର୍ପିତ କରିଥିଲେ । ଏହି ପ୍ରକଳ୍ପ ଦ୍ୱାରା ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ଓ ଶୁକୁରୁଳି ବ୍ଲକ ଏବଂ କେନ୍ଦୁଝର ଜିଲ୍ଲାର ସାହାଡାପଦା ବ୍ଲକର ମୋଟ ୧୦୦ ଟି ଗ୍ରାମର ୯୯୦୦ ହେକ୍ଟର ଜମିକୁ ଜଳସେଚନ ସୁବିଧା କରାଯାଇପାରିଛି । ସେହିପରି ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପରେ ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟାରମ୍ଭ କରାଯାଇଥିବା ୬୯,୯୩୩ ହେକ୍ଟର ମଧ୍ୟରୁ ବର୍ଷଶେଷ ସୁଦ୍ଧା ୫୨,୪୮୦ହେକ୍ଟର ଜମିକୁ କେନାଲ ଯୋଗେ ଜଳସେଚନ ସୁବିଧା କରାଯାଇଛି ।ଗତ ଅଗଷ୍ଟ ୧୨ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ସିଷ୍ଟମରେ ଅତିରିକ୍ତ ୧୭,୧୨୧ହେକ୍ଟର ଅଂଚଳକୁ ଜଳସେଚନ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ ।

ସେହିପରି ମହାନଦୀ-ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳରେ ଅବଶିଷ୍ଟ କାର୍ଯ୍ୟକୁ ସଂପୂର୍ଣ୍ଣ କରାଯାଇଛି । ଏହି ପ୍ରକଳ୍ପ ଦ୍ୱାରା କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ, ଗରଦପୁର ଏବଂ ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ଏବଂ କଟକ ଜିଲ୍ଲାର ନିଶ୍ଚିନ୍ତକୋଇଲି ବ୍ଲକର ମୋଟ ୬୪ଟି ଗ୍ରାମର ୬୦୦୦ ହେକ୍ଟର ଜମିକୁ ଜଳସେଚନ ସୁବିଧା କରାଯାଇପାରିଛି ।ଆହୁରି ମଧ ବରଗଡ ଜିଲ୍ଲା ଗଙ୍ଗାଧର ମେହେର ଲିଫ୍ଟ କେନାଲ ପ୍ରକଳ୍ପ ନିର୍ମାଣରେ ଅଗ୍ରଗତି ଘଟିଛି । ସ୍ଥାନୀୟ କୃଷକମାନଙ୍କ ଅନୁରୋଧକୁ ବିଚାରକୁ ନିଆଯାଇ ଆଉ ୫୭୫୦ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା କରାଯିବା ପାଇଁ ନିଷ୍ପତ୍ତି ନିଆଯିବା ପରେ ଏଥିପାଇଁ ଅତିରିକ୍ତ କାମ ବାବଦକୁ ୧୭୭ .୧୦ କୋଟି ଟଙ୍କା ଖର୍ଚ୍ଚ ବରାଦ କ୍ୟାବିନେଟ୍ ଦ୍ୱାରା ଅନୁମୋଦନ ଲାଭ କରିଛି । ଏହାକୁ ମିଶାଇ ଗଙ୍ଗାଧର ମେହେର ଲିଫ୍ଟ କେନାଲ ପ୍ରକଳ୍ପରେ ମୋଟ ସେଚାଂଚଳ ୨୫,୬୦୦ ରୁ ୩୧,୩୫୦ ହେକ୍ଟରକୁ ବୃଦ୍ଧି ପାଇଛି । ସେହିପରି ପୁନର୍ବାସ ଓ ଥଇଥାନ ସମସ୍ୟା ଦୂର ପରେ କାନୁପୁର ଜଳ ସେଚନ ପ୍ରକଳ୍ପର ହେଡ୍ ୱାର୍କ ଏବଂ କେନାଲ ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ଘଟିଛି ।

୨୦୨୨ରେ ମୋଟ ୪୪ଟି ମେଗା ଜଳସେଚନ ପ୍ରକଳ୍ପ ସଂପୂର୍ଣ୍ଣ କରାଯାଇଥିବା ବେଳେ ବିଭାଗର ଅନ୍ୟ ସମସ୍ତ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇଥିବା ରାଜ୍ୟ ଜଳସଂପଦ ବିଭାଗ ତରଫରୁ ଜଣାଯାଇଛି ।






Bhubaneswar Saturday January 14, 2023 ଭୁବନେଶ୍ୱର, ଶନିବାର, ଜାନୁଆରୀ ୧୪,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com





ହକି ବିଶ୍ୱକପ ପାଇଁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଓ ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମରେ ଦର୍ଶକଙ୍କ ଭିଡ

### ରାଜ୍ୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦଘାଟିତ

# ସ୍ପୋର୍ଟସ ହବ୍ ପାଲଟିବ ବଲାଙ୍ଗିର- ନରସିଂହ

**ବଲାଙ୍ଗୀର,(ପିଏନ)-** ସ୍ଥାନୀୟ ପିଆର ହାଇସ୍କୁଲ ବ୍ୟାଡମିନ୍ଟନ ଇନଡୋର ଷ୍ଟାଡିଅମ ଠାରେ ଆଜି ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ମୁଖ୍ୟ ଅତିଥି ରୁପେ ଯୋଗଦେଇ ବିଧିବଦ୍ଧ ଭାବେ ୯, ୧୧,୧୫ ଓ ୧୭ ବର୍ଷ ବର୍ଗର ରାଜ୍ୟ ବ୍ୟାଡମିନ୍ଟନ ର୍ୟାଙ୍କିଂ ପ୍ରତିଯୋଗିତାକୁ ଉଦଘାଟନ କରିଛନ୍ତି । ପ୍ରତିଯୋଗିତାର ସାଙ୍ଗଠନିକ ସଂପାଦକ ସୁରୁଲାଲ ମଟାରୀଙ୍କ ସଂଯୋଜନାର ଆୟୋଜିତ ଏହି ଉଦଘାଟନି କାର୍ଯ୍ୟକ୍ରମରେ ଶ୍ରୀ ମିଶ୍ର ନିଜ ବକ୍ତବ୍ୟରେ କହିଛନ୍ତି ଯେ, ବହୁ ଶିଘ୍ର ବଲାଙ୍ଗିର ଏକ ସ୍ପୋର୍ଟସ ହବ୍ ରେ ପରିଣତ ହେବ । ଜିଲ୍ଲାରୁ ବିଭିନ୍ନ ଖେଳର ଅନେକ ଖେଳାଳି ରାଜ୍ୟ ଓ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରୁଛନ୍ତି । କିନ୍ତୁ, ଭିତିଭୂମି ଅଭାବ ଦୃଷ୍ଟିରୁ ସେମାନେ ତାଙ୍କ ଖେଳ ସ୍ତରରେ ଉନ୍ନତି କରି ପାରୁ ନଥିଲେ, କିନ୍ତୁ ବର୍ତମାନ ଆଉ ସେ ସ୍ଥିତି ନାହିଁ । ଏହି ଇନଡୋର ଷ୍ଟାଡିଅମ ଆଗାମୀ ଦିନରେ ଅନେକ ଜାତୀୟ ସ୍ତରର ଖେଳାଳି ପ୍ରସ୍ତୁତ କରିବ ବୋଲି ଶ୍ରୀ ମିଶ୍ର କହିଥିଲେ । ସମ୍ମାନୀତ ଅତିଥି ଭାବେ ବଲାଙ୍ଗିର ଜିଲ୍ଲାପାଳ ଚଂଚଲ ରାଣା ଯୋଗଦେଇ ବଲାଙ୍ଗିରକୁ ରାଜ୍ୟ ପ୍ରତିଯୋଗିତା ଆୟୋଜନ କରିବା ପାଇଁ ରାଜ୍ୟ ସଂଘ ଲଗାତାର ଦ୍ୱିତୀୟ ଥର ସୁଯୋଗ ଦେଇଥିବା ଏବଂ ଏହି ସୁଯୋଗକୁ ସାମର୍ଥ୍ୟର ସହ ପାଳନ କରୁଥିବା ପାଇଁ ଜିଲ୍ଲା ସଂଘକୁ ସାଧୁବାଦ ଦେଇଥିଲେ । ଆହୁରି ଆଗାମୀ ଦିନରେ ଜାତୀୟ ବ୍ୟାଡମିନ୍ଟନ ପ୍ରତିଯୋଗିତା ପାଇଁ ବଲାଙ୍ଗିର ପ୍ରସ୍ତୁତ ଅଛି । ସେଥିପାଇଁ ଆବଶ୍ୟକ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଯଥାଶିଘ୍ର ପୁରଣ କରାଯିବ ବୋଲି କହିଥିଲେ । ସେହିପରି ଏସିଆର ସର୍ବବୃହତ ଅଣ୍ଡା ଉତ୍ପାଦନକାରୀ ଫାର୍ମର ପରିଚାଳନା ନିର୍ଦ୍ଦେଶକ ସମରେନ୍ଦ୍ର ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳ ଓ ଖେଳାଳିଙ୍କ ଉନ୍ନତି ଦିଗରେ ସମସ୍ତ ପ୍ରୟାସ କରାଯିବ । ତାଛଡା ବଲାଙ୍ଗିରରେ ଜାତୀୟ ସ୍ତରର ପ୍ରତିଯୋଗିତା ପାଇଁ ଆୟୋଜକଙ୍କୁ ସମସ୍ତ ସହେଯାଗ ଯୋଗାଇ ଦିଆଯିବ ବୋଲି କହିଥିଲେ । ବଲାଙ୍ଗିର ଏସପି ନିତିନ କୁଶଲକର ବ୍ୟାଡମିନ୍ଟନ ସଂଘର ଉଦ୍ୟମକୁ ପ୍ରଶଂସା କରିବା ସହ ବ୍ୟାଡମିନ୍ଟନ ପାଇଁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂଘ ସଭାପତି ଗୋପାଳ ପଣ୍ଡା, ଜିଲ୍ଲା ସଂଘ କାଯ୍ୟକାରୀ ସଭାପତି ପବିତ୍ର ବେହେରା, ପିଆର ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନି ସେଠି, ସିଏସି ଅଧ୍ୟକ୍ଷ ମନୋରଞ୍ଜନ ଦାଶ, ରେଫରି ଲଖ୍ୟପତି ନନ୍ଦ ଓ ଡେପୁଟି ରେଫରି ଜୟନ୍ତ ମିଶ୍ର ମଂଚାସିନ ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନଙ୍କୁ ଜିଲ୍ଲା ସଂଘର କାର୍ଯ୍ୟକର୍ତାମାନେ ଫୁଲତୋଡା ଦେଇ ସ୍ୱାଗତ କରିବା ସହ ମଂଚକୁ ପାଛୋଟି ନେଇଥିଲେ । ମଂଚରେ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧନା ପର୍ବ ପରେ ମୁଖ୍ୟ ଅତିଥି ଶ୍ରୀ ମିଶ୍ର ଫିତା କାଟି ଖେଳ ଆରମ୍ଭ ଘୋଷଣା କରିଥିଲେ । ପ୍ରଥମ ଦିନରେ ମିନି ଓ ସବ ଜୁନିଅର ବର୍ଗର ସମୁଦାୟ ୮୫ଟି ମ୍ୟାଚ ହେବା ସୂଚନା ରହିଛି । ସହରର ଶହ ଶହ ଛାତ୍ରଛାତ୍ରୀ, ଖେଳ ପ୍ରେମୀ ପ୍ରତିଯୋଗିତାକୁ ବେଶ ଉପଭୋଗ କରୁଥିବା ଦେଖିବାକୁ ମିଳିଛି ।

# ସାମ୍ବିଧାନିକ କର୍ତବ୍ୟ ଓ ଅଧିକାର ସମ୍ପର୍କିତ ଆଇନ ସଚେତନତା ଶିବିର

**ଜୟପୁର, (ପିଏନ)-** ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ଆନୁକୁଲ୍ୟରେ ସୌରଗୁଡା ବିଦ୍ୟାଳୟରେ ଠାରେ ସାମ୍ବିଧାନିକ କର୍ତବ୍ୟ ଓ ଅଧିକାର ସମ୍ପର୍କିତ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ସଚିବ ତଥା ବିଚାରପତି ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁରର ସୁମନ ଜେନା, ପାନେଲ ଓକିଲ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ଗୁପ୍ତ ସାବତ, ସୌରଗୁଡା ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରି କମଳା କୁମାରୀ ଦାଶ, ପାରା ଲିଗାଲ ସ୍ୱେଛାସେବୀ ରାଜଲକ୍ଷ୍ମୀ ପରିଡା ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ଅଙ୍ଗନବାଡି କର୍ମୀ ଏବଂ ୧୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉକ୍ତ ସାମ୍ବିଧାନିକ କର୍ତବ୍ୟ ଓ ଅଧିକାର ସମ୍ପର୍କିତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ସଚିବ ଶ୍ରୀ ଜେନା ଜିଲ୍ଲା ଆଇନ ସେବା ଦ୍ୱାରା ଯେପରି ମାଗଣା ଆଇନସେବା, ମଧ୍ୟସ୍ଥତା ଓ ଆପୋଷ ମିଳାମିଶା ମାଧ୍ୟମରେ ମାମଲାର ସମାଧାନ, ପ୍ରାକ-ମୋକଦ୍ଦମା, ବାଧ୍ୟତାମୂଳକ ଶିକ୍ଷାଗତ ଅଧିକାର ଅଧିନିୟମ ଓ ଜାତୀୟ ଆଇନ ସେବାପ୍ରାଧିକରଣ ଦ୍ୱାରା ପ୍ରଦତ୍ତ ୧୦ ଟି ନୂଆ ଯୋଜନା ଏବଂ ସରକାରଙ୍କ ବିଭିନ୍ନ ଜନ ମଙ୍ଗଳକାରୀ ଯୋଜନା କିପରି ଲୋକମାନଙ୍କ ପାଖକୁ ପହଂଚିବ ତାହା ଉପରେ ବର୍ଣ୍ଣନା କରିଥିଲେ ଓ ଶେଷରେ ସାମ୍ବିଧାନିକ କର୍ତବ୍ୟ ଓ ଅଧିକାର ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ପରିଶେଷରେ ପ୍ରଧାନ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ହସାକ୍ଷୀଗୋପାଳ କଲେଜରେ ଜାତୀୟ ଯୁବ ଦିବସ ଓ ପୁସ୍ତକ ଲୋକାର୍ପଣ

ସାକ୍ଷୀଗୋପାଳ, (ପିଏନ)- ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଯୁବ ରେଡ଼କ୍ରସ ଓ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ଉତ୍ସାହ ଓ ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷ ଡ଼ଃ. ରତିକାନ୍ତ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ଗବେଷକ ଡ଼ଃ. ସୁରେନ୍ଦ୍ର ନାଥ ମିଶ୍ର ଓ କବି ଅଧ୍ୟାପକ ପବିତ୍ର ମୋହନ ଦାଶ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଦେଶ ଓ ଜାତିର ଇତିହାସକୁ ନେଇ ଗ୍ଲାନି ବୋଧ ତ୍ୟାଗ କରି ଯଥାର୍ଥ ଗୌରବବୋଧ କଲେ ମଣିଷ ଅତୀତରୁ ପ୍ରେରଣା ପାଏ, ସତ୍ୟବାଦୀର ପଂଚସଖା ହେଉ ବା ଭାରତୀୟ ନବଜାଗରଣ କାଳର ସନ୍ଥ ସନ୍ୟାସୀ, ସଂସ୍କାରକ ସ୍ୱାମୀ ବିବେକାନନ୍ଦ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ହୁଅନ୍ତୁ, ଏମାନଙ୍କ ବିଶ୍ୱଦୃଷ୍ଟି ଭାରତୀୟ ମଣିଷକୁ ରାଜନୈତିକ ପରାଧୀନତାରୁ ମୁକ୍ତ କରିବା ସହ ସାଂସ୍କୃତିକ ଜଡ଼ତା ଓ ଧାର୍ମିକ ଅନ୍ଧବିଶ୍ୱାସରୁ ମୁକୁଳାଇଥିଲା ବୋଲି ଡ଼ଃ. ମିଶ୍ର ତାଙ୍କ ଭାଷଣରେ କହିଥିଲେ । ଉତ୍ସବର ମୁଖ୍ୟବକ୍ତା ପବିତ୍ର ମୋହନ ଦାଶ ସ୍ୱାମୀ ବିବେକାନନ୍ଦଙ୍କ ବିଚାରର ବ୍ୟାପକତା, ମାନବୀୟ ଅନୁରାଗ ଗୁଡିକରେ ଅଧ୍ୟାତ୍ମର ଝଲକ ତାଙ୍କୁ ଏକ ଅନନ୍ୟ ସନ୍ୟାସୀର ପରିଚୟ ଦେଇଛି ଓ ଅସଲ ଅଧ୍ୟାତ୍ମର ବ୍ୟତିରେକ ଧର୍ମ ଓ ଧର୍ମାଚାର କେବଳ ଶୁଷ୍କ କର୍ମକାଣ୍ଡ ବୋଲି ମତଦେଇଥିଲେ । ଅଧ୍ୟକ୍ଷ ଡ଼ଃ. ପରିଡ଼ା ଆପଣାର ସଭାପତୀୟ ଅଭିଭାଷଣରେ ସ୍ୱାମୀ ବିବେକାନନ୍ଦ ଚିରଦିନ ପାଇଁ ଯୁବମାନସର ଆଦର୍ଶ ଓ ପ୍ରେରଣା ହୋଇ ରହିବେ ବୋଲି କହିଥିଲେ। ଉତ୍ସବରେ ଡ଼ଃ. ସୁରେନ୍ଦ୍ର ନାଥ ମିଶ୍ରଙ୍କ ପୁସ୍ତକ ' ଐତିହ୍ୟର ଓଡିଶା ' କୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ରତିକାନ୍ତ ପରିଡ଼ା ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭ ଶକ୍ତିପ୍ରସାଦ ଦାଶଙ୍କ ବେଦ ପାଠରେ ହୋଇଥିଲା । ଅଧ୍ୟାପକ ମନୋଜ ପରିଡ଼ା ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ +୩ ଶେଷବର୍ଷ ଛାତ୍ରୀ କୁମାରୀ ରାଜଲକ୍ଷ୍ମୀ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଉତ୍ସବରେ ଜାତୀୟ ସେବା ଯୋଜନା ଅଧିକାରୀ ତଥା ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ରତ୍ନାକର ସାହୁ, ପ୍ରାଧ୍ୟାପକ ନଳିନୀ ଲୋଚନ ଦାଶ ଓ ବରିଷ୍ଠ କର୍ମଚାରୀ ରାଜକିଶୋର ପତି ମଂଚାସୀନ ଥିଲେ । ଏହି ଅବସରରେ ବକ୍ତୃତା, ସଂଗୀତ ତଥା ଏକକ ଅଭିନୟ ପ୍ରତିଯୋଗିତାର ବିଜୟୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସଭାଶେଷରେ ମନୋଜ କୁମାର ସାହୁ ଭକ୍ତି ସଂଗୀତ ଏବଂ ଅଙ୍କିତା ଅଭିଷିକ୍ତା ଚୌଧୁରୀ ଓ ସୋନାଲି ସାହୁ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ଯୁବ ରେଡ଼କ୍ରସ ପରାମର୍ଶଦାତା ପ୍ର. ମନୋଜ ପରିଡ଼ା ଓ ପ୍ର. ରାଜଶ୍ରୀ ଶତପଥି ପରିଚାଳନା କରିଥିଲେ ।

MAHARISHI PLAY SCHOOL
Nurturing awareness Moulding Future
ADMISSION OPEN FOR
PLAY GROUP (2+) to Onwards
Laugh Play Learn Share
A great Place to grow @ MPS
Call now for Application:
25% reservition as per RTE Act (2009)
MAHARISHI PUBLIC SCHOOL
N-3 B/14-15, IRC Village,
Nayapalli, Bhubaneswar
PH. 2558884 / 2550786 / 8984600700 (M)
E-mail : maharishipublic13@yahoo.com
Find us on facebook.com/maharishiplayschool
FOLLOW US ON TWITTER twitter.com/maharishiplayschool

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray